

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୨ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 12 MARCH 2023

Vol.No. 34 ■ No. 66 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଏଚ୍୩ଏନ୍୨ ସଂକ୍ରମଣ ନେଇ ରାଜ୍ୟମାନଙ୍କୁ ସତର୍କ କରାଇଲା କେନ୍ଦ୍ର

## ଓଡିଶାରେ ଏପର୍ଯ୍ୟନ୍ତ ୫୯ ଏଚ୍୩ଏନ୍୨ ରୋଗୀ ଚିହ୍ନଟ

ଭୁବନେଶ୍ୱର, ୧୧/୦୩ (ନି.ପ୍ର): ଏଚ୍୩ଏନ୍୨ ସଂକ୍ରମଣ ନେଇ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳକୁକୁ ଚିଠି ଲେଖିଛି କେନ୍ଦ୍ର । ଇନଫ୍ଲୁଏଞ୍ଜା ପରି ଅସୁସ୍ଥତା ଓ ଗୁରୁତର ଶ୍ୱାସଜନିତ ସମସ୍ୟା ପ୍ରତି ସତର୍କ ରହିବା ଲାଗି ରାଜ୍ୟଗୁଡିକୁ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ଚିଠିରେ ପରାମର୍ଶ ଦିଆଯାଇଛି । ଏହାସହ କୋଭିଡ୍ ବିରୋଧୀ ୫ ସୂତ୍ରୀ କାର୍ଯ୍ୟକ୍ରମ ଚାଲୁ ରଖିବାକୁ ନିର୍ଦ୍ଦେଶ । ଟେଷ୍ଟ, ଟ୍ରାକ, ଟ୍ରିଟ୍, ଟୀକାକରଣ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛି କେନ୍ଦ୍ର । ହସ୍ପିଟାଲରେ ଇଂଜେକସନ୍ ସହ ଅକ୍ସିଜେନ୍ ପ୍ରସ୍ତୁତ ରଖିବାକୁ କେନ୍ଦ୍ର କହିଛି । ଆଜି ଅନୁଷ୍ଠିତ ଏଚ୍୩ଏନ୍୨ ଭୂତାଣୁ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଗୋଷ୍ଠୀ ସଚେତନତା, ନିଶ୍ୱାସପ୍ରଶ୍ୱାସଜନିତ ସ୍ୱଚ୍ଛତା ରକ୍ଷାକୁ ଫୋକସ ଦିଆଯାଇଛି । ବାରମ୍ବାର ହାତ ଧୋଇବାକୁ ପରାମର୍ଶ ଦିଆଯାଇଥିବାବେଳେ ସର୍ବସାଧାରଣ ସ୍ଥାନରେ ଛେପ ନ ପକାଇବାକୁ କୁହାଯାଇଛି । ଛିଙ୍କ ବେଳେ ରୁମାଲ ବା ଟିସ୍ୟୁ ପେପର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି । ସେହିପରି ସର୍ଭେଲାନ୍ସ ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ଅବଗତ କରାଇବାକୁ ପରାମର୍ଶ ଦିଆଯାଇଛି । ସଂକ୍ରମିତ ରୋଗୀଙ୍କ ସହ ବିଶେଷ ମିଳାମିଶା ନ କରିବାକୁ ଗାଇଡଲାଇନରେ କୁହାଯାଇଛି ଦେଶରେ ବର୍ତମାନ ସୁଦ୍ଧା ଏହି ସଂକ୍ରମଣ ଯୋଗୁ ୬ ଜଣଙ୍କ ମୃତ୍ୟୁ ଘଟିଛି । ଓଡ଼ିଶାରେ ଗତ ୨ ମାସ ମଧ୍ୟରେ ୫୯ଟି ଏଚ୍୩ଏନ୍୨ ଭୂତାଣୁ ଚିହ୍ନଟ ହୋଇଛି । ଗତ ଜାନୁଆରୀ ଓ ଫେବୃଆରୀ ମାସରେ ୨୨୫ଟି ନମୂନା ସଂଗ୍ରହ କରାଯାଇଥିଲା । ପରୀକ୍ଷା ପରେ ଏଥିରୁ ୫୯ଟି ଏଚ୍୩ଏନ୍୨ ପଜିଟିଭ୍ ବାହାରିଥିଲା । ଭୁବନେଶ୍ୱରସ୍ଥିତ ଆଂଚଳିକ ଭେଷଜ ଗବେଷଣା କେନ୍ଦ୍ର (ଆରଏମ୍ଆରସି) ନିର୍ଦ୍ଦେଶିକା ସଂଘମିତ୍ରା ପତି ଏହି ସୂଚନା ଦେଇଛନ୍ତି ।




# ସିବିଆଇ ଓ ଇଡି ଜାଲରେ ଲାଲୁ ଯାଦବ ପରିବାର

ନୂଆଦିଲ୍ଲୀ, ୧୧/୦୩ : ସିବିଆଇ ଓ ଇଡି ଜାଲରେ ଫଶିଛି ବିହାର ରାଜନୀତିର ହାଇପ୍ରୋଫାଇଲ ପରିବାର ଲାଲୁ ଯାଦବ ପରିବାର । ଲ୍ୟାଣ୍ଡ ଫର ଜବ୍ ସ୍କାମରେ ଯାଂଚ ଏଜେନ୍ସି ଏବେ ପୂରା ପରିବାରକୁ ଜେରା କରୁଛି ଓ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିଛି । ଶୁକ୍ରବାର ଲାଲୁ ଓ ତାଙ୍କ ସମ୍ପର୍କୀୟଙ୍କ ୨୦ ଠିକଣାରେ ଇଡି ଚଢ଼ାଉ ହୋଇଥିଲା । ସେପଟେ ଶନିବାର ସିବିଆଇ ବିହାର ଉପମୁଖ୍ୟମନ୍ତ୍ରୀ ତଥା ଲାଲୁଙ୍କ ପୁଅ ତେଜସ୍ୱୀଙ୍କୁ ଜେରା ପାଇଁ ସମନ ପଠାଇଛି । ତେବେ ତେଜସ୍ୱୀ ଜେରା ପାଇଁ ହାଜର ହୋଇନଥିବା ଜଣାପଡିଛି । ଇଡି ଓ ସିବିଆଇର କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର । ସେପଟେ କଂଗ୍ରେସ କହିଛି ଚଢ଼ାଉ କରି ବିଜେପି ସରକାର ରାଜନୀତି ପ୍ରତିଶୋଧ ନେଉଛି । ଇଡି ଓ ସିବିଆଇ କାର୍ଯ୍ୟାନୁଷ୍ଠାନକୁ ନେଇ ଆକ୍ରୋଶିତ ହୋଇପଡିଛି ପୂରା ଯାଦବ ପରିବାର । ପରିବାର ଅଭିଯୋଗ କରି କହିଛି ଗର୍ଭବତୀ ରାଜଶ୍ରୀ ଇଡିର ଦୀର୍ଘଘଂଟା ଜେରା ଯୋଗୁଁ ଅସୁସ୍ଥ ହେବା ପରେ ଡାକ୍ତରଖାନାରେ ଭର୍ତି ହୋଇଛନ୍ତି । ତଦନ୍ତକାରୀ ସଂସ୍ଥା ଅନ୍ୟାୟ ଓ ଅତ୍ୟାଚାର କରୁଛି । ସମୟ ଆସିଲେ ଏହାର ଜବାବ ଦିଆଯିବ । ଟୁଇଟ କରି ମିଶା ଭାରତୀ ବିଜେପି, ସିବିଆଇ ଓ ଇଡି ଉପରେ ବର୍ଷିଛନ୍ତି ।ସେପଟେ ବିଜେପି କହିଛି ତଦନ୍ତକାରୀ ସଂସ୍ଥା ପ୍ରମାଣ ଆଧାରରେ ଆକ୍ସନ ନେଉଛି । ଏଥିରେ ବିଚଳିତ ହୋଇପଡିଛି ଲାଲୁଙ୍କ ପରିବାର ଓ ସମ୍ପର୍କୀୟ । ଇଡିର ଚଢାଉ ସମୟରେ ଲାଲୁଙ୍କ ପୁଅ ଓ ଝିଅଙ୍କ ଠିକଣାରୁ ୨କେଜି ସୁନ, ବିଦେଶୀ ମୁଦ୍ରା, ଦାମୀ ଅଳଙ୍କାର, ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରିଛି । ୨୦୦୯-୧୪ରେ ଲାଲୁ ପ୍ରସାଦ ଯାଦବ ରେଳମନ୍ତ୍ରୀ ଥିବା ସମୟରେ ଲ୍ୟାଣ୍ଡ ଫର ଜବ ସ୍କାମ ମାମଲା ସାମ୍ନାକୁ ଆସିଥିଲା ।



# ୮ ଜିଲ୍ଲାରେ ଘଡଘଡି ସହ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୧/୦୩ (ନି.ପ୍ର): ପଶ୍ଚିମା-ଝଡ ପ୍ରଭାବରେ ୨୪ ଘଂଟା ମଧ୍ୟରେ ରାଜ୍ୟର କିଛି ଜିଲ୍ଲାରେ ଘଡଘଡି ବିଜୁଳି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର । ଏହି ଜିଲ୍ଲାଗୁଡିକ ହେଲା କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର, କନ୍ଧମାଳ , କଳାହାଣ୍ଡି , ନବରଙ୍ଗପୁର, ନୂଆପଡା ଓ କୋରାପୁଟ ।

# ଓଡ଼ିଶା ଉପରେ ଚୀନର ଆଖି : ସୁନାବେଡା, ଚାନ୍ଦିପୁର ଓ ପାରାଦୀପ ଉପରେ ନଜର

ଭୁବନେଶ୍ୱର, ୧୧/୦୩ (ନି.ପ୍ର): ଓଡିଶାର ସୁନାବେଡାରେ ଥିବା ମିଗ୍ ଇଞ୍ଜିନ୍ ଫ୍ୟାକ୍ଟ୍ରି, ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି, ଓ ପାରାଦୀପ ପୋର୍ଟ ଉପରେ ଏବେ ଚୀନର ନଜର । ଏହି ସବୁ ସମ୍ବେଦନଶୀଳ ଅଂଚଳ ସମ୍ପର୍କରେ ଗୁପ୍ତ ତଥ୍ୟ ହାତେଇବା ପାଇଁ ଗୁପ୍ତଚର ପାରା ବ୍ୟବହାର କରୁଛି ଚୀନ । ଗତ ମାର୍ଚ୍ଚ ୬ ତାରିଖରେ ପାରାଦୀପ ତଟବର୍ତୀ ଅଂଚଳରୁ ଅଳ୍ପ ଦୂରରେ ଏକ ମାଛଧରା ବୋଟରୁ ଗୁଇନ୍ଦା ପାରା ଧରା ପଡିବା ପରେ ଏହାକୁ ନେଇ ଚିନ୍ତା ବଢି ଯାଇଛି । ଆମେରିକାକୁ ଗୁଇନ୍ଦା ବେଲୁନ୍ ପଠାଇ ଆକାଶମାର୍ଗରୁ ତଥ୍ୟ ହାସଲ କରିବା ଭଳି ଏବେ ଭାରତର ପ୍ରତିରକ୍ଷା କ୍ଷେତ୍ରର ଗୁପ୍ତ ତଥ୍ୟ ହାତେଇବା ପାଇଁ ପାରାଙ୍କୁ ବ୍ୟବହାର କରୁଛି ଜିନ୍ପିଙ୍ଗର ପିଏଲଏ ଆର୍ମି । ଓଡିଶାର କ୍ଷେପଣାସ୍ତ୍ର ଘାଟି ଚାନ୍ଦିପୁର ସେମାନଙ୍କ ମୁଖ୍ୟ ଟାର୍ଗେଟ୍ ବୋଲି କୁହାଯାଉଛି । ପାରା ଗୋଡରେ ଟ୍ରାନ୍ସମିଟର ଓ କ୍ୟାମେରା ଖଂଜି ବଙ୍ଗୋପସାଗର ମଝି ସମୁଦ୍ରରୁ ଜାହଜରୁ ଏହି ଗୁଇନ୍ଦା ପାରା ଛଡା ଯାଉଛି । କିଛି ପାରା ବାଟବଣା ହୋଇ ଉଦ୍ଧାର ହେବା ପରେ ଚୀନର ଚାଲାକି ଉପରୁ ଏବେ ପର୍ଦ୍ଦା ଉଠିଛି । ବିଶେଷଜ୍ଞଙ୍କ ମତ ଅନୁସାରେ ଚୀନର ପିଏଲଏ ସେନା ଓଡିଶା ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି, ସୁନାବେଡାରେ ଥିବା ମିଗ୍ ଇଞ୍ଜିନ୍ ଫ୍ୟାକ୍ଟ୍ରି ଏବଂ ପାରାଦୀପ ପୋର୍ଟ ଉପରେ ନଜର ରଖିବା ଏବଂ ଏଠାରୁ ତଥ୍ୟ ସଂଗ୍ରହ କରିବା ପାଇଁ ଗୁଇନ୍ଦା ପାରାକୁ ପଠାଉଛି । ବିଶେଷ କରି ଚାନ୍ଦିପୁର ଓ ମିଗ୍ ଫ୍ୟାକ୍ଟ୍ରି ଉପରେ ଚୀନର ନଜର ରହିଥିବା ସୂଚନା ମିଳିଛି ।



# ୨୬ରେ ଓଡିଶା ଆସିବେ ଅମିତ୍ ଶାହା

ଭୁବନେଶ୍ୱର, ୧୧/୦୩ (ନି.ପ୍ର): ଆସନ୍ତା ମାର୍ଚ୍ଚ ୨୬ ତାରିଖରେ ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା । ଶନିବାର ଦିନ ବିଜେପିର ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଏହି ସୂଚନା ଦେଇଛନ୍ତି । ସୂଚନା ମୁତାବକ, ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ମାର୍ଚ୍ଚ ୨୬ ତାରିଖରେ ଶାହା ଓଡିଶା ଗସ୍ତରେ ଆସିବେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହା ୨୬ ତାରିଖ ସକାଳେ ଭୁବନେଶ୍ୱର ପହଂଚିବା ପରେ ବିମାନବନ୍ଦରଠାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ । ଏହା ପରେ ଭଦ୍ରକ ଲୋକସଭା ଅନ୍ତର୍ଗତ ଆରଡିକୁ ଯାଇ ପ୍ରଭୁ ଶ୍ରୀ ଆଖଣ୍ଡଳମଣୀ ଦର୍ଶନ କରି ଆର୍ଶୀବାଦ ନେବେ । ଭଦ୍ରକ ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀର କାର୍ଯ୍ୟକର୍ତାଙ୍କୁ ଶ୍ରୀ ଶାହା ସାଁଆଳପୁର ସଭାରେ ଉଦ୍‌ବୋଦନ ଦେବେ । ଅପରାହ୍ନରେ ଶ୍ରୀ ଶାହା ଭୁବନେଶ୍ୱର ପ୍ରତ୍ୟାବର୍ତନ କରି ରାଜ୍ୟ କାର୍ଯ୍ୟାଳୟଠାରେ ବରିଷ୍ଠ ନେତା ତଥା ପ୍ରମୁଖ ପଦାଧିକାରୀଙ୍କ ସହ ଆଲୋଚନା କରିବା ପରେ ସଂଧ୍ୟାରେ ଦିଲ୍ଲୀ ପ୍ରତ୍ୟାବର୍ତନ କରିବେ ବୋଲି ଡ.ଲେଖାଶ୍ରୀ ସଭଚନା ଦେଇଛନ୍ତି । ଶ୍ରୀ ଶାହାଙ୍କ ଓଡ଼ିଶା ଗସ୍ତକୁ ନେଇ ବିଜେପି କାର୍ଯ୍ୟକର୍ତାଙ୍କ ମନରେ ଉତ୍ସାହ ରହିଛି । ତାଙ୍କ ଆଗମନ ନିଶ୍ଚିତ ଭାବେ ରାଜ୍ୟ ରାଜନୀତି ଏବଂ ଦଳୀୟ ସଂଗଠନ ଉପରେ ପ୍ରଭାବ ପକାଇବ ବୋଲି ଡ.ଲେଖାଶ୍ରୀ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲ୍ଲୀପ ମଲ୍ଲିକ, ସଂଖ୍ୟାଲଘୁ ମୋର୍ଚ୍ଚା ରାଜ୍ୟ ସଭାପତି ସିକନ୍ଦର ଅଲ୍ଲୀ, ସାମାଜିକ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ରଶ୍ମି ରଞ୍ଜନ କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ ।



# ଦିଲ୍ଲୀ ଅବକାରୀ ନୀତି ଘୋଟାଲା ମାମଲା : ଇଡି କାର୍ଯ୍ୟାଳୟରେ କେ. କବିତାଙ୍କୁ ପଚରା ଉଚରା

ନୂଆଦିଲ୍ଲୀ, ୧୧ ମାର୍ଚ୍ଚ (ହି.ସ.)- ଦିଲ୍ଲୀ ଅବକାରୀ ନୀତି ଘୋଟାଲା ମାମଲାରେ ଭାରତ ରାଷ୍ଟ୍ର ସମିତି (ବିଆରଏସ) ନେତା କେ. କବିତା ଶନିବାର ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାଳୟରେ ପହଂଚିଛନ୍ତି । ସେଠାରେ କେନ୍ଦ୍ରୀୟ ଯାଂଚ୍ ଏଜେନ୍ସୀ ବିଆରଏସ ନେତାଙ୍କୁ ଏବଂ ହାଇଦ୍ରାବାଦର ବ୍ୟବସାୟୀ ରାମଚନ୍ଦ୍ର ପିଲ୍ଲାଇଙ୍କୁ ମୁହାଁମୁହିଁ ବସାଇ ପଚରା ଉଚରା କରିଛି । ଶନିବାର ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ, ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ ଚନ୍ଦ୍ରଶେଖର ରାଓଙ୍କ ଝିଅ ଏବଂ (ବିଆରଏସ) ନେତା କେ. କବିତାଙ୍କୁ ଇଡି ପଚରା ଉଚରା କରୁଛି । କବିତା ଏବଂ ହାଇଦ୍ରାବାଦର ବ୍ୟବସାୟୀ ରାମଚନ୍ଦ୍ର ପିଲ୍ଲାଇଙ୍କୁ ମୁହାଁମୁହିଁ ବସାଇ ପଚରା ଉଚରା କରାଇବା ପାଇଁ ଇଡି ଡକାଇଥିଲା । ଇଡି ବିଆରଏସ ନେତା କେ. କବିତାଙ୍କୁ ମାର୍ଚ୍ଚ ୯ ତାରିଖରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ, କିଛି ଜରୁରୀ କାର୍ଯ୍ୟକ୍ରମ ପାଇଁ କବିତା ଆଜି ଯାଂଚ୍ ଏଜେନ୍ସୀ ସମ୍ମୁଖରେ ହାଜର ହୋଇଥିଲେ ।

# ମାଟ୍ରିକ ପରୀକ୍ଷାରେ ଖୁଲମଖୁଲା ଚାଲିଛି କପି : ଖାତାରେ ଉତ୍ତର ଲେଖିଦେଉଛନ୍ତି ଶିକ୍ଷକ

ଭୁବନେଶ୍ୱର, ୧୧/୦୩ (ନି.ପ୍ର): ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା । କିଛି ସ୍ଥାନରେ କଡା ସୁରକ୍ଷା ଭିତରେ ବି ଚାଲିଛି ଖୁଲମଖୁଲା କପି । ନିମାପଡା ବ୍ଲକ ହରିପୁର ଉଚ୍ଚ ବିଦ୍ୟାଳୟରେ କିଛି ବୟସ୍କ ପରୀକ୍ଷା ଦେଉଥିବା ବେଳେ ସେମାନଙ୍କୁ ନେଇ କପି କାରବାର ଚାଲିଥିବା ଦୃଶ୍ୟ ସାମନାକୁ ଆସିଛି । ପ୍ରାୟ ୮୪ଜଣରୁ ଅଧିକ ବୟସ୍କ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି । ଆଉ ସେମାନଙ୍କୁ ସ୍କୁଲ ପଛ ପାଖ ଦେଇ ଯୋଗାଯାଉଛି କପି । ବିଦ୍ୟାଳୟ ସାମନାରେ ସୁରକ୍ଷା ବ୍ୟବସ୍ଥା କରାଯାଇଛି , ଏପରିକି ପୁଲିସ ମଧ୍ୟ ଜଗିଛି । ହେଲେ ବିଦ୍ୟାଳୟ ପଛ ପାଖ ଖୋଲା ମେଲା ରହିଛି । ଯେଉଁ ରାସ୍ତା ଦେଇ ଝରକା ପଟେ ସମସ୍ତଙ୍କୁ କପି ଯୋଗାଇ ଦିଆଯାଉଛି । ଖାଲି ସେତିକି ନୁହେଁ ଶିକ୍ଷକ ମାନେ ମଧ୍ୟ ପ୍ରଶ୍ନର ଉତ୍ତର ଡାକିଦେଉଥିବା ବେଳେ କିଛି ଶିକ୍ଷକ ପିଲାଙ୍କ ଖାତାରେ ଉତ୍ତର ଲେଖିଦେଉଥିବା ଦୃଶ୍ୟ ସାମନାକୁ ଆସିଛି । ସମସ୍ତ ପରୀକ୍ଷାର୍ଥୀ ମାନଙ୍କୁ କପି ଯୋଗାଇବାକୁ ପୂର୍ବରୁ ସମସ୍ତଙ୍କଠାରୁ ୩ହଜାର ଟଙ୍କା ଆଦାୟ କରାଯାଇଥିବା ଜଣାପଡିଛି ।

# ଓଡ଼ିଆ ଜାତିକୁ ପୁଣି ଥରେ ଶକ୍ତିଶାଳୀ, ସମୃଦ୍ଧ ଓ ଭବ୍ୟ କରିବା ପାଇଁ ସଂକଳ୍ପ ନେବା : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧/



୦୩ (ନି.ପ୍ର): ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତିର ୯ ବର୍ଷ ପୂର୍ତି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ପ୍ରଧାନ ଟୁଇଟ୍ କରିଛନ୍ତି ଯେ ଭାରତୀୟ ଶାସ୍ତ୍ରୀୟ ଭାଷା ମଧ୍ୟରେ ଅନ୍ୟତମ ଓଡ଼ିଆ ଭାଷା ଆମ ଅସ୍ମିତାର ପରିଚୟ । ଆଜି ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତିର ୯ ବର୍ଷ ପୂର୍ତି ଅବସରରେ ବିଶ୍ୱରେ ବସବାସ କରୁଥିବା ସମସ୍ତ ଓଡ଼ିଆ ଭାଷାଭାଷୀଙ୍କୁ ଅଭିନନ୍ଦନ । ମାତୃଭାଷାର ଗୁରୁତ୍ୱକୁ ଉପଲବ୍ଧି କରି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶରେ ନୂତନ ଜାତୀୟ ଶିକ୍ଷା ନୀତି-୨୦୨୦ର କ୍ରିୟାନ୍ୱୟନ ବେଳେ ମାତୃଭାଷା ଉପରେ ଅଧିକ ପ୍ରାଥମିକତା ଦିଆଯାଉଛି । ଆଉ ୧୩ ବର୍ଷ ପରେ ୨୦୩୬ରେ ଭାଷାଭିତିକ ରାଜ୍ୟ ଭାବରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବ । ଏହି ସମୟ ମଧ୍ୟରେ ଓଡ଼ିଆ ଜାତିକୁ ପୁଣି ଥରେ ଶକ୍ତିଶାଳୀ, ସମୃଦ୍ଧ ଓ ଭବ୍ୟ କରିବା ପାଇଁ ସଂକଳ୍ପ ନେବା ଆମର ସାମୂହିକ ଦାୟିତ୍ୱ । ବନ୍ଦେ ଉତ୍କଳ ଜନନୀ ।

# ବିଜେପିର ମିଶ୍ରଣ ପର୍ବ : ଅଭିନେତ୍ରୀ ସ୍ୱାତୀଙ୍କୁ ଟୋପି ପିନ୍ଧାଇଲେ ସାଂସଦ



ବାଲେଶ୍ୱର, ୧୧/୦୩ (ନି.ପ୍ର): ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେପି ଆରମ୍ଭ କରିଛି ଶକ୍ତିଠୁଳ ଅଭିଯାନ । ଏହି ପରିପ୍ରେକ୍ଷୀରେ ଜିଲା ବିଜେପି ପକ୍ଷରୁ ଏକ ମିଶ୍ରଣ ପର୍ବ ସହରର ରୟାଲ କୁଇନ କଲ୍ୟାଣମଣ୍ଡପରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶ ଓ ବିଜେପିର ଶୃଙ୍ଖଳିତ ଅନୁଶାସନରେ ଅନୁପ୍ରାଣିତ ହୋଇ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ସ୍ୱାତୀ ସାମଲ (ଜୀନା), ଅଭିନେତା ରୁଦ୍ର ପାଣିଗ୍ରାହୀ, ପୂର୍ବତନ ଜିଏସଟି କମିଶନର ତଥା ଇଡିର ଡେପୁଟି ଡାଇରେକ୍ଟର ବିଜୟ କୁମାର ମଲ୍ଲିକ, ରିଲାଏନ୍ସର ଏଆରଡିଏମ ମମତା ପଣ୍ଡା, ପାର୍ଥ ସାରଥୀ ଜେନା, ଅମିତା ସାମଲ, ସ୍ୱାଗତ ସାମଲ, ପ୍ରିୟଙ୍କା ସାମଲ, ଅନୀଲ କୁମାର ଗାୟନ, ଲଖନ୍ ଚନ୍ଦ୍ର ଦାସ, ରାଧାକୃଷ୍ଣ ଦାସ, ସୁବାସ ଧାମୁଣ୍ଡିଆ, ସୁନିଲ ଦାସ, ଚନ୍ଦନ ଦାସ, ପ୍ରଦ୍ୟୁମ୍ନ ଦାସ, ମଞ୍ଜୁଲତା ଭାୟା, କନକଲତା ଭାୟା, ସପନ କୁମାର ଭାୟା, ତପନ ଭାୟା, ଦୁର୍ଗେଶ ବାରିକ, କାଶୀନାଥ ସୋରେନ, ରାବଣ ହାଁସଦା ପ୍ରମୁଖଙ୍କ ସମେତ ଜଳେଶ୍ୱର ଏବଂ ଭୋଗରାଇ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ୩୦୦ରୁ ଊର୍ଦ୍ଧ୍ୱ କର୍ମୀ ଆଜି ଆନୁଷ୍ଠାନିକ ଭାବେ ଦଳରେ ଯୋଗଦାନ କରିଛନ୍ତି । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହି ମିଶ୍ରଣ ପର୍ବରେ ଯୋଗଦେଇ ନବାଗତ କର୍ମୀଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧିତ କରିଥିଲେ । ବିଭିନ୍ନ ବର୍ଗର ବ୍ୟକ୍ତିତ୍ୱଙ୍କର ଦଳକୁ ଆଗମନ ବିଜେପିର ଶକ୍ତି ବୃଦ୍ଧିରେ ସହାୟକ ହୋଇଥିବା ବେଳେ ଆଗାମୀ ସାଧାରଣ ନିର୍ବାଚନର ସଫଳତାକୁ ଏହା ନିଶ୍ଚିତ କରିବ ବୋଲି ସେ ମତ ପ୍ରକାଶ କରିଥିଲେ । ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତଏହି ମିଶ୍ରଣ ପର୍ବରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ଶୋଭନା ମହାନ୍ତି, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଈଶ୍ୱର ଚନ୍ଦ୍ର ବେହେରା, ସୁନୀଲ କର, ଅଂଶୁମାନ ମହାନ୍ତି ଉପସ୍ଥିତ ଥିଲେ ।

# ଜିନପିଙ୍ଗ୍ ତୃତୀୟ ଥର ପାଇଁ ରାଷ୍ଟ୍ରପତି ହେବା ପରେ ବଢିଲା ତାଇୱାନର ଚିନ୍ତା

ନୂଆଦିଲ୍ଲୀ, ୧୧/୦୩ : ଜିନପିଙ୍ଗ୍ ତୃତୀୟ ଥର ପାଇଁ ଚୀନର ରାଷ୍ଟ୍ରପତି ହେବା ପରେ ବେଜିଂ ତାଇୱାନ ଉପରେ ଅଧିକ ଚାପ ପକାଇପାରେ । ଆବଶ୍ୟକ ସ୍ଥଳେ ସେନା ପଠାଇବା ସହ ଭେସେଲ ପଠାଇପାରେ । ଆକାଶମାର୍ଗରୁ କ୍ଷେପଣାସ୍ତ୍ର ମାଡ କରି ତାଇୱାନକୁ ନିଜ ଅକ୍ତିଆରକୁ ଆଣିପାରେ । ଏଭଳି କିଛି ରିପୋର୍ଟ କରିଛି ଆମେରିକାର ଗୁଇନ୍ଦା ସଂସ୍ଥା । ଆମେରିକା ସହ ସମ୍ପର୍କ କାଟିବା, ତାଇୱାନଙ୍କୁ ସ୍ୱତନ୍ତ୍ର ରାଷ୍ଟ୍ର ଘୋଷଣାକୁ ବିରୋଧ କରି ଯୁଦ୍ଧ କରିବାକୁ ଚୀନ ପଛାଇବ ନାହିଁ କହିଛି ଆମେରିକାର ଗୁଇନ୍ଦା ସଂସ୍ଥା । ଚାଇନିଜ୍ କମ୍ୟୁନିଷ୍ଟ ପାର୍ଟି (ସିସିପି)କୁ ଅଧିକ ଶଶକ୍ତ କରିବା ସହ ବିଶ୍ୱସ୍ତରରେ ନିଜର ଦବଦବା ଜାହିର କରିବାକୁ ଜିନପିଙ୍ଗ୍ ଚେଷ୍ଟା କରିବେ ବୋଲି ଆମେରିକାର ଡିରେକ୍ଟର ଅଫ୍ ନ୍ୟାସନାଲ ଇଂଟିଲିଜେନ୍ସ ଅଫିସ୍ ରିପୋର୍ଟ କରିଛି । ଭାରତ, ତାଇୱାନ ସହ ବିବାଦ ଚାଲିଥିବାରୁ ଚୀନ ନିଜର ସେନା ବଳ ବଢାଇବାରେ ଲାଗିଛି । ଦକ୍ଷିଣ ଚୀନ ସାଗରରେ ମଧ୍ୟ ଆମେରିକା ତାର ସେନା ବଳ ବଢାଇବାରେ ଲାଗିଛି । ଯଦି ବେଜିଂ ତାଇୱାନକୁ ଅଧିକାର କରିନିଏ, ତେବେ ସାରା ବିଶ୍ୱ ଏଥିପାଇଁ ପ୍ରଭାବିତ ହେବ ।



# ଏଣିକି ଘରେ ବସି ଭିନ୍ନକ୍ଷମ ଓ ବୃଦ୍ଧ-ବୃଦ୍ଧା ଦେଇ ପାରିବେ ଭୋଟ୍

ନୂଆଦିଲ୍ଲୀ, ୧୧/୦୩ : ଏଣିକି ଘରେ ବସି ଭିନ୍ନକ୍ଷମ ଓ ବୃଦ୍ଧ-ବୃଦ୍ଧାମାନେ ଭୋଟ୍ ଦେଇପାରିବେ । ସେମାନଙ୍କୁ ଭୋଟ କେନ୍ଦ୍ରକୁ ଯିବାକୁ ପଡ଼ିବ ନାହିଁ । ବରଂ ଭୋଟ କେନ୍ଦ୍ର ସେମାନଙ୍କ ପାଖକୁ ଯିବ । କିଛି ଏମିତି ବ୍ୟବସ୍ଥା ଏବେ ନିର୍ବାଚନ ଆୟୋଗ ଆଣିଛନ୍ତି । କର୍ଣ୍ଣାଟକରେ ଆଗାମୀ ବିଧାନସଭା ନିର୍ବାଚନରେ ୮୦ ବର୍ଷରୁ ଅଧିକ ବୟସ୍କ ଏବଂ ଭିନ୍ନକ୍ଷମଙ୍କ ପାଇଁ ଭୋଟ୍- ଫ୍ରମ୍-ହୋମ୍ (ଭିଏଫଏଚ୍) ସୁବିଧା ଆରମ୍ଭ କରାଯାଇଛି । ନିର୍ବାଚନ ଆୟୋଗ ଶନିବାର କହିଛନ୍ତି ଯେ ଆଗାମୀ କର୍ନାଟକ ବିଧାନସଭା ନିର୍ବାଚନରେ ୮୦ ବର୍ଷ ଅବା ଏହାଠାରୁ ଅଧିକ ବୟସ୍କ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ଘରେ ବସି ଭୋଟ ଦେବା ଲାଗି 'ଭୋଟ ଫର୍ମ ହୋମ୍' ସୁବିଧା ଆରମ୍ଭ କରାଯାଇଛି ।

▶▶ପୃଷ୍ଠା ୭

# କୃଷି ଏବେ କୃଷକ ପାଇଁ ବୋଝ, ଗ୍ରାମ୍ୟ ଜୀବନ ବିକୃତ : ବିଭୂତି ପଟ୍ଟନାୟକ




ଭୁବନେଶ୍ୱର , ୧୧/୦୩ (ନି.ପ୍ର): ୬୦ଦଶକ ପରେ ଦ୍ୱିତୀୟ ସବୁଜ ବିପ୍ଲବ ପରେ ପରେ ଭାରତର କୃଷି, କୃଷକ ଓ କୃଷି ଉତ୍ପାଦନ ଏଭଳି ଭାବେ ବଦଳି ଯାଇଛି ଯେ, କୃଷକ ହୋଇଯାଇଛି ଭୂମିଦାସ। ଏଥିସହ ନିଜେ ଚାଷ କରୁନଥିବା ବ୍ୟକ୍ତିଙ୍କ ହାତକୁ କୃଷି ଚାଲିଯାଇଛି। ଫଳରେ ଆଜି ଚାଷୀ ଆତ୍ମହତ୍ୟା ହିଁ ସାର ହୋଇଛି। ଏପରିକି କ୍ଷୁଦ୍ରଚାଷୀଙ୍କ ପାଇଁ ଚାଷକୁ ବେଉସା ? କରି ପରିବାର ପ୍ରତିପୋଷଣ କରିବା ସମ୍ଭବ ହେଉନାହିଁ। କୃଷି ଏବେ କୃଷକ ପାଇଁ ବୋଝ ହୋଇ ଯାଇଥିବା ବେଳେ ଏଥିଯୋଗୁଁ ଗ୍ରାମ୍ୟ ଜୀବନ ବିକୃତ ହୋଇଗଲାଣି ବୋଲି କହିଛନ୍ତି ବିଶିଷ୍ଟ ଔପନ୍ୟାସିକ ବିଭୂତି ପଟ୍ଟନାୟକ। ଶୁକ୍ରବାର ଦିନ ଜୟଦେବ ଭବନଠାରେ ସ୍ତମ୍ଭକାର ନଟବର ଖୁଣ୍ଟିଆଙ୍କ ପୁସ୍ତକ 'ମୋ ପିଲାଦିନର ଆମ ଗାଁ' ଉନ୍ମୋଚନ କରି ଏହା କହିଛନ୍ତି ଶ୍ରୀ ପଟ୍ଟନାୟକ। ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସବୁଜ ବିପ୍ଲବ ବେଳେ ଅଧିକ ଉତ୍ପାଦନକ୍ଷମ ଧାନ ବିହନ ଚାଷୀଙ୍କୁ ଯୋଗାଇ ଦିଆଗଲା। ପାରମ୍ପରିକ ବିହନ ଉଭେଇ ଗଲା। ଏହି ଅଧିକ ଉତ୍ପାଦନକ୍ଷମ ଧାନ ଚାଷ ପାଇଁ ଗୋବର, ଖତ ପର୍ଯ୍ୟାପ୍ତ ହେଲା ନାହିଁ। ମାଟି ଭିତରୁ ଉର୍ବର ଶକ୍ତିକୁ ଟାଣି ଆଣି ଉତ୍ପାଦନ ବଢ଼ାଇବା ପାଇଁ ରାସାୟନିକ ସାର ଓ କୀଟନାଶକ ଅଧିକ ବ୍ୟବହାର ହେଲା। ଏହି ବାବଦୀୟ ଖର୍ଚ୍ଚ ଚାଷ ଜମିରୁ ବାହାରିଲା ନାହିଁ। ଫଳରେ ଅନେକ ଚାଷୀ ଜମି ବିକ୍ରି କରି ଅନ୍ୟ ବେଉସା ଅପଣାଇଲେ। କୃଷି ଧୀରେଧୀରେ ଅଣକୃଷକଙ୍କ ହାତକୁ ଚାଲିଗଲା।

'ସମ୍ବାଦ'ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ଭଗବାନ ପ୍ରକାଶ ଯୋଗଦେଇ କହିଥିଲେ, ଆତ୍ମଜୀବନୀ ଲିଖନ ଭାରତୀୟ ଦାର୍ଶନିକ ପରମ୍ପରାର ଅଂଶ ନୁହେଁ। ଆତ୍ମଜୀବନୀରେ ଆତ୍ମପ୍ରଶଂସା ଅଧିକ ମାତ୍ରାରେ ରହୁଥିବାରୁ ଏହା ଭାରତୀୟମାନେ ଗ୍ରହଣ କରନ୍ତି ନାହିଁ। ଏହି କାରଣରୁ ମୋଗଲ ସମ୍ରାଟ ବାବର ଯେତେବେଳେ ନିଜ ଆତ୍ମଜୀବନୀ 'ବାବରନାମା' ଲେଖିଥିଲେ ତାହାକୁ କେହି ପଢ଼ିନଥିଲେ। କିନ୍ତୁ ଲେଖକ ଶ୍ରୀ ଖୁଣ୍ଟିଆଙ୍କ ଏହି ପୁସ୍ତକ ଆତ୍ମପ୍ରଶଂସା ନୁହେଁ, ଏକ କାଳଖଣ୍ଡର ଦସ୍ତାବିଜ। ଆତ୍ମଜୀବନୀ ଲିଖନ ଓ ପ୍ରକାଶନୀ ଭିତରେ ଏକ ବଡ଼ ବ୍ୟବଧାନ ରହିବା ଉଚିତ। ତେବେ ଯାଇ ଆତ୍ମଜୀବନୀ ଅଧିକ ବିଶ୍ୱାସଭାଜନ ହୋଇପାରିବ।

ସଭାରେ ମୁଖ୍ୟବକ୍ତା ଭାବେ ଲେଖକ ଅଧ୍ୟାପକ ବିଶ୍ୱରଞ୍ଜନ ଯୋଗଦେଇ କହିଥିଲେ, ସହରର ନିଆଁଗିଳା ଆଁ ଭିତରେ ଗାଁ ନିଜ ଅସ୍ତିତ୍ୱ ହରାଇଛି। ପରିବର୍ତ୍ତନ ଯଦି ଆମ ଐତିହ୍ୟ, ସଂସ୍କୃତି, ପରମ୍ପରା, ସାମାଜିକ ସ୍ଥିତି ଓ ଅର୍ଥନୈତିକ ସାମ୍ୟକୁ ପ୍ରଭାବିତ କରୁଛି ତାହା ଗ୍ରହଣୀୟ ନୁହେଁ। ସମ୍ମାନିତ ଅତିଥି ଭାବେ ଲେଖକ ଗୋବିନ୍ଦ ଭୂୟାଁ ଯୋଗ ଦେଇ ପୁସ୍ତକର ସମୀକ୍ଷା କରିଥିଲେ। ଶେଷରେ ଲେଖକ ଶ୍ରୀ ଖୁଣ୍ଟିଆ ନିଜର ଲେଖକୀୟ ମନ୍ତବ୍ୟ ଦେବା ସହ ପୁସ୍ତକ ଲେଖିବା ପଛର କାହାଣୀ ବର୍ଣ୍ଣନା କରିଥିଲେ।

କାର୍ଯ୍ୟକ୍ରମରେ ଶ୍ରୀ ପଟ୍ଟନାୟକ ନିଜ ସଭାପତିତ୍ୱ ଅଭିଭାଷଣରେ କହିଥିଲେ, ଆମ ସମୟରେ ସମକାଳୀନ ଇତିହାସ ଅଧିକ ଲେଖାଯାଉନାହିଁ। ଯାହାଫଳରେ ଏବେର ଯୁବପିଢ଼ି ସମକାଳୀନ ଇତିହାସ ସମ୍ପର୍କରେ ଅଧିକ ଧାରଣା ରଖିବାର ଅବକାଶ ନାହିଁ। ଆଜି ଉନ୍ମୋଚିତ ପୁସ୍ତକ ୧୯୫୦ରୁ ୬୦ ଦଶକର ଓଡ଼ିଶାର ଗ୍ରାମ୍ୟ ଜୀବନ, କୃଷି, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ସ୍ଥିତିର ଏକ ବଳିଷ୍ଠ ଦସ୍ତାବିଜ ହୋଇରହିବ। ଏଥିସହ ଏହି ପୁସ୍ତକଟି ସୁଖପାଠ୍ୟ ଗଦ୍ୟ ହେବ। ଗଦ୍ୟ ଯଦି ସୁଖପାଠ୍ୟ ନ ହେବ, ତେବେ ଆମ ଭାଷା ବ୍ୟବହାର ହେବ ନାହିଁ, ସମୃଦ୍ଧି ହୋଇପାରିବ ନାହିଁ, କିମ୍ବା ଆମ ଉତ୍ତରପିଢ଼ି ନିକଟରେ ଭାଷାର ଆଦର ବଢ଼ିବ ନାହିଁ। ତେବେ ଏହି ସୁଖପାଠ୍ୟ ଗଦ୍ୟଟି ପାଠକଙ୍କ ମଧ୍ୟରେ ସହଜ ପଠନ ଅଭ୍ୟାସ ସୃଷ୍ଟି କରିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ।

କାର୍ଯ୍ୟକ୍ରମରେ 'ଗାଉଁଲି ବିଚାର' ଅନୁଷ୍ଠାନ ପକ୍ଷରୁ ଲେଖକଙ୍କ ଗାଁ 'ଗୋପେଇ'ରେ ଶିକ୍ଷା ?କ୍ଷେତ୍ରରେ ପ୍ରଥମ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିନିଧି ବାଉରୀବନ୍ଧୁ ପଟ୍ଟନାୟକ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଦତ୍ତା ଖୁଣ୍ଟିଆ ସ୍ୱାଗତ ଭାଷଣ ଓ ଶିବଦତ୍ତା ନାୟକ ଧନ୍ୟବାଦ ଜଣାଇଥିଲେ। ପୁସ୍ତକର ପ୍ରକାଶକ ତଥା 'ବିଦ୍ୟାପୁରୀ'ର ଜୀବାନନ୍ଦ ମିଶ୍ର ଉପସ୍ଥିତି ଥିଲେ।

# ଆକ୍ରମଣକାରୀଙ୍କୁ ଧରୁନି ପୋଲିସ : ପୀଡିତ ପରିବାର ଏସ୍.ପିଙ୍କ ଦ୍ୱାରସ୍ଥ

କେନ୍ଦ୍ରାପଡା, ୧୧/୦୩ (ନି.ପ୍ର): ଜିଲ୍ଲାର ମାର୍ଶାଘାଇ ଥାନା ଅନ୍ତର୍ଗତ କୋରଟପଙ୍ଗା ଗ୍ରାମରେ ଦଳିତ ପରିବାର ଉପରେ ବାରମ୍ବାର ଆକ୍ରମଣ ହେଉଥିବା ନେଇ ଶତାଧିକ ମହିଳା ଏସ୍.ପିଙ୍କ ନିକଟରେ ଅଭିଯୋଗ କରିବା ସହିତ ନ୍ୟାୟ ପାଇଁ ଦାବି କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, କୋରଟପଙ୍ଗା ଗ୍ରାମରେ କୈବର୍ତ୍ତ୍ୟ ସାହିରେ ରହୁଥିବା କୈବର୍ତ୍ତ୍ୟ ପରିବାର ଉପରେ ସେଠାକାର କିଛି ବ୍ୟକ୍ତି ଆକ୍ରମଣ କରିବା ସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ ଦେବା ଏବଂ ଜଣେ ମହିଳାକୁ ମାଡ ମାରିବାରୁ ସେ ଗୁରୁତର ଅବସ୍ଥାରେ ଆହତ ହୋଇ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି। କୈବର୍ତ୍ତ୍ୟ ପରିବାରର ଲୋକେ ଏ ବିଷୟରେ ମାର୍ଶାଘାଇ ଥାନାରେ ଗତ ୮ ତାରିଖ ଦିନ ଏତଲା ଦେଇଥିଲେ ମଧ ଥାନା ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଏସ୍.ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏବଂ ଏମାନଙ୍କୁ ଜୀବନରୁ ମାରିବା ସହିତ ଗ୍ରାମରୁ ତଡି ଦେବାପାଇଁ ଧମକ ଦେଉଥିବା ନେଇ ପ୍ରମିଳା ବେହେରା, କେତକୀ ବେହେରା, ବାସନ୍ତୀ ବେହେରା, ବିଜୟଲକ୍ଷ୍ମୀ ବେହେରା, ମାନସୀ ବେହେରା ପ୍ରମୁଖ ଏସ୍.ପିଙ୍କୁ ଭେଟି ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ସହିତ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଦାବି କରିଛନ୍ତି।

# ବଲାଣିରେ ସିଆଇଏସଏଫ ସ୍ଥାପନା ଦିବସ ପାଳିତ

ବଲାଣି, ୧୧/୦୩ (ନି.ପ୍ର): କେନ୍ଦ୍ରୀୟ ଔଦ୍ୟୋଗିକ ସୁରକ୍ଷା ବଳ(ସିଆଇଏସଏଫ)ର ବଲାଣି ଏକକ ପକ୍ଷରୁ ସ୍ଥାନୀୟ ସିଆଇଏସଏଫ ବାରାକ ପରିସରରେ ୫୪ତମ ସ୍ଥାପନା ଦିବସ ଅତି ଉତ୍ସାହ ଓ ଆଡମ୍ବର ସହକାରେ ପାଳନ ହୋଇଯାଇଛି । ବଲାଣି ୟୁନିଟର ଡ଼େପୁଟି କମାଣ୍ଡାଂଟ ରୋଶନ ରାଜାଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଲାଣି ଖଣିର ମୁଖ୍ୟ ମହାପ୍ରବନ୍ଧକ ଜୟଦେବ ଚଟ୍ଟୋପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟାନ୍ୟ ଅତିଥି ଭାବେ ବଲାଣି ଖଣିର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ବ୍ୟତୀତ ଟିସ୍କୋ, ଜେଏସଡବ୍ଲ୍ୟୁ ଏବଂ ଆରୟା ଆଦି ଔଦ୍ୟୋଗିକ ଅନୁଷ୍ଠାନର ସୁରକ୍ଷା ଅଧିକାରୀ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭ ରେ ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ସଶସ୍ତ୍ର ସିଆଇଏସଏଫର ଗଠନ ଓ ଦେଶ ପ୍ରତି ଏହାର ଅବଦାନ ପ୍ରତି ଆଲୋକପାତ କରିବା ସହିତ ବଲାଣି ଏକକରେ ଥିବା ସମସ୍ତ ସିଆଇଏସଏଫ ଜବାନଙ୍କୁ ସ୍ଥାପନା ଦିବସ ଅବସରରେ ଅଭିନନ୍ଦନ ଜ୍ଞାପନ କରିଥିଲେ । ଏହି ଅବସରରେ ସିଆଇଏସଏଫ ବଲାଣି ୟୁନିଟ ପକ୍ଷରୁ ପ୍ୟାରେଡ଼ ପ୍ରଦର୍ଶନ କରାଯିବା ସହିତ ବିନା ଅସ୍ତ୍ରରେ ଯୁଦ୍ଧଭୂମିରେ ସାମ୍ନା ସାମ୍ନି ଲଢ଼େଇ କରାଯାଉଥିବା ଯୁଦ୍ଧ କୌଶଳ କ୍ରାଭ ମାଗା ଯୁଦ୍ଧ କୌଶଳ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ କାର୍ଯ୍ୟକ୍ଷେତ୍ରରେ ଭଲ କାର୍ଯ୍ୟ ସମ୍ପାଦନା କରିଥିବା ସିଆଇଏସଏଫ ବଲାଣି ୟୁନିଟର ଯବାନ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ ।

# ବ୍ରହ୍ମପୁର ଜେଲ୍ ଅନ୍ତେବାସୀଙ୍କ କମାଲ୍ : ଜାତୀୟ ନୃତ୍ୟ ପ୍ରତିଯୋଗିତା ଫାଇନାଲ୍‌ରେ




ବ୍ରହ୍ମପୁର , ୧୧/୦୩ (ନି.ପ୍ର): ଜେଲ୍‌ରେ ରହୁଥିବା ଅନ୍ତେବାସୀଙ୍କ ମଧ୍ୟରେ ସଂସ୍କାର ଆଣିବା ପାଇଁ ସରକାର ନାନା ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଭଳି ସଂସ୍କାରମୂଳକ କାର୍ଯ୍ୟକ୍ରମ ଯୋଗୁ ବହୁ ଅନ୍ତେବାସୀଙ୍କ କ୍ଷେତ୍ରରେ ପରିବର୍ତ୍ତନ ଦେଖିବାକୁ ମିଳୁଛି। ବ୍ରହ୍ମପୁର ମଣ୍ଡଳ କାରାଗାରର ଅନ୍ତେବାସୀମାନେ ଏକ ଅନ୍‌ଲାଇନ୍ ଜାତୀୟ ସ୍ତର ନୃତ୍ୟ ପ୍ରତିଯୋଗିତାରେ କମାଲ୍ ଦେଖାଇ ଫାଇନାଲ୍ ରାଉଣ୍ଡ୍‌କୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ମଣ୍ଡଳ କାରାଗାର ଟିମ୍ ଫାଇନାଲ୍ ରାଉଣ୍ଡ୍‌ରେ ବିଜେତା ହେବାନେଇ ମଧ ବେଶ୍ ଆଶାବାଦୀ।

ଉତ୍ତରପ୍ରଦେଶ ସରକାରଙ୍କ ତରଫରୁ କଳାନ୍ତର ଅନୁଷ୍ଠାନ ଦ୍ୱାରା ଏକ ଜାତୀୟସ୍ତର ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ଅନୁଷ୍ଠାନର କଳାକାରମାନେ ଅଂଶଗ୍ରହଣ କରିଛନ୍ତି। ଅନ୍‌ଲାଇନ୍ ମୋଡ୍‌ରେ ପ୍ରତିଯୋଗିତା ଆୟୋଜନ କରାଯାଇଛି। ଗତ ୬ତାରିଖରେ ଏ ନେଇ ରାଜ୍ୟ ସରକାରଙ୍କ ତରଫରୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ଚିଠି ଆସିଥିଲା। ଚିଠି ପାଇବା କ୍ଷଣି ମଣ୍ଡଳ କାରାଗାର ଅଧୀକ୍ଷକ ଡି.ଏନ୍ ବାରିକ ଓ ଜେଲର ସତ୍ୟନାରାୟଣ ବେହେରାଙ୍କ ଉଦ୍ୟମ କ୍ରମେ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ମାତ୍ର ୩ଦିନରେ ଜେଲ୍‌ର ଅନ୍ତେବାସୀଙ୍କୁ ନେଇ ଏକ ଚିତ୍ତାକର୍ଷକ ନୃତ୍ୟ କୋରଓଗ୍ରାଫି କରାଯାଇଥିଲା। ସେହିପରି, ଏକ ୫ମିନିଟ୍‌ର କ୍ଷୁଦ୍ର ନାଟକ ମଧ ପ୍ରସ୍ତୁତ କରାଯାଇଛି। ଏହା ପ୍ରସ୍ତୁତ କରିବା ପରେ ଅନ୍‌ଲାଇନ୍‌ରେ ସମ୍ପୃକ୍ତ ସଂସ୍ଥାକୁ ପଠାଯାଇଥିଲା। ନୃତ୍ୟ ପ୍ରତିଯୋଗିତାରେ ବ୍ରହ୍ମପୁର ମଣ୍ଡଳ କାରାଗାର ଫାଇନାଲ୍ ରାଉଣ୍ଡ୍‌କୁ ପ୍ରବେଶ କରିଥିବା ଆୟୋଜକ ସଂଗଠନ ଅବଗତ କରାଇଥିବା ଜେଲର ସୂଚନା ଦେଇଛନ୍ତି। ସେହିପରି କିଛି ଅନ୍ତେବାସୀ ସଙ୍ଗୀତ ପ୍ରତିଯୋଗିତାରେ ମଧ ଅଂଶଗ୍ରହଣ କରିଛନ୍ତି। ଅନ୍ତେବାସୀଙ୍କ ମଧ୍ୟରେ ରହିଥିବା ପ୍ରତିଭାର ବିକାଶ ଦିଗରେ ଏଭଳି କାର୍ଯ୍ୟକ୍ରମ ବେଶ୍ ସହାୟକ ହେବ ବୋଲି ଜେଲର ଶ୍ରୀ ବେହେରା କହିଛନ୍ତି।

# ବନାଗ୍ନିରେ ଓଡ଼ିଶା ଶୀର୍ଷରେ : ୭ ଦିନରେ ୬୮୨୯ଟି ସ୍ଥାନରେ ନିଆଁ ଚିହ୍ନଟ



ଭୁବନେଶ୍ୱର , ୧୧/୦୩ (ନି.ପ୍ର): ଦୁଇ ଦିନ ହେଲା ଓଡ଼ିଶାରେ ସୂର୍ଯ୍ୟଙ୍କ କୋପ କମିଛି। ଏଥିସହ ଓଡ଼ିଶାରେ ବଡ଼ଧରଣର ବନାଗ୍ନି ବି ହ୍ରାସ ପାଇଛି। ଗତ ୭ ଦିନ ଅପେକ୍ଷା ଆଜି ଦେଶର ଅନ୍ୟ ରାଜ୍ୟଠାରୁ ଓଡ଼ିଶାରେ କମ୍ ବନାଗ୍ନି ରହିଛି। ମାତ୍ର ଏହା ମଧରେ ଓଡ଼ିଶା ସାରା ଦେଶରେ ରେକର୍ଡ ସୃଷ୍ଟି କରିଛି। ନଭେମ୍ବର ପହିଲାରୁ ଆଜି ପର୍ଯ୍ୟନ୍ତ ଦେଶରେ ସୃଷ୍ଟି ହୋଇଥିବା ବନାଗ୍ନି ମଧରୁ ଓଡ଼ିଶାରେ ସର୍ବାଧିକ ୧୨ ହଜାର ୨୧୭ଟି ଚିହ୍ନଟ ହୋଇଛି। ଯେଉଁଥିରେ ୮୮୨ଟି ବଡ଼ଧରଣର ବନାଗ୍ନି ରହିଛି, ଯାହାକି ଦେଶରେ ସର୍ବାଧିକ। କର୍ମଚାରୀଙ୍କ ଅକ୍ଲାନ୍ତ ପରିଶ୍ରମ ଫଳରେ କିଛି ମାତ୍ରାରେ ସଫଳତା ମିଳିଥିଲେ ମଧ ଏପର୍ଯ୍ୟନ୍ତ ଜଙ୍ଗଲ ନିଆଁକୁ ଆୟତ୍ତ କରିବାରେ ବିଫଳ ହୋଇଛି ବନ ବିଭାଗ।

ନଭେମ୍ବରରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ଚିହ୍ନଟ ହୋଇଥିବା ୧୨ ହଜାର ୨୧୭ଟି ନିଆଁ ମଧରୁ ସର୍ବାଧିକ କୋରାପୁଟ ସର୍କଲରେ ଦେଖିବାକୁ ମିଳିଛି। ଏହା ତଳକୁ ବାରିପଦା, ବ୍ରହ୍ମପୁର ଓ ରାଉରକେଲା ସର୍କଲ ରହିଛି। ଭୁବନେଶ୍ୱର ଓ ଅନୁଗୁଳ ସର୍କଲରେ ସେତେ ବେଶି ଜଙ୍ଗଲ ନିଆଁ ହୋଇ ନ ଥିବା ସୂଚନା ମିଳିଛି। ଓଡ଼ିଶା ତଳକୁ ଆନ୍ଧ୍ରପ୍ରଦେଶରେ ୧୧ ହଜାର ୩୮୪, କର୍ଣ୍ଣାଟକରେ ୯ହଜାର ୭୭୨ ବନାଗ୍ନି ସୃଷ୍ଟି ହୋଇଛି। ଯଦି ଗତ ୭ ଦିନ କଥା ଦେଖିବା, କେବଳ ଓଡ଼ିଶାରେ ୬ ହଜାର ୮୨୯ଟି ଚିହ୍ନଟ କରାଯାଇଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ମାର୍ଚ୍ଚ ମାସରେ କିଭଳି ଭାବେ ଓଡ଼ିଶାରେ ବନାଗ୍ନି ବଢ଼ିଛି। ଗତ ୪ମାସରେ ଯେତିକି ଜଙ୍ଗଲ ନିଆଁ ଓଡ଼ିଶାରେ ହୋଇଥିଲା ତା'ଠାରୁ ଅଧିକ କେବଳ ଗତ ୧୦ଦିନରେ ହୋଇଛି। ସେହିପରି ମାର୍ଚ୍ଚ ୩ରୁ ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ଦେଶର ସର୍ବାଧିକ ବଡ଼ଧରଣର ବନାଗ୍ନି ସୃଷ୍ଟି ହୋଇଛି। ଓଡ଼ିଶାରେ ୬୧୨ଟି ବନାଗ୍ନି ହୋଇଥିବା ବେଳେ କର୍ଣ୍ଣାଟକରେ ୨୮୩, ଆନ୍ଧ୍ରପ୍ରଦେଶରେ ୨୬୩, ମଣିପୁରରେ ୧୯୭ଟି ସ୍ଥାନରେ ଜଙ୍ଗଲ ଜଳିଛି। ସେହିପରି ନଭେମ୍ବର ୧ରୁ ଏପର୍ଯ୍ୟନ୍ତ ଓଡ଼ିଶାରେ ୮୮୨, ଆନ୍ଧ୍ରପ୍ରଦେଶରେ ୭୬୬, କର୍ଣ୍ଣାଟକରେ ୬୮୮, ତେଲେଙ୍ଗାନାରେ ୪୮୮ଟି ସ୍ଥାନରେ ବଡ଼ଧରଣର ବନାଗ୍ନି ଚିହ୍ନଟ କରାଯାଇଛି। ଆଜି ସନ୍ଧ୍ୟା ସୁଦ୍ଧା ଦେଶର ୩୦୯ଟି ସ୍ଥାନରେ ବଡ଼ଧରଣର ଜଙ୍ଗଲ ଜଳୁଥିବା ଏଫ୍ଏସ୍ଆଇ ପକ୍ଷରୁ କୁହାଯାଇଛି। ସେଥିମଧରୁ ଓଡ଼ିଶାର ୨୫ଟି ସ୍ଥାନ ରହିଛି। ବାରିପଦା ସର୍କଲରେ ଆଜି ସର୍ବାଧିକ ବନାଗ୍ନି ଚିହ୍ନଟ କରାଯାଇଛି। ସର୍କଲର ଦେଓଗାଁ ରେଞ୍ଜ ସମେତ ସାତକୋଶିଆ, ଦୁଧିଆଣୀ, ଠାକୁରମୁଣ୍ଡା, କପ୍ତିପଦା, ଡୁକୁରା ରେଞ୍ଜ, ବେତନଟି ରେଞ୍ଜରେ ଜଙ୍ଗଲ ଜଳୁଛି। ଏହାବ୍ୟତୀତ କୋରାପୁଟ ସର୍କଲର ନାରାୟଣପାଟଣା, ଲକ୍ଷ୍ମୀପୁର, ରାୟଗଡ଼ା, ଗୁଡ଼ାରି, ବ୍ରହ୍ମପୁର ସର୍କଲର ବ୍ରାହ୍ମଣୀଗାଁ, ସୋରଡା ଓ ଚନ୍ଦ୍ରଗିରି ରେଞ୍ଜ, ରାଉରକେଲା ସର୍କଲର ହେମଗିରି, ଗୋପାଳପୁର ଓ ଘଟଗାଁ ରେଞ୍ଜ, ଅନୁଗୁଳ ସର୍କଲର କାମାକ୍ଷାନଗର ପୂର୍ବ ରେଞ୍ଜରେ ଏବେ ବି ହେକ୍ଟର ହେକ୍ଟର ଜଙ୍ଗଲ ଜଳୁଥିବା ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ (ଏଫ୍ଏସ୍ଆଇ) ପକ୍ଷରୁ ସୂଚନା ଦିଆଯାଇଛି। କର୍ଣ୍ଣାଟକରେ ସର୍ବାଧିକ ୫୪ଟି ସ୍ଥାନରେ ଜଙ୍ଗଲ ଜଳୁଥିବା ବେଳେ ତେଲେଙ୍ଗାନାରେ ୪୬, ମିଜୋରାମରେ ୩୬, ମଣିପୁରରେ ୩୪ଟି ସ୍ଥାନରେ ବଡ଼ଧରଣର ବନାଗ୍ନି ଚିହ୍ନଟ ହୋଇଛି।

# ନୟାଗଡ଼ରେ ଉଠା ଜଳସେଚନ ପ୍ରକଳ୍ପର ସମୀକ୍ଷା : ସମୟସୀମା ମଧ୍ୟରେ ପ୍ରକଳ୍ପ ସାରିବାକୁ ଅଧକ୍ଷଙ୍କ ପରାମର୍ଶ

ଭୁବନେଶ୍ୱର , ୧୧/୦୩ (ନି.ପ୍ର): ଓଡ଼ିଶା ଉଠା ଜଳସେଚନ ନିଗମ(ଓଏଲ୍ଆଇସି) ଅଧକ୍ଷ ଅମରେଶ ପତ୍ରୀ ସୋମବାର ନୟାଗଡ ଜିଲ୍ଲା ଗସ୍ତ କରିଥିଲେ। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରଶିକ୍ଷଣ କକ୍ଷରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଜିଲ୍ଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ଫୁଲବାଣୀ ସାଂସଦଙ୍କ ପ୍ରତିନିଧି ସଦାଶିବ ମିଶ୍ର ଓ ଇଞ୍ଜିନିୟରମାନଙ୍କ ଉପସ୍ଥିତିରେ ଉଠାଜଳସେଚନ ପ୍ରକଳ୍ପର ସ୍ଥିତି ଓ କାର୍ଯ୍ୟକାରିତାର ସମୀକ୍ଷା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ନୟାଗଡ଼ ଜିଲ୍ଲା ପରିଷଦ ସୃଜନ ସଭାଗୃହରେ ଅନୁଷ୍ଠିତ ଅନ୍ୟ ଏକ ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କ ସହିତ ନୟାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉଠା ଜଳସେଚନ ପ୍ରକଳ୍ପର ସ୍ଥିତିର ସମୀକ୍ଷା ସହ କୃଷକମାନଙ୍କର ଅଭିଯୋଗ ଶୁଣି ସମାଧାନ ପାଇଁ ସଂପୃକ୍ତ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଠା ଜଳସେଚନ ପ୍ରକଳ୍ପଗୁଡିକରୁ କୃଷକମାନେ କିପରି ଅଧିକରୁ ଅଧିକ ଲାଭ ଉଠାଇ ପାରିବେ, ସେ ସଂପର୍କରେ ଆଲୋକପାତ କରି ଧାନ ବ୍ୟତୀତ ଡାଲି, ତୈଳବୀଜ ଆଦି ଅନ୍ୟ ଅର୍ଥକାରୀ ଫସଲ ଚାଷ କରିବାକୁ ଅଧକ୍ଷ ଶ୍ରୀ ପତ୍ରୀ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ '୫-ଟି' ମନ୍ତ୍ରକୁ ଆଧାର କରି ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସାରିବା ପାଇଁ ଯନ୍ତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଉଭୟ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କଟକ ଓଏଲ୍ଆଇସି ଅଧିକ୍ଷଣ ଯନ୍ତ୍ରୀ ମାନସ ରଂଜନ ନାୟକ, ନୟାଗଡ଼ ନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ଦାସ, ଖଣ୍ଡପଡ଼ା ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ ତରାଇ, ଦଶପଲ୍ଲା ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ(ଯାନ୍ତ୍ରିକ) ଓ ଅନ୍ୟଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ଝାରମୁଣ୍ଡାଠାରେ ଆନ୍ତର୍ଜାତିକ ମହିଳା ଦିବସ

ବଲାଙ୍ଗିର , ୧୧/୦୩ (ନି.ପ୍ର): ଲୋଇସିଂହା ବ୍ଲକ ଅନ୍ତର୍ଗତ ଝାରମୁଣ୍ଡା ମିନିଷ୍ଟାଡ଼ିୟମ ପରିସରରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଝାରମୁଣ୍ଡା ଏଥଲେଟିକ ଏସୋସିଏସନ୍ ଓ ସର୍ବୋଦୟ ୱେଲଫେୟାର ସୋସାଇଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସୋସିଏସନ୍ ସଭାପତି ଶ୍ୟାମସୁନ୍ଦର ମେହେର ସଭାପତିତ୍ୱ କରିଥିଲେ । ଏଥିରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ମୁଖ୍ୟଅତିଥି, ବିଜେଡ଼ି ରାଜ୍ୟ ପରିଷଦ ସଭ୍ୟ ନିହାର ରଞ୍ଜନ ବେହେରା, ଲୋଇସିଂହା ୩୩ ଜିଲ୍ଲା ପରିଷଦ ସଭ୍ୟା ଲିଳିମା ବେହେରା, ୩୪ ଜୋନ ସଭ୍ୟା ସଂଯୁକ୍ତା ବରିହା ଓ ବେଥାନୀ କନଭେଣ୍ଟ ସୁପେରିଆର୍ ସିଷ୍ଟର ସୁପ୍ରୀତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ନାରୀ ଯୁଗେ ଯୁଗେ ପୂଜନୀୟା । ସମାଜର ଉନ୍ନତି ପାଇଁ ତାଙ୍କର ବଳିଦାନ ଯଥେଷ୍ଟ ରହିଛି ବୋଲି ମୁଖ୍ୟ ଅତିଥି ଶ୍ରୀ ବିଶି କହିଥିଲେ । ଏହି ଅବସରରେ ବିଭିନ୍ନ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବେଥନୀ କନ୍‌ଭେଣ୍ଟ ସ୍କୁଲର ଛାତ୍ରଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ । ପ୍ରାରମ୍ଭରେ ଏକ ରେଲି ଝାରମୁଣ୍ଡା ବସ୍ତି ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା ଯୋଗଦେଇଥିଲେ । ପରିଚାଳନାରେ ମନୋଜ ଧରୁଆ, ସୁନିଲ ଅଗ୍ରୱାଲ, ସୁଧାଂଶୁ ମହାକୁର, ଗୁଣ ମଣି ସେଠ୍, କାର୍ତ୍ତିକ କର୍ତ୍ତି, ଆନନ୍ଦ ରୁଆ, କାଳୀ ଚରଣ ବଗର୍ତ୍ତୀ, ବିନୋଦ ଧରୁଆ, ବିରେନ୍ଦ୍ର ଧରୁଆ, ଦୁଃଖୀଶ୍ୟାମ ଧରୁଆ, ଦିନେଶ ସାହୁ, ଗୋକୁଳ ମେହେର, ସନ୍ତୋଷ ମେହେର, ଅନ୍ତର୍ଯ୍ୟାମୀ ମେହେର, ଚନ୍ଦ୍ରଭାନୁ ମନହିରା, ବିଘ୍ନରାଜ ସାହୁ, ଅନ୍ତର୍ଯ୍ୟାମୀ ସାହୁ ସମେତ ଏସୋସିଏସନ୍‌ର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ । ପ୍ରମିଳା ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରତିମା ଭୋଇ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

ପୁରୀ, ୧୧/୦୩ (ନି.ପ୍ର): ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ଓସ୍ୱାନ ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ଅଧକ୍ଷତା କରି ଭାରପ୍ରାପ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ସମସ୍ତ ବିଭାଗ ବିଗତ ବର୍ଷ ମାନଙ୍କ ପରି ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ବିଶେଷ କରି ଜନସାଧାରଣଙ୍କୁ ସତର୍କ ଓ ସଚେତନ କରିବା ସହ ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ, ଶ୍ରମ, ପରିବହନ, ପଶୁ ସମ୍ପଦ, କୃଷି ଇତ୍ୟାଦି ବିଭାଗ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାର ଓ ଏସଆରସି ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକାକୁ ସଠିକ ଭାବେ ଅନୁପାଳନ କରିବା, ପ୍ରତ୍ୟେକ ଚିକିତ୍ସାଳୟରେ ଅଂଶୁଘାତ ଚିକିତ୍ସା ବ୍ୟବସ୍ଥା ରଖିବା, ସମସ୍ତ ନଳକୂପ ମରାମତି, ଜଳଛତ୍ର ବ୍ୟବସ୍ଥା କରିବା, ପଶୁ ପକ୍ଷୀ ମାନଙ୍କ ପାଇଁ ପାନୀୟ ଜଳ ପାତ୍ର ବ୍ୟବସ୍ଥା, ଶିକ୍ଷାନୁଷ୍ଠାନ, ଅଙ୍ଗନବାଡ଼ି କେନ୍ଦ୍ର, ଯାତ୍ରୀ ପରିବହନ ଗାଡ଼ି ଓ ଶ୍ରମିକ ମାନଙ୍କ ପାଇଁ ଧାର୍ଯ୍ୟ ସମୟ ନିର୍ଘଂଟକୁ ଅନୁପାଳନ କରିବାକୁ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ। ପଶୁ ପକ୍ଷୀ ମାନଙ୍କ ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ଘର ନିକଟରେ, ଛାତ ମାନଙ୍କରେ ଜଳପାତ୍ରର ବ୍ୟବସ୍ଥା କରିବା, ଖରାରେ ବାହାରକୁ ନ ବାହାରିବା, ଅତ୍ୟାବଶ୍ୟକ କ୍ଷେତ୍ରରେ ବାହାରକୁ ଯାଉଥିଲେ ପ୍ରଚୁର ପାଣି, ଦହି, ଲେମ୍ବୁ ପାଣି ଇତ୍ୟାଦି ପିଇବା ଓ ସାଥିରେ ନେବା, କଳା ଚଷମା, ଟୋପି ଇତ୍ୟାଦି ବ୍ୟବହାର କରିବା, ଅଂଶୁଘାତର ଲକ୍ଷଣ ଦେଖାଦେଲେ ତୁରନ୍ତ ଚିକିତ୍ସିତ ହେବାକୁ ଶ୍ରୀ ସାହୁ ଅନୁରୋଧ କରିଛନ୍ତି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଶ୍ରମ ବିଭାଗ ପକ୍ଷରୁ ଦିନ ୧୧ଟାରୁ ଅପରାହ୍ନ ୩.୩୦ ମିନିଟ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରଖିବା, କାର୍ଯ୍ୟ କ୍ଷେତ୍ରରେ ଛାଇର ବ୍ୟବସ୍ଥା କରିବା, ପାନୀୟ ବ୍ୟବସ୍ଥା କରିବା, ଓଆରଏସ ରଖିବା ଓ ଶ୍ରମିକ ମାନଙ୍କୁ ସଚେତନ କରାଇବା, ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ଗୁଡିକ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ପରିଚାଳିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ର, ଉପଜିଲ୍ଲାପାଳ ଭବତାରଣ ସାହୁ, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ସିଡିଏମଓ ଡା. ସୁଜାତା ମିଶ୍ର ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ଜରୁରୀ ବିଭାଗ ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ଗ୍ରୀଷ୍ମପ୍ରବାହର ଆକ୍ସନ ପ୍ଲାନ ଅନୁସାରେ ମୁକାବିଲା ପାଇଁ ଅନୁରୋଧ କରିଥିଲେ।

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୧୧୨**
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଜିନ୍ନାଙ୍କ ନେତୃତ୍ୱରେ ମୁସଲିମ୍‌ଲିଗ୍ ଭାରତବର୍ଷର ମୁସଲମାନ ସମ୍ପ୍ରଦାୟର ମୁଖପାତ୍ର ବୋଲି ଦାବି କରୁଥିଲେ। ସେହି ଦାବି ପ୍ରକୃତ ନ ଥିଲା ବୋଲି ହିନ୍ଦୁମାନେ ମତବ୍ୟକ୍ତ କରୁଥିଲେ । ମୁସ୍‌ଲିମ୍‌ଲିଗ୍ ଭକ୍ତବୃନ୍ଦ ପ୍ରକୃତରେ ମୁସଲ୍‌ମାନ୍ ସମ୍ପ୍ରଦାୟର ସୁଦ୍ଧା ସଂଖ୍ୟାଗରିଷ୍ଠ ଦଳ ନଥିଲେ । କେବଳ ଇଂରେଜ ସରକାର ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଭେଦ ସୃଷ୍ଟ କରିବା ଉଦ୍ଦେଶ୍ୟରେ ମୁସ୍‌ଲିମ୍ ଲିଗ୍‌କୁ ଟେକି ଧରିଥିଲେ। ମୁସ୍‌ଲିମ୍ ଲିଗ୍‌ରେ ଭାରତବର୍ଷର ମୋମିନ୍, ଜମିୟୁତ୍ ଉଲେମା ଓ ଅନ୍ୟାନ୍ୟ କେତେକ ବିଶିଷ୍ଟ ଦଳ ଯୋଗ ଦେଇନଥିଲେ। ମୁସ୍‌ଲିମ୍ ଲିଗ୍‌ର ନୀତି ପ୍ରତି ସେମାନଙ୍କ ଆଦୌ ସମର୍ଥନ ବା ସହାନୁଭୂତି ନଥିଲା। ସେମାନେ ମଧ୍ୟ ଚାହୁଁଥିଲେ ଯେ ଭାରତବର୍ଷ ଅଖଣ୍ଡ ହୋଇ ରହୁ । ମି.ଜିନ୍ନା କସ୍ମିନ୍ କାଳେ ଭାରତର ସ୍ୱାଧୀନତା ସଂଗ୍ରାମରେ କୌଣସି ପ୍ରକାର ସ୍ୱାର୍ଥ ତ୍ୟାଗ କରିନଥିଲେ ।

ଏହି ବର୍ଷ (୧୯୪୨) ମାର୍ଚ୍ଚ ମାସରେ ବ୍ରିଟିଶ୍ ପାର୍ଲିଆମେଣ୍ଟର ସରକାର ପକ୍ଷର ନେତା ସାର୍ ଷ୍ଟେଫୋର୍ଡ କ୍ରିପ୍‌ସ ଯୁଦ୍ଧ ଉତ୍ତାରେ ଭାରତକୁ ସ୍ୱାୟତ୍ତ ଶାସନ ଦେବା ସମ୍ବନ୍ଧରେ କେତେଗୁଡ଼ିଏ ପ୍ରସ୍ତାବ ଘେନି ଭାରତବର୍ଷକୁ ଆସିଥିଲେ । ଭାରତବର୍ଷର ସମସ୍ତ ସମ୍ପ୍ରଦାୟ ଏକ ସ୍ୱରରେ ଉକ୍ତ ପ୍ରସ୍ତାବ ଅଗ୍ରାହ୍ୟ କଲେ। ମୁସ୍‌ଲିମ୍ ଲିଗ୍ ମଧ୍ୟ ଅଗ୍ରାହ୍ୟ କଲା । ତହିଁରେ ଇଂରେଜ ସରକାର ଯାହା ଚିରକାଳ କହି ଆସୁଥିଲେ, ତାହା କହିଥିଲେ- ଅର୍ଥାତ୍ ଭାରତବାସୀମାନେ ମିତ୍ରଶକ୍ତି ପକ୍ଷରେ ଯୁଦ୍ଧରେ ସାହାଯ୍ୟ କରନ୍ତୁ, ଯୁଦ୍ଧ ଜୟ ଉତ୍ତାରେ ସେମାନଙ୍କୁ ସ୍ୱାୟତ୍ତ ଶାସନମୂଳକ ଶାସନତନ୍ତ୍ର ଗଠନ କରିବା ସକାଶେ ଯାହା କର୍ତ୍ତବ୍ୟ ତାହା କରାଯିବ । ଏହିପ୍ରକାର ଆଶା ବହୁବାରେ ଦିଆହୋଇଥିଲା । ବିଗତ ମହାଯୁଦ୍ଧ ସମୟରେ ମଧ୍ୟ କୁହା ହୋଇଥିଲା । ତଥାପି ଭାରତବର୍ଷର ଶାସନ ପ୍ରଣାଳୀରେ କୌଣସି ପ୍ରକାର ପରିବର୍ତ୍ତନ ଘଟିଲା ନାହିଁ । ଭାରତବର୍ଷକୁ ପୂର୍ବପରି ବଳାତ୍କାର ଦଖଲ କରାହୋଇଥିଲା। ଶାସନ ସଂସ୍କାର ନାମରେ କେତେ କେତେବେଳେ ଯାହା କରାହେଉଥିଲା ତାହା ସ୍ୱାୟତ ଶାସନର ଛାୟା ମାତ୍ର । ତହିଁରେ ପ୍ରକୃତତ୍ୱ କିଛି ନଥିଲା । ସୁତରାଂ କଂଗ୍ରେସ ଦାବି କଲେ ଯେ, ଅବିଳମ୍ବରେ ଭାରତକୁ ସ୍ୱାଧୀନତା ଦିଆଯାଉ । ତାହାହେଲେ ସ୍ୱାଧୀନ ଭାରତ ଶତ୍ରୁପକ୍ଷକୁ ପରାଭୂତ କରିବା ସକାଶେ ମିତ୍ରଶକ୍ତି ପୁଞ୍ଜସହ ସମ୍ପୂର୍ଣ୍ଣ ସହଯୋଗ କରିବ। ଜୁଲାଇ ୧୪ ତାରିଖ ଦିନ କଂଗ୍ରେସ କାର୍ଯ୍ୟକାରୀ କମିଟି ଏହି ମର୍ମରେ ଏକ ପ୍ରସ୍ତାବ ଧାର୍ଯ୍ୟ କଲେ ଓ ଆହୁରି ପ୍ରସ୍ତାବ କଲେ ଯେ, ଯଦି ଇଂରେଜ ସରକାର ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରନ୍ତି, ତାହାହେଲ ଏହାକୁ କାର୍ଯ୍ୟରେ ପରିଣତ କରିବା ସକାଶେ କଂଗ୍ରେସ ଯଥାବିଧି ଉପାୟ ଅବଲମ୍ବନ କରିବ ଓ ଏହାକୁ କାର୍ଯ୍ୟକାରୀ କରିବା ସକାଶେ ସର୍ବତ୍ର ଆଇନ ଅମାନ୍ୟ କରିବେ । ଅଗଷ୍ଟ ୭ ତାରିଖରେ ଏହି ପ୍ରସ୍ତାବ ବମ୍ବେରେ ଆଲୋଚିତ ହୋଇ ୮ ତାରିଖରେ ତାହା ନିଖିଳ ଭାରତ କଂଗ୍ରେସ କମିଟିରେ ଧାର୍ଯ୍ୟ ହେଲା । ଭାରତ ସରକାର ଏହାର ପ୍ରତିକ୍ରିୟା କରିବା ସକାଶେ ମହାତ୍ମା ଗାନ୍ଧୀ ଓ ଅନ୍ୟାନ୍ୟ ପ୍ରଧାନ ପ୍ରଧାନ ନେତାଙ୍କୁ ୯ ତାରିଖରେ ଗ୍ରେପ୍ତାର କଲେ ।

ଏହି ଘଟଣାର କେତେକ ଦିନ ପୂର୍ବରୁ ମୁଁ ପାଟଣାରେ ରହିଥିଲି । ମୋର ସହଧର୍ମିଣୀ ଉଦର ରୋଗରେ ପୀଡ଼ିତ ଥିବାରୁ ଓ ମୋର କନ୍ୟା ଶ୍ୟାମାର ଚକ୍ଷୁପୀଡ଼ା ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ ଲାଭ କରିନଥିବାରୁ ଏମାନଙ୍କୁ ନେଇ ମୁଁ ମହେନ୍ଦ୍ର ମହଲ୍ଲାରେ ଗୋଟିଏ ସ୍ୱତନ୍ତ୍ର ବସାଘର ନେଇ ରହିଥିଲି । ସୁଷମା ମଧ୍ୟ ମେଡିକାଲ୍ କଲେଜ ହଷ୍ଟେଲରୁ ଚାଲିଆସି ଆମ୍ଭମାନଙ୍କ ସଙ୍ଗେ ରହିଲା । ସେହି କେତେ ମାସ ଆମ୍ଭ ସମସ୍ତଙ୍କ ପାଟଣାରେ ରହିବା ବ୍ୟବସ୍ଥା ଥିବାରୁ ନିରୁପମା ମଧ୍ୟ କଟକରୁ ଆସି ପାଟଣା କଲେଜରେ ଯୋଗଦେଲା ।

୯ ତାରିଖ ଅପରାହ୍ଣରେ ଶୁଣାଗଲା, ପାଟଣାର ଜିଲ୍ଲା ମାଜିଷ୍ଟ୍ରେଟ୍ ମି. ଆର୍ଚ୍ଚର୍ ବିହାର କଂଗ୍ରେସ ନେତା ଶ୍ରୀ ରାଜେନ୍ଦ୍ର ପ୍ରସାଦଙ୍କୁ କଂଗ୍ରେସ ଆଶ୍ରମରେ ଗ୍ରେପ୍ତାର କଲେ । ସେତେବେଳେ ରାଜେନ୍ଦ୍ର ବାବୁ ଶ୍ୱାସରୋଗରେ ପୀଡ଼ିତ ଥିଲେ । ତଥାପି ତାଙ୍କୁ ଗ୍ରେପ୍ତାର କରିନେଇ ପାଟଣା ଜେଲରେ ରଖାହେଲା । ପାଟଣାର ସ୍କୁଲ ଓ କଲେଜରେ ଛାତ୍ରମାନେ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରୁଥିବା ଦେଖାଗଲା । ୧୦ ତାରିଖରେ ଅନ୍ୟାନ୍ୟ କଂଗ୍ରେସ ନେତାମାନଙ୍କ ଗ୍ରେପ୍ତାର ଚାଲିଲା ଓ ଦଳଦଳ ଲୋକ ଜେଲ୍‌ଖାନା ପୂର୍ଣ୍ଣ କରିବାକୁ ଲାଗିଲେ । ଛାତ୍ରମାନେ ସେମାନଙ୍କ ସ୍କୁଲ କଲେଜ ଛାଡ଼ି ଚାଲିଆସିଲେ। ସୁଷମା ଏହି ଆନ୍ଦୋଳନରେ ତାହାର ସହାଧ୍ୟାୟି ଓ ସହାଧ୍ୟାୟିନୀମାନଙ୍କ ସଙ୍ଗେ ଯୋଗଦେବ ବୋଲି କହିଲା। ସେହିଦିନ ରାତି ୮ଟା ବେଳେ ମେଡିକାଲ କଲେଜର ଛାତ୍ରମାନଙ୍କ ଏକ ସଭାରେ ଧାର୍ଯ୍ୟହେଲା ଯେ, ସେମାନେ ସମସ୍ତେ ଏଥିରେ ସହଯୋଗ କରିବେ। ସୁଷମାକୁ ମୁଁ କହିଲି, ଏଥିରେ ଚିକିତ୍ସା ବିଭାଗର କେହି ଯୋଗଦେବା ଉଚିତ ହେବନାହିଁ । ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ଦେଶବାସୀଙ୍କ ପକ୍ଷରେ ବିହିତ ହେଲେହେଁ ଏମାନଙ୍କୁ ଛାଡ଼ି ସୁଦ୍ଧା ସଂଗ୍ରାମ ଚଳାଇବାକୁ ଲୋକ ଅଛନ୍ତି । କଲେଜ ଛାଡ଼ି ବାହାରେ ଅନ୍ୟଛାତ୍ରମାନଙ୍କ ସହିତ ରହିଲେ ଏମାନଙ୍କ କାର୍ଯ୍ୟ ସେତେ ହେବ ନାହିଁ । ଏମାନଙ୍କ ପ୍ରଧାନକାର୍ଯ୍ୟ ରୋଗୀଙ୍କୁ ରୋଗମୁକ୍ତ ଓ ସେମାନଙ୍କ ଶୁଶ୍ରୂଷା କରିବା । ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟ ଛାଡ଼ି ଚାଲିଗଲେ ଯେଉଁ ଅଳ୍ପ ସଂଖ୍ୟକ ଡାକ୍ତର ଅଛନ୍ତି ସେମାନଙ୍କଦ୍ୱାରା ରୋଗୀଚର୍ଯ୍ୟା କାର୍ଯ୍ୟ ହୋଇପାରିବ ନାହିଁ । ଏହି ଆନ୍ଦୋଳନରେ ସରକାର ପକ୍ଷରୁ ହୁଏତ ଲୋକମାନଙ୍କ ଉପରେ ମାରପିଟ ହେବ ଓ ଗୁଳି ମଧ୍ୟ ଚାଲିବ । ସେତେବେଳେ ଛାତ୍ରଛାତ୍ରୀମାନେ ନିଜ ନିଜ ସ୍ଥଳରେ ରହି ଏମାନଙ୍କ ସକାଶେ କାର୍ଯ୍ୟ କରିପାରିବେ । ଏହା ମଧ୍ୟ ତ ପବିତ୍ର ଦେଶ ଓ ଜନସେବା କାର୍ଯ୍ୟ । କିନ୍ତୁ ଏ ସମ୍ବନ୍ଧରେ ଯେତେ ବୁଝାଇଲି ସେ ମୋତେ ଓଲଟା ବୁଝାଇବାକୁ ଚେଷ୍ଟାକଲା, ସ୍ୱାଧୀନତାପ୍ରାପ୍ତି ସକାଶେ ଜୀବନୋତ୍ସର୍ଗ ଆବାଳବୃଦ୍ଧବନିତା ସମସ୍ତଙ୍କ ପ୍ରଥମ ପବିତ୍ର କର୍ତ୍ତବ୍ୟ।

୧୧ ତାରିଖ ପ୍ରାତଃ ୯ଟାବେଳେ ସୁଷମା ଛାତ୍ର ଆନ୍ଦୋଳନରେ ଯୋଗଦେବା ପାଇଁ ଚାଲିଗଲା। ମୁଁ ତା'ର ସଙ୍ଗେ ଗଲି । ମେଡିକାଲ କଲେଜ୍ ପଡ଼ିଆରେ ବହୁସଂଖ୍ୟକ ଛାତ୍ର ଓ ଛାତ୍ରୀ ସମବେତ ହୋଇଥିଲେ। ସମ୍ମୁଖରେ ତ୍ରିବର୍ଣ୍ଣ କଂଗ୍ରେସ ପତାକା ଉତ୍ତୋଳନ ହୋଇଥିଲା। ସମସ୍ତେ ସମସ୍ୱରରେ ସ୍ୱଦେଶୀ ଗାନ ଗାୟନ କଲେ। ତତ୍ପରେ ସେମାନେ ଶୋଭାଯାତ୍ରାରେ ପ୍ରିନ୍‌ସପାଲ୍ ରାୟବାହାଦୁର ତ୍ରିଦିବନାଥ ବାନାର୍ଜ୍ଜୀଙ୍କ ଘରଆଡ଼କୁ ଗଲେ, ଉଦ୍ଦେଶ୍ୟ, ତାଙ୍କୁ ଚାକିରିରୁ ଇସ୍ତଫା ଦେବାପାଇଁ କହିବେ। ମାର୍ଗରେ 'ସରକାରୀ ନୌକରୀ ଛୋଡ୍ ଦୋ' ବୋଲି ଚିତ୍କାର କରୁଥିଲେ । ଛାତ୍ରୀମାନେ ମେଡିକାଲ୍ କଲେଜ ଓ ଦେଓ୍ୱାନି ଅଦାଲତ ମଧ୍ୟସ୍ଥ ଫାଟକ ନିକଟରୁ ଫେରିଆସିଲେ। ବୁଝିଲି, ସେହିଦିନ ସେମାନଙ୍କ କାର୍ଯ୍ୟକ୍ରମ ମଧ୍ୟରେ କ୍ଲାସ୍‌କୁ ଛାତ୍ରମାନଙ୍କୁ ଯାଇ ନଦେବା (ପିକେଟିଂ) । ଦିନ ୧୨ଟା ପର୍ଯ୍ୟନ୍ତ ପିକେଟିଂ ଚାଲିଲା । ସୁଷମା ଅନ୍ୟ ତିନିଜଣ ଛାତ୍ରୀଙ୍କ ସହିତ ପିକେଟିଂରେ ଲାଗିଛି । ଫାଟକ ସମ୍ମୁଖରେ କେତେକ ଛାତ୍ର ଛିଡ଼ା ହୋଇଛନ୍ତି । ପାଞ୍ଚଜଣ ମୁସଲମାନ ଛାତ୍ର ମିଡ୍‌ୱାଇଫର କ୍ଲାସକୁ ଯିବେ ବୋଲି ଆସିଲେ । ପିକେଟିଂ କରୁଥିବା ଛାତ୍ରଛାତ୍ରୀମାନେ ସେମାନଙ୍କୁ କ୍ଲାସ୍‌କୁ ନଯିବା ପାଇଁ ଅନୁରୋଧ କଲେ । ସେମାନେ ପୁନର୍ବାର ଯିବା ସକାଶେ ଉନ୍ନତ ହେଉଥିବା ଦେଖି ଛାତ୍ରମାନେ ସେମାନଙ୍କ ଆଗରେ ଶୋଇପଡ଼ିଲେ ଓ ଛାତ୍ରୀମାନେ ସେମାନଙ୍କ ପଛରେ ବାଟ ଓଗାଳିଲେ । ସେମାନେ ଯାଇ ନପାରି ଗୋରା ଡାକ୍ତର ମର୍ଡକ ସାହେବଙ୍କୁ ଡାକିଆଣିଲେ । ଯେଉଁ ଛାତ୍ରମାନେ ଏହି ଆନ୍ଦୋଳନରେ ଯୋଗ ନଦେଇ ସେମାନଙ୍କ କ୍ଲାସ୍‌କୁ ଯିବାକୁ ଚାହାଁନ୍ତି, ସେମାନଙ୍କୁ ଯିବାକୁ ଦେବା କର୍ତ୍ତବ୍ୟ ସମ୍ବନ୍ଧରେ ମର୍ଡକ ସାହେବ ଅନେକ ତର୍କ କଲେ । ତଥାପି ସେମାନେ ସେମାନଙ୍କୁ ଛାଡ଼ିଦେଲେ ନାହିଁ। ଅଗତ୍ୟା ସେମାନଙ୍କୁ ଫେରିଯିବାକୁ ହେଲା।

♥ (କ୍ରମଶଃ)

# ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ଦୁଇଧାର ଲୁହ



**ଡ.ମଣୀନ୍ଦ୍ର କୁମାର ମେହେର**

(ପୂର୍ବ ପ୍ରକାଶିତ ଉତ୍ତାରୁ) ଝଲକାଏ ଆଲୁଅ ଖେଳିଗଲା ଫକୀରମୋହନଙ୍କ ମୁଖ ମଣ୍ଡଳରେ । ଉଚ୍ଚାରିତ ହେଲା ତାଙ୍କ ତୃପ୍ତ ଅଥଚ କୋମଳ ଓଷ୍ଠାଧାରରେ - 'କେତେସ୍ୱପ୍ନ ମୋର ଅପୂର୍ଣ୍ଣ ହୋଇ ରହିଗଲା ତାହା ଜାଣି ପାରୁଥିବୁ ତୁ । ଯେଉଁଦିନ ଶରୀର ତ୍ୟାଗ କରି ଏ ମାଟି ପାଣି ଓ ପବନରେ ମୁଁ ଚିର ପ୍ରବାହିତ ହେବାକୁ ଆରମ୍ଭ କଲି, ସେହିଦିନଠୁ ପ୍ରତିଟି ଅପୂର୍ଣ୍ଣ ସ୍ୱପ୍ନକୁ ସାକାର କରିବା ପାଇଁ ମୋର ଅତିପ୍ରିୟ ଓଡ଼ିଶାବାସୀଙ୍କ ଅନ୍ତରକୁ ପ୍ରବେଶ କରିବା ଲାଗି ଅନ୍ୱେଷଣ କରିଚାଲିଛି ଉପଯୁକ୍ତ ରନ୍ଧ୍ରଟିଏ । ଯାହା ମଧ୍ୟକୁ ପ୍ରବେଶ କରିବାରେ ମୁଁ ହୁଏ ସଫଳ, ସେମାନଙ୍କ ଭିତରେ ମୁଁ ଦେଖିପାରେ ସାରିଆ ଭଗିଆଙ୍କ ଆଖିର ଲୁହ, ଅରନ୍ତର ଅତ୍ମୋତ୍ସର୍ଗ, ରେବତୀର ପାଠପଢ଼ା ପ୍ରତି ଆଗ୍ରହ, ହରିଂ ସିଂହଙ୍କ ଲୋତକାପ୍ଲୁତ ଚକ୍ଷୁଦ୍ୱୟ । ସେମାନଙ୍କ ଭିତରେ ମୁଁ ଦେଖିପାରେ ଓଡ଼ିଆ ଭାଷା ପ୍ରତି ଅପୂର୍ବ ଅନୁରାଗ, ଦେଖିପାରେ ଓଡ଼ିଆ ସାହିତ୍ୟ ପ୍ରତି ସେମାନଙ୍କ ଆକର୍ଷଣ କେତେ ଗଭୀର ।'

'ସେହିପରି ଯେଉଁମାନଙ୍କ ମଧ୍ୟରେ ଅନୁଭବ କରେ ଆଦିକବି ସାରଳା ଦାସଙ୍କଠାରୁ ଆରମ୍ଭ କରି ଆମ ସମୟର ଓ ସାଂପ୍ରତିକ କାଳର ଶ୍ରେଷ୍ଠ ସାହିତ୍ୟ ସାଧକ ମାନଙ୍କ ଭାବ-ରୂପ, ତାହା ମୋତେ ପ୍ରଭୂତ ଆନନ୍ଦ ଅନୁଭବ କରୁଥାଏ । ମୁଁ ଚାହେଁ ଯେ ମୋ ଓଡ଼ିଶାର ପ୍ରତିଟି ଶିକ୍ଷାପ୍ରେମୀ ମଣିଷ ଭାଗବତର ପଦ ପଙ୍କ୍ତି ଗାୟନ କରନ୍ତୁ, ଦୀନକୃଷ୍ଣଙ୍କ 'ରସକଲ୍ଲୋଳ'ରେ ରସସିକ୍ତ ହୁଅନ୍ତୁ, ରାଧାନାଥଙ୍କ 'ଚିଲିକା' ପଢ଼ି ଏହି ଅନୁପମ ହ୍ରଦଟିର ସୁଷମା ଶୋଷିନିଅନ୍ତୁ ନିଜ ଭିତରକୁ । ଗଙ୍ଗାଧରଙ୍କ 'ତପସ୍ୱିନୀ', 'ପ୍ରଣୟବଲ୍ଲରୀ' ପାଠକରି ନିଜ ନିଜ ପରିବେଶକୁ କରିଦିଅନ୍ତୁ ଋଷି-ଆଶ୍ରମ ଅନୁରୂପ । ସେଇଥିପାଇଁ ତ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ନେତୃତ୍ୱ ନେବାକୁ ପଡ଼ିଥିଲା ମୋତେ । ସେଥିପାଇଁ ଉତ୍କଳ ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନରେ ଏହି ବାଲେଶ୍ୱରଠାରେ ମୋ ପ୍ରାଣାବେଗକୁ ରୋକି ପାରିନଥିଲି ମୁଁ । କେତେ ସୁଖର କଥା ୧୯୩୬ ମସିହାରେ ଏପ୍ରିଲ ୧ ତାରିଖ ଦିନ ଓଡ଼ିଶା ଲାଭକଲା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା । ସେତେବେଳେ ଆମର ସମସାମୟିକ କବି ଲେଖକ ଯଦିଓ ଶରୀର ତ୍ୟାଗ କରିସାରିଥିଲେ, ତଥାପି ମାତୃଭୂମି ଓ ମାତୃଭାଷା ପ୍ରତି ସେମାନଙ୍କ ଅନୁରକ୍ତି ଟିକେ ବି ମ୍ଳାନ ହୋଇଯାଇନଥିଲା । ଭାବୁଥିଲି ଏହି ଓଡ଼ିଆ ସାହିତ୍ୟ ପ୍ରତି ଓ ଓଡ଼ିଶାର ପବିତ୍ର ମାଟି ପ୍ରତି ମମତାର ପ୍ରବାହ ଅଧିକରୁ ଅଧିକ ବେଗବାନ ହେବ ନିଶ୍ଚିତ ଭାବରେ । ଆମ ସାହିତ୍ୟରେ ଆଜି ପୁସ୍ତକର ଅଭାବ ଅନ୍ତର୍ହିତ । ମାତ୍ର ପୁସ୍ତକର ଅନ୍ତର୍ନିହିତ ଭାବ ଗ୍ରହଣ କରିବାରେ ଯେଉଁ ସଦ୍‌ଭାବର ଶୂନ୍ୟତା ଦେଖେ ସେଥିରେ ବ୍ୟଥିତ ହୋଇଉଠେ ମୋର ଆତ୍ମା ପୁରୁଷ ।'

'ଦିନେ କାନ୍ତି ଚନ୍ଦ୍ର ଭଟ୍ଟାଚାର୍ଯ୍ୟ, ରାଜେନ୍ଦ୍ର ଲାଲ ମିତ୍ର 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନାୟ' ପୁସ୍ତକଟି ଲେଖି ଯେଉଁ ବିଭ୍ରାଟ ସୃଷ୍ଟି କରିଥିଲେ ସେଥିରେ ଜାତୀୟ ଏକତା ଆନୟନ ଥିଲା ଆମର ପ୍ରଧାନ କର୍ତ୍ତବ୍ୟ । ସେମାନେ ସିନା ଓଡ଼ିଆ ଭାଷା ପ୍ରତି ଏପରି ଅମର୍ଯ୍ୟାଦା ସୂଚକ ବାକ୍ୟ କହିଥିଲେ, ଆଜି ସେପରି କଥା କହିବା କାହାରି ପକ୍ଷରେ ସମ୍ଭବ ହୋଇନପାରେ । କିନ୍ତୁ ସବୁକଥା କଣ ଓଠରେ ଉଚ୍ଚାରିତ ହୁଏ ? ଓଡ଼ିଶାର ମାଟି ପାଣି ପବନରେ ମଣିଷ ହୋଇ ଓଡ଼ିଆ ଭାଷାକୁ ନ୍ୟୁନ ମନେ କରିବା କେଉଁ ଉତ୍କଳୀୟ ପାଇଁ ପୀଡ଼ାଦାୟକ ନୁହେଁ କହିଲୁ ଦେଖି ? ଆଜି ଏହି କଥା ମୋର ଛାତିକୁ କୋରି ପକାଉଛି । ସବୁ ନୈରାଶ୍ୟ ଭିତରେ ଆଶାର ଓ ସମ୍ଭାବନାର ସଂକେତ ଓ ନିଶ୍ଚୟ ରହିଛି । ମୁଁ ଦେଖି ପାରୁଛି ବ୍ୟାସବିହାରରେ ଅଧ୍ୟୟନ କରୁଥିବା ପ୍ରିୟ ଛାତ୍ରଛାତ୍ରୀମାନଙ୍କ ଆଖିରେ ଝଲସି ଉଠୁଥିବା ବିଦ୍ୟାନୁରାଗ । ଏତିକି ତ ଯେଉଁଠି ବି ପ୍ରତ୍ୟକ୍ଷ କରିପାରେ ସେତିକିରେ ମଧ୍ୟ ମୋର ଆଶା ଓ ବିଶ୍ୱାସ ଅଜସ୍ର ସୁଗନ୍ଧିତ ଫୁଲ ହୋଇ ଫୁଟିଉଠେ ।

ଆମମାନଙ୍କର ପ୍ରତିମୂର୍ତ୍ତି ବିଭିନ୍ନ ସ୍ଥାନରେ ଦଣ୍ଡୟମାନ । ଜୟନ୍ତୀ ଓ ଶ୍ରାଦ୍ଧ ପାଳନରେ ପରିବେଶ ମୁଖରିତ । ଏସବୁ ସତ୍ତ୍ୱେ ମୋର ମନେହୁଏ ଆମେମାନେ ସତରେ କଣ ସନ୍ତୁଷ୍ଟ ? ତୃପ୍ତି ଓ ଆନନ୍ଦିତ ?

'ବାବୁରେ ଆମର ପ୍ରକୃତ ଆନନ୍ଦ ରହିଛି କେଉଁଠି, ତାହା କଣ ତତେ ଅଜଣା ?' କିଛି ସମୟ ଗହନ ନିରବତାରେ ବିତିଗଲା । ମୋ କଣ୍ଠ ସେତିକି ବେଳକୁ ବାଷ୍ପାକୁଳ । କହିଲି- 'ଜେଜେ ! ଯାହାବି ହେଉନା କାହିଁକି ଓଡ଼ିଶାର ଭବିଷ୍ୟତ ଓଡ଼ିଆରେ ହିଁ ଓଡ଼ିଆର ସମୃଦ୍ଧିରେ ହିଁ ନିହିତ ।

ସମ୍ମତି ସୂଚକ ଆଖିର ପଲକ ପକାଇଲେ ଫକୀରମୋହନ । 'ଏଠି ଯେଉଁ ମୁଦ୍ରାରେ ମୁଁ ଦଣ୍ଡାୟମାନ ହୋଇଥାଏନା କାହିଁକି, ତାହା ପ୍ରକୃତ ପ୍ରକୃତରେ ପ୍ରାର୍ଥନାର ରୂପ । ଉତ୍କଳମାତାଙ୍କ ନିକଟରେ ଆମ ମାନଙ୍କର ପ୍ରାର୍ଥନା ନିତ୍ୟ ନିବେଦିତ । ଅନ୍ତତଃ ଓଡ଼ିଆ ଭାଷା ସାହିତ୍ୟକୁ ଭଲ ପାଇବାର ଛଳନା କରି ଯେଉଁମାନେ ଉଚ୍ଚ ପଦପଦବୀ ଅଳଂକୃତ କରି ରହିଛନ୍ତି ବିଶ୍ୱବିଦ୍ୟାଳୟରେ, ଶାସନ ଓ ପ୍ରଶାସନ କ୍ଷେତ୍ରରେ, ଶୈକ୍ଷିକ ବାତାବରଣରେ ସେମାନଙ୍କ ଭିତରେ ଶୁଭ ବୁଦ୍ଧି ସଞ୍ଚାରିତ ହୋଇପାରିଲେ ଏହି ଭାଷାର ଗୌରବ ଯେ ସମଗ୍ର ଭାରତବର୍ଷରେ ଓ ପୃଥିବୀରେ ସୁପ୍ରତିଷ୍ଠିତ ହୋଇ ପାରିବ, ଏଥିରେ ସନ୍ଦେହ ନାହିଁ ଆଦୌ ।'

ମୁହଁଟେକି ଅନାଇଲି ମୋର ପରମପ୍ରିୟ ଜେଜେଙ୍କୁ । ଦେଖିଲି ତାଙ୍କର ଦୁଇ ଆଖିରେ ଦୁଇଧାର ଲୁହ ଗଡ଼ିପଡୁଛି । ଦେଖାଯାଉଛନ୍ତି ଅସହାୟ । ସତେକି ଅସହାୟତାର ହାତ ମାଗୁଛନ୍ତି ବିଶ୍ୱବିଦ୍ୟାଳୟର ଅଜସ୍ର ଛାତ୍ରଛାତ୍ରୀମାନଙ୍କୁ ।

ମସ୍ତକ ଅବନତ କରି ଫକୀରମୋହନଙ୍କୁ ପ୍ରଣାମ କଲି । କହିଲି 'ଜେଜେ ତୁମେ ଏବେ ସମଗ୍ର ପରିବେଶରେ ସଞ୍ଚରଣ ଶୀଳ । ପ୍ରତ୍ୟେକଙ୍କ ଅନ୍ତର୍ଲୋକରେ ପ୍ରବେଶକର ସହଜରେ । ସମସ୍ତଙ୍କୁ ପରିବର୍ତ୍ତିତ କରିଦିଅ ଉତ୍କଳପ୍ରେମୀ, ଭାରତପ୍ରେମୀ, ବିଶ୍ୱପ୍ରେମୀ ସତମଣିଷ ଭାବରେ ।'

ଦେଖିଲି ଫକୀରମୋହନଙ୍କ ଲୁହଧାର କି ପ୍ରଗାଢ଼ ! ଆଉ ସେ କିଛି କହିଲେ ନାହିଁ । ତାଙ୍କ ଦୁଇ ଆଖିରୁ ପ୍ରବାହିତ ଅଶ୍ରୁକଣାର ମିନତି ଶୁଣାଯାଉଥିଲା କ୍ଷୀଣ କଣ୍ଠରେ ଯେ- 'ମୋତେ ସାମାନ୍ୟ କ୍ଷୁଦ୍ର ରନ୍ଧ୍ରଟିଏ ପ୍ରତ୍ୟେକଙ୍କ ମଧ୍ୟରେ ମିଳିଯାଉ । ତାହାରି ମଧ୍ୟଦେଇ ପ୍ରବେଶ କରିବି ସମସ୍ତଙ୍କ ଅନ୍ତର ଭିତରେ । ଆଉ ଆମେ ସଂପତ୍ତି କି ଅବସ୍ଥାରେ ରହିଛୁ ତାହା ଉଲବ୍ଧି କରି ସେମାନେ ପୀଡ଼ା ଅନୁଭବ କରିବେ ଗଭୀର ଭାବରେ । ଅବତୀର୍ଣ୍ଣ ହେବେ ଉତ୍କଳମାତାଙ୍କ ସୁଯୋଗ୍ୟ ଯୋଦ୍ଧା ଭାବରେ । ସେତିକି ବେଳେ ହିଁ ଫକୀରମୋହନଙ୍କ ଆଖିରୁ ବୋହୁଥିବା ଦୁଇଧାର ଲୁହକୁ ପୋଛିଦେବାରେ ଆମେ ହେବା ପାରଙ୍ଗମ ନିଶ୍ଚୟ ।

ରାତି ହୋଇ ଆସୁଥିଲା ନିବିଡ଼ରୁ ନିବିଡ଼ତର । ଫକୀରମୋହନଙ୍କ ଠାରୁ ଅନୁମତି ଭିକ୍ଷା କରି ଫେରିଲି ଘରକୁ ମାତ୍ର ଛାତି ଭିତରେ ଲାଖି ରହିଲା ଫକୀରମୋହନଙ୍କ ସେହି ପ୍ରାଣବନ୍ତ ପ୍ରତିମା ଯେଉଁ ଦୁଇ ଆଖିରୁ ବହୁଥିଲା ଦୁଇଧାର ଲୁହ ନିରନ୍ତର ।(ସମାପ୍ତ)

+ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର-୮୯

## ଆମ ସମୟର କବିତା.....

# ।। ମିଲୁ ସଂଗେ ଲୁଡୁଖେଳ ।।

**ବିଷ୍ଣୁ ସାହୁ**



ଆ' ମିଲୁ ଜଲ୍‌ଦି ଆ'
ଖେଳର ସମୟ ଗଡ଼ିଯିବା ଆଗରୁ
ଆ' ଦିହେଁ ବସି ଖେଳିବା ଲୁଡୁପାଲି।

କିଛି ସମୟ ପାଇଁ ଭୁଲିଯିବା
ନିଜ ନିଜର ଦୁଃଖଟି ମାନ
ମୁଁ ମୋର ଜମିଜମା,
ତେଲଲୁଣ ଚାକିରି ଝିଂଝଟ
ତୁ ତୋ'ର ପାଠପଢ଼ା,
ସାର୍‌ଙ୍କର ନାଲିଆଖି
ବହି ଓ ସିଲଟ।

ଜୀବନର ସଡ଼କଟା ଏଡ଼େ ଲମ୍ବା ସିନା
ବହୁ ଅଂଶ ତା'ର
ଉଦୁଉଦିଆ ଖରାବେଳ ପରି
ବଡ଼ ନଛାଟିଆରେ !
ଖେଳିବାର ସମୟ ପାଣିଫୋଟକା ପରି
କୁଆଡ଼େ କେତେବେଳେ ମିଳେଇ ଯାଏ
ହାତରେ ଧରାପଡ଼େନା ସହଜରେ।

ଆ' ମିଲୁ !
ତୋର କୁନିକୁନି ଆଖିର ମାୟାରେ
ଡୁବେଇ ଦେ' ତୁ ମୋତେ ଆଉ କିଛି ବେଳ
ମୋ' ଦେହର ଥୁଣ୍ଟାଗଛରେ
କଷିପତ୍ର ଖଣ୍ଡେ କଅଁଳୁ
ତୋ'ର ହାଓ୍ୱା ବାଜି,
କଳଙ୍କି ଲାଗି ଆସୁଥିବା ମୋ' ହାଡ଼ରେ
ଟିକେ ଚପଳତା ଲୋଡ଼ା।

ଆ' ମିଲୁ !
ଏ ଘରର ସବୁ ଝରକି ଖୋଲାରଖି
କିଛିବେଳ ଖେଳିବା ଅନ୍ତତଃ ।
ଖେଳ ସୁରୁ ହୋଇଗଲେ ଥରେ
ତୁ ଖାଲି ବସିବୁ ମୋର ଦେହକୁ ଆଉଜି
ଭାରି ଭଲଲାଗିବ ମୋତେ
ଯେମିତିକି, ମୋ' ପିଲାଦିନକୁ
ମୁଁ ପୁଣିଥରେ କୁଣ୍ଢେଇ ଧରିଚି
ମୋ' ଦି' ବାହୁରେ।

ତା'ପରେ କାକର ରଂଗର
ତୋ' ନିର୍ମଳ ମୁହଁରୁ
କଣ୍ଟିଆସିଥିବା ବିନ୍ଦୁ ବିନ୍ଦୁ ଝାଳ ପୋଛିଦେବି
ଗୋଟି ଗୋଟି କରି ସଜାଡ଼ିଦେବି
ତୋ' ଅଲରା କେଶ
ମୋତେ ବଡ଼ ଶାନ୍ତି ମିଳିବରେ !

ସତରେ ମିଲୁ !
ନିଃଶ୍ୱାସ ନେବା ଏଣିକି ବଡ଼ କଷ୍ଟ
ଅନବରତ ଯୁଦ୍ଧ ଚାଲିଛି
ଭିତରେ, ବାହାରେ,
ଚାରିଆଡ଼େ ଘମାଘୋଟ ଯୁଦ୍ଧ
ଝଣ୍‌ଝାଣ୍ ହତିଆର
କିଏ ଜାଣେ, କେତେବେଳେ ସ୍ଥିର ହୋଇଯିବ
ମୋ' ଦେହରେ
ଯା'ଆସ କରୁଥିବା ପବନ ।

ତୁ ଜାଣୁନା, ମୁଁ ଏଠି କେମିତି
ନିର୍ବୁଦ୍ଧିଆ ମୂଷାଟିଏ ପରି
ଚାପି ହୋଇଯାଇଛି ଯନ୍ତାରେ
ମୋର ପରମାୟୁ
ମିଳେଇ ଯାଉଚି
ଲୁଣଦାନାଟିଏ ପରି ଗିନାଏ ପାଣିରେ
ମୋତେ ଲାଗୁଛି -
ମୁଁ ଗୋଟେ ଦରଭଜା ମାଛ
ପାଚି ଲାଲ୍ ହୋଇଯାଇଥିବା
ତେଲ କଡ଼େଇରେ ।

ସେଥିପାଇଁ,
ତୋତେ ମୁଁ ବାଛିଚି ଖେଳସାଥୀ
ଏମିତି ତୋ ସାଥିରେ ଖେଳୁଖେଳୁ
ଭୁଲିଯିବି ଅନ୍ତତଃ କିଛିବେଳ ପାଇଁ
ମୋ' ଚାରିକଡ଼ରେ
କୁଢ଼େଇ ହୋଇ ପଡୁଥିବା
ଅସମାପ୍ତ ଦୁଃଖ
ତୁନି କରି ଦେଇପାରିବି କିଛିବେଳ ପାଇଁ
ମୋ' ଆତ୍ମାକୁ କଲବଲ କରୁଥିବା କ୍ରନ୍ଦନ।

♥ ଜଗତସିଂହପୁର
(ମୋ) ୯୪୩୭୬ ୯୨୫୦୯

# ।। ସକାଳ ।।

**ବିଜନ ରାୟ**



ଅର୍ଦ୍ଧ ନୂଆ ଆଇନାରେ
ଚିମୁଟାଏ ସିନ୍ଦୂର ପକାଇ ଦେଲା ଭଳି
ଆକାଶର ରଙ୍ଗ।
ଆକାଶ ଖୋସାରୁ
ଝଡ଼ି ପଡ଼ିଲେଣି ତାରାଫୁଲ।
ଗୋବର ପାଣିରେ
ଗାଧୋଇଲାଣି ଗାଁ ଦାଂଡ।
ପୋଖରୀ ତୁଠ ପଥର ପାହାଚରେ
ଦଳ ଦଳ ଦିଶିଲେଣି,
ଗାଁ ଭୁଆଷୁଣୀର ଅଳତାମଖା
ଦୁଧରଙ୍ଗର ପାଦ ଯୋଡ଼ିକ
ନଡ଼ିଆ ବାହୁଙ୍ଗା
ବିଂଚିବା ଆରମ୍ଭ କଲାଣି ଉଳ ଛପରକୁ।
ସୁଲୁସୁଲିଆ ପବନରେ
ଦୋଳାୟମାନ ଗୁଳ୍ମଲତା
ବିଳାସ ଶେଷେ କିଏ ନିଦ ଶେଷରେ,
କିଏ ଏବେ ବି ସ୍ୱପ୍ନରେ ନିମଗ୍ନ
କଖାରୁ ଫୁଲକୁ ଗେହ୍ଲାଉଚି ମହାମାଛି
ଗୁଣୁଗୁଣେଇ।
ଦୁଇଯୋଡ଼ା ଉଦଉଦଳିଆ ପକ୍ଷୀ ପିଠିରେ
ଉଡ଼ି ଆସି ସୁନାରଙ୍ଗର ଖରା
ଯେତେବେଳେ ଘାସ ଫୁଲକୁ ଛୁଇଁଲା
ଖୋଲିଗଲା ଲାଜକୁଳି ଲତାର ଓଢ଼ଣୀ।

ଚୁପ୍ କରି ମାଟି କାନରେ
ସକାଳ କହିଲା, ମୁଁ ଆସିଲି
ତୁ ଲୁଚେଇ ଦେ ରାତିକୁ
ତୋ ପଣତ ତଳେ ଉହାଡ଼ କରି।

♥ ଭୁବନେଶ୍ୱର
(ମୋ) ୯୪୩୮୧୪୧୩୬୪

**କାର୍ତ୍ତିକ ସ୍ୱାଇଁ**

# ।। ବିଷ ।।



ଏ ବିଷ ଟୋପାକୁ
ଠିକ୍ କରି ରଖ ତା ଜାଗାରେ,
ଥରେ ହୁଗୁଳି ଗଲେ ତା ଅଣୁର ବଂଧନ
ବ୍ୟାପିଯିବ,
ଶିବଙ୍କୁ ନୀଳକଣ୍ଠ କରିବା ପର୍ଯ୍ୟନ୍ତ।

ତା ଆଶାର ଶେଷ ନାହିଁ।
କାମନାର ବହ୍ନି ତାର ଜାଳିପୋଡ଼ି ରଖିଦେବ
ସବୁଜ ବନାନୀ,
ଅଙ୍ଗାର କରି ଛାଡ଼ିବ ରଙ୍ଗୀନ୍ ସ୍ୱପ୍ନଙ୍କୁ
ଛାଡ଼ିଦେବ ପାଦଚିହ୍ନ ପାଉଁଶ ଗଦାରେ
ତା ଛାଇକୁ ଡରିଯିବ ପ୍ରେମର ମେଦିନୀ।

ସେ ବିଷର ନାମ ଦିଅ ଯାହା ତୁମ ଇଚ୍ଛା
କହିଦିଅ 'ରାଗ', 'ହିଂସା', 'ଦ୍ୱେଷ'
ଘୃଣା କିମ୍ବା ତୀବ୍ର ଅବିଶ୍ୱାସ...
କିଛି ନପାଇଲେ ମନର ନିଭୃତ କୋଣେ
ବସିଥିବା ଅନ୍ଧାରର ଛାଇ... ଦିଅ ତାର ନାଁ
ଯାହା କେବେ ହୋଇନି ପ୍ରକାଶ।

ଏ ବିଷ ଟୋପାକୁ
ଠିକ୍ କରି ରଖ ତା ଜାଗାରେ,
ଯଥେଷ୍ଟ ବଳ ତାହାର,
ଅମୃତ ମଣୋହିକୁ ସେ ନିମିଷକେ
ବଦଳାଇ ଦେବ
ହଳାହଳ ଅକାଟ୍ୟ ବିଷରେ।

♥
(ମୋ) :୦୯୯୮୦୩୦୦୭୫୧

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୧୨ ମାର୍ଚ୍ଚ, ୨୦୨୩




## ପ୍ରେମରେ ପ୍ରେମରେ ଗୀତି ....( ୮୨ )



■ ବିପିନ ମହାନ୍ତି

### ॥ ତୁ' ପରା ମୋ' କାଚ କଣ୍ଢେଇ ॥

ତୁ' ପରା ମୋ' କାଚ କଣ୍ଢେଇ
ପଡ଼ିଗଲେ ତୁ ଭାଙ୍ଗିଯିବୁ,
ଭାଙ୍ଗିଗଲେ ତୁ ଯୋଡ଼ି ନହେବୁ
ଏଇ ଡରରେ ରଖିଛି ତୋତେ ଛାତିରେ କୁଣ୍ଢେଇ ।

କଥା କୁହା ସେ କଣ୍ଢେଇଟିଏ
ଦେଇଛି ମତେ ମନ,
ସେ ମନ ସାଥେ ଯୋଡ଼ା ମୋ' ଅଛି
ପ୍ରତିଟି ରାତି ଦିନ,
ଥକିଗଲେ ମୁଁ କେବେ କେମିତି
ହାରିଗଲେ ମୁଁ ଲାଗେ ଯେମିତି
ଚଉପାଶେ ମୋ' ଖୁସିର ଫୁଲ ଦିଏ ରୁଣ୍ଢେଇ ।




ହସରେ ତୋର ହସୁଥିଲି ମୁଁ
ଲୁହରେ ତୋର ଭାସୁଥିଲି ମୁଁ
ତୋ' ହାତ ଧରି ଚାଲିବି ବୋଲି
କହିଥିଲିଟି ମୁଁ ।
ଶେଷେ ମୋ' ହାତ ଛାଡ଼ି ଦେଇ ତୁ ଦେଲୁ ଭଣ୍ଡେଇ ।


♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧


## ତନିକଙ୍କ ହିନ୍ଦୁ ନ୍ୟାସନାଲିଜମ୍ ଇନ୍ ଇଣ୍ଡିଆ

### ଡକ୍ଟର ଲକ୍ଷ୍ମଣ ସାହୁ



(ପୂର୍ବ ପ୍ରକାଶିତ ଉତ୍ତାରୁ) ଲେଖକଙ୍କ ଶବ୍ଦରେ **" The passage praising Nazi anti semitisim was retained in the third edition of 1945, even after the full horrors of Hitler's Final Solution have become known worldwide .'** ଅର୍ଥାତ୍ 'ନାଜି-ବିରୋଧୀବାଦକୁ ପ୍ରଶଂସା କରୁଥିବା ପାସ୍ ୧୯୪୫ର ତୃତୀୟ ସଂସ୍କରଣରେ ରହିଥିଲା, ଏପରିକି ହିଟଲରଙ୍କ ଫାଇନାଲ ସଲ୍ୟୁସନର ସମ୍ପୂର୍ଣ୍ଣ ଭୟାବହତା ସାରା ବିଶ୍ୱରେ ପରିଚିତ ହେବା ପରେ ମଧ ରହିଥିଲା ।' ଏହା ଶେଷ ନୁହେଁ ।

ଗୁରୁଙ୍କ ପ୍ରତି ସଂଘ ପରିବାରର ବିଶ୍ୱସ୍ତତା ଏବେ ବି ଦୃଢ । ବର୍ତ୍ତମାନର ସରକାର ତାଙ୍କ ନାମ ସହିତ ଅନେକ ଅନୁଷ୍ଠାନ ସହ କାର୍ଯ୍ୟକ୍ରମକୁ ଯୋଡିଛନ୍ତି । ସମ୍ପୃକ୍ତ ମୁଖ୍ୟ ପ୍ରଶ୍ନ ହେଉଛି: ଗୈରିକ ପରିବାରର ମହିଳା, ପୁରୁଷ ଓ ଶିଶୁମାନେ ମୁସଲମାନମାନଙ୍କୁ ଅତ୍ୟଧିକ ଘୃଣା ବିଦ୍ୱେଷ ଦୃଷ୍ଟିରେ କାହିଁକି ଦେଖନ୍ତି ? ସମାଜବିଜ୍ଞାନୀ ପ୍ରଭାତ ପଟ୍ଟନାୟକଙ୍କ ସହ ଐତିହାସିକ ତନିକା ସରକାର ଏହାର ଉତ୍ତରରେ କହିଛନ୍ତି– ' ଯେ ଗୈରିକୀୟମାନେ ଆଜିର ମୁସଲମାନମାନଙ୍କୁ ଅତୀତର ମୁସଲମାନ ଆକ୍ରମଣକାରୀଙ୍କ ବଂଶଧର ଭାବରେ ବିଚାର କରନ୍ତି । ସେମାନେ ସମସ୍ତେ 'ବାବର କି ଅଲାଦ' – **Muslim now represent the invaders of mediaeval times .'**

'ମୁସଲମାନମାନେ ମଧ୍ୟଯୁଗୀୟ ଆକ୍ରମଣକାରୀଙ୍କ ପ୍ରତିନିଧିତ୍ୱ କରନ୍ତି । 'ଯାହା ଘୃଣ୍ୟ, ଯାହା ଅଶୁଚି – ତାହା ଏହି ମୁସଲମାନ ସମ୍ପ୍ରଦାୟ ମଧରେ ଅଛି । ହିନ୍ଦୁ ଧର୍ମ, ଯାହାକୁ କୁହାଯାଏ, **" awesome enemy figure "** ଏକ 'ଅଦ୍ଭୁତ ଶତ୍ରୁ ଚିତ୍ର' ସୃଷ୍ଟି କରିଛି । ଏହି ମୁସଲମାନମାନେ **" infinitely fanatical , cruel, lustful** ଅସୀମ ପ୍ରଶଂସକ, ନିଷ୍ଠୁର, ଲୋଭନୀୟ ।

ବୀର୍ ସାଭାକରଙ୍କ ସମୟରୁ , ଅର୍ଥାତ୍ ଗତ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିରୁ, ଏହି ଘୃଣାର ତୀବ୍ର ପ୍ରବାହ ପ୍ରବାହିତ ହେଉଛି । ସାବରକର ତାଙ୍କ ପୁସ୍ତକ 'ହିନ୍ଦୁତ୍ୱ'ରେ ଏକ ସାଧାରଣ ତଥା ଅନନ୍ୟ ଭାବ ସୃଷ୍ଟି କରି ହିନ୍ଦୁମାନଙ୍କର' ସୁବର୍ଣ୍ଣ 'ଏକତା ହାସଲ କରିବାକୁ ଚାହୁଁଥିଲେ, ଯାହାର ମୂଳ ପ୍ରତୀକ ହେଉଛି ଗଜନୀର ମାମୁଦ୍ । ସାବାକରଙ୍କ ଥିବା ଏକ ଜ୍ୱାଳାମୁଖି , ଅଗ୍ନିବର୍ଷର୍ଣ୍ଣ ମୂଳକ ଉତ୍ତେଜିତ ଉକ୍ତିକୁ ଉଦ୍ଧୃତ କରିପାରିବି ନାହିଁ ।

' ହିନ୍ଦୁତ୍ୱ' ପୁସ୍ତକରେ ସେ କହିଥିଲେ, **" Never had Hindustan a better chance and a more powerful stimulus to be herself forget into an indivisible whole as on that dire day when the great iconoclast Mahmud of Ghazni, Crossed the Indus ."**

'ହିନ୍ଦୁସ୍ତାନକୁ କେବେ ବି ଏକ ଅବିଭକ୍ତ ସମଗ୍ର ଜାଗାରେ ଗଢିବା ପାଇଁ ଏକ ଉତ୍ତମ ସୁଯୋଗ ଏବଂ ଅଧିକ ଶକ୍ତିଶାଳୀ ଉତ୍ସାହ ନଥିଲା, ଯେତେବେଳେ ଗଜନୀର ମହାନ ଆଇକନୋକ୍ଲାଷ୍ଟ ମହମୁଦ ହିନ୍ଦୁସ ପାର ହୋଇ ଯାଇଥିଲେ । 'ଯେଉଁମାନେ ଗଜନିଙ୍କ ମାମୁଦ୍ ଆକ୍ରମଣ ଉପରେ ବିଶିଷ୍ଟ ଐତିହାସିକ ରୋମିଲା ଥାପରଙ୍କ ଉତ୍କୃଷ୍ଟ ପୁସ୍ତକ ପଢିଛନ୍ତି, ସେମାନେ ହିଁ ସାବରକରଙ୍କ ବ୍ୟାଖ୍ୟାର ଅବଧାରଣାକୁ ଜାଣିପାରିବେ ।

ଏହି ପରିପ୍ରେକ୍ଷୀରେ ଏକ ବିଶେଷ ଉଲ୍ଲେଖନୀୟ ଆବଶ୍ୟକତା ହେଉଛି ସାହିତ୍ୟିକ ସମ୍ରାଟ ବଙ୍କିମଚନ୍ଦ୍ରଙ୍କ ବିଖ୍ୟାତ ଉପନ୍ୟାସ 'ଆନନ୍ଦମଠ'ରେ ଆମେ ପ୍ରାୟ ତୁଳନାତ୍ମକ ମୁସଲମାନ-ଘୃଣାର ସମ୍ମୁଖୀନ ହେଉଛୁ । ତେଣୁ ତନିକା ତାଙ୍କ ପୁସ୍ତକ 'ଆନନ୍ଦମଠ'ର ମୂଲ୍ୟାଙ୍କନରୁ ଆରମ୍ଭ କରିଛନ୍ତି । ପାଠକ ଗଣ, ଏଠାରେ 'ଆନନ୍ଦମଠ'ର ହିରୋ ସତ୍ୟାନନ୍ଦର ଅଭିପ୍ସାଙ୍କୁ ସ୍ମରଣ କରାଯାଏ, ଯେଉଁଠାରେ ସତ୍ୟନନ୍ଦ କୁହନ୍ତି, 'ଆମେ ସମସ୍ତ ମୁସଲମାନମାନଙ୍କୁ ହତ୍ୟା କରିବାକୁ ଚାହୁଁ କାରଣ ସେମାନେ ଈଶ୍ୱରଙ୍କ ଶତ୍ରୁ ଅଟନ୍ତି । 'କେବଳ ତନିକା ନୁହଁନ୍ତି, ବୌଦ୍ଧୟାନ ଚଟ୍ଟୋପାଧ୍ୟାୟଙ୍କ ଠାରୁ ଅସିତ୍ ଭଟ୍ଟାଚାର୍ଯ୍ୟ ପର୍ଯ୍ୟନ୍ତ ଅନେକ ବଙ୍କିମ୍-ବିଶେଷଜ୍ଞ' ଆନନ୍ଦ ମଠ'କୁ 'ସାମ୍ପ୍ରଦାୟିକ' ବୋଲି କହିଛନ୍ତି । ଏଥିରେ କୌଣସି ଆଶ୍ଚର୍ଯ୍ୟର କଥା ଯେ ସଂଘ ପରିବାର୍ କେବଳ ଆନନ୍ଦମଠ ପାଠ କରି ବଙ୍କିମ ଚନ୍ଦ୍ରଙ୍କୁ ସେମାନଙ୍କର ପ୍ରାରମ୍ଭିକ ଗୁରୁ ଭାବରେ ଗ୍ରହଣ କରିଥିଲେ । ବଙ୍କିମଙ୍କର ଅନ୍ୟାନ୍ୟ ତୁଳନାତ୍ମକ ମହାନ ଉପନ୍ୟାସ ସାମ୍ପ୍ରଦାୟିକତା ପାଇଁ ଦୋଷୀ ନୁହେଁ । ସର୍ବୋପରି ସେ ସ୍ୱଚ୍ଛ ମୁକ୍ତ ଉଜ୍ଜ୍ୱଳ ଆକାଶ ପରି ଜଣେ ଉଜ୍ଜ୍ୱଳ ଏବଂ ଶକ୍ତିଶାଳୀ ଚରିତ୍ର ନିର୍ମାଣକାରୀ ସ୍ରଷ୍ଟା । କିନ୍ତୁ ତନିକା ସଠିକ୍ ଭାବରେ ଏହି ସାମଗ୍ରିକ ବଙ୍କିମ୍ ପ୍ରତି ଆମର ଦୃଷ୍ଟି ଆକର୍ଷଣ କରିଛନ୍ତି । ତନିକା କହିଛନ୍ତି, **" Bankim as far too erudite, comopolitan and supple a thinker for that.. 'Anandmath' is not really a typical or representative instance of his oeuvre.**

ସତରେ "ବଙ୍କିମ୍ ଅତ୍ୟଧିକ ଚତୁର, ବ୍ରହ୍ମଚାରୀ ଏବଂ ସେ ଏଥିପାଇଁ ଜଣେ ଚିନ୍ତକଙ୍କୁ ସପ୍ଲାଏ କରିଥିଲେ ... 'ଆନନ୍ଦମଠ' ପ୍ରକୃତରେ ତାଙ୍କ କାର୍ଯ୍ୟର ଏକ ସାଧାରଣ କିମ୍ବା ପ୍ରତିନିଧି ଉଦାହରଣ ନୁହେଁ । "ଏହାକୁ ପଢିବାକୁ ଥିବା ପୁସ୍ତକର ଦୁଇଟି ଭାବ ସଂପ୍ରତି ଗଭୀର, ଉତ୍ସାହଜନକ ବିଶ୍ଳେଷଣ ଓ ମୁଗ୍ଧ ଯୋଗ୍ୟ ଶୈଳୀ ଅଟେ..!!! (ସମାପ୍ତ)


ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ – ୪
(ମୋ) ୯୦୪୦ ୧୫୧୪୭୫


ଗୋଟେ ବଡଗଳ୍ପ

# ପିଲାଚୋର

### ଡ. ରତିକାନ୍ତ ବେହେରା



**୨୦୧୮ ମସିହା ମଇ ମାସ ଶେଷ ସପ୍ତାହରେ ଓଡ଼ିଶାରେ ପିଲାଚୋରର କୋକୁଆ ଭୟ ଯେପରି ପ୍ରତିଟି ଗଣମାଧ୍ୟମରେ ବିସ୍ତାରଲାଭ କରିଥିଲା ଏବଂ ଅନେକ ଲୋକଙ୍କୁ ମିନି ସନ୍ଦେହରେ ଲୋକେ ଦଣ୍ଡିତ କରୁଥିଲେ। ସେଇ ସୃଷ୍ଟିମୂଳରେ ରହେ ଏକ ଅଜବ ଘଟଣା, ଯାହା ସହିତ ମୁଁ ପ୍ରକାଶ୍ୟଭାବେ ଅନୁଭବ କରିଥିଲି।**

ଜ୍ୟେଷ୍ଠମାସର ଅଧାଅଧି। ଅସହ୍ୟ ଗୁଳୁଗୁଳି ଲାଗି ରହିଛି ସାରାଦିନ । ଘରେ ରହିବା ସଂଭବ ହେଲାନାହିଁ । ସଂଧ୍ୟାରେ ବାହାରେ ଘେରାଏ ବୁଲି ଆସିଲେ ଅବା ଆରାମ ଲାଗିବ। ଏମିତି ଭାବି ଘରୁ ବାହାରି ଆସି ପହଞ୍ଚିଲି ସଦର ଥାନାଛକରେ ।

ଅନେକ ଭିଡ଼ ଜମିଛି ଛକରେ। ଦୋକାନବଜାର, ଗାଡ଼ି ମୋଟର, ଲୋକବାକ ଯାଆଆସ କରୁଛନ୍ତି ଅନବରତ। ବାଲେଶ୍ୱର ସହରର ଏ ଗୋଟେ ପ୍ରମୁଖ ଚାରିଛକି, ଯେଉଁଠି ଚାରିଦିଗକୁ ସମାନୁପାତିକ କ୍ରମରେ ପ୍ରବଳ ଯାତାୟାତ ଲାଗି ରହିଥାଏ। ପୁଣି ସଂଧ୍ୟାବେଳଟାରେ ଟିକେ ଅଧିକ ଏ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଚାରିଦିଗରେ ଚାରିଜଣ ଟ୍ରାଫିକ୍ ପୁଲିସ୍ ହୁଇସିଲ୍ ମାରି ଗାଡ଼ି, ଘୋଡ଼ା ନିୟନ୍ତ୍ରଣରେ ବ୍ୟସ୍ତ ।

ସଂଧ୍ୟାଭ୍ରମଣ ଉଦ୍ଦେଶ୍ୟରେ ଘରୁ ବାହାରି ଆସି ଛକରେ ଛିଡ଼ା ହେଲି ସତ, ହେଲେ ଏ ଭିଡ଼, ଲୋକବାକ, ଧୂଳିଧୂଆଁ ଭିତରେ ଦେହ ମନ ସଂପୂର୍ଣ୍ଣ ଅସ୍ୱସ୍ତିରେ ଭରିଗଲା। ମନ ମଧ୍ୟରେ ଟିକେ ନିରୋଳା ରାସ୍ତାର ସଂଧାନ କରୁକରୁ ମନେପଡ଼ିଲା ସର୍କିଟ୍‌ହାଉସ୍ ସାମ୍ନା ରାସ୍ତା କଥା । ସେଠି ରାସ୍ତା ସାରାଦିନ ନିରୋଳା ଓ କାଁ କାଁ, ଡି.ଆଇ.ଜି, ଅଫିସ୍ ସାମ୍ନାରୁ ମଗନକାରା ବିଲ୍ଡିଂ ଶେଷମୁଣ୍ଡ ପର୍ଯ୍ୟନ୍ତ ଦୁଇଥର ହାଲୁକା ପଦଚାରଣ କରାଯାଇପାରେ ଏବଂ ସେଠାରୁ ଫେରି ପୁଲିସ୍‌ଲାଇନ୍ ପଡ଼ିଆରେ ସ୍ୱଳ୍ପ ସମୟ ପାଇଁ ବସିପଡ଼ିଲେ ଆରାମ ମିଳିବ।

ମନତଳେ ଏଇ ସିଦ୍ଧାନ୍ତକୁ ଜାବୁଡ଼ି ଧରି ମୁଁ ପୂର୍ବାଭିମୁଖୀ ହେଲି ଏବଂ ତ୍ରସ୍ତ ଚିତ୍ତରେ, ଦୁର୍ବଳ ଦେହରେ ଲମ୍ବଲମ୍ବ ପାହୁଣ୍ଡ ପକେଇ ମୁଁ ଟ୍ରାଫିକ୍ ଅତିକ୍ରମ କରିଗଲି ଏବଂ ଯାଇ ଧପ୍‌କିନ୍ ଅଟକିଗଲି ବାମପାର୍ଶ୍ୱ ଏକ ଦୋକାନ ସାମ୍ନାରେ । ସେତେବେଳକୁ ମୁଁ ସଂପୂର୍ଣ୍ଣ ଝାଳରେ ଓଦା ହୋଇ ସାରିଲିଣି । ଦେହରୁ ନିର୍ଗତ ଝାଳ ଗଂଜିକୁ ସଂପୂର୍ଣ୍ଣ ଭିଜେଇ ସାରି ସାର୍ଟକୁ ଭିଜେଇବା ଆରମ୍ଭ କଲାଣି । ସାଂଧ୍ୟଭ୍ରମଣର ମହକ ମନର କେଉଁ କୋଣରେ ପ୍ରଚଣ୍ଡ ଗୁଳୁଗୁଳିର ଦଂଶନ ଜ୍ୱାଳାରେ ଛପି ଗଲାଣି ।

ବାର୍ଦ୍ଧକ୍ୟରେ ସାଧାରଣତଃ ଏଇ ବୟସରେ କୌଣସି ଅସ୍ୱସ୍ତିକର ପରିବେଶ ଓ ପରିସ୍ଥିତି କେତେବେଳେ ଉପଜାତ ହେଲେ, ମୋର ମନେପଡ଼େ ପିଲାବେଳର ସେ ଗାଁ ପରିବେଶ କଥା । ଗାଁ ପାଖ ବିଲମାଳ ଓ ନଈକୂଳିଆ ବିଶୁଦ୍ଧ ନିର୍ମଳ ହାଓ୍ୱାରେ ବୁଲି ଆସିଲେ, ଏଇ ଗ୍ରୀଷ୍ମଋତୁର ସଂଧ୍ୟାରେ ଦେହ ମନକୁ କେତେ ଆରାମ ମିଳିଥାଏ। ଯାହା ଆଜି ସଂପୂର୍ଣ୍ଣ ସ୍ୱପ୍ନଭଳି ମନେ ହେଉଛି।

ଦୋକାନ ସାମ୍ନାରେ ଛିଡ଼ା ନହୋଇ ମୁଁ ଚାଲିବା ଆରମ୍ଭ କଲି ମୋର ଗନ୍ତବ୍ୟ ଅଭିମୁଖେ, ସର୍କିଟ୍‌ହାଉସ୍‌ର ସାମ୍ନା ଲମ୍ବାରାସ୍ତା। ଯିବି ଓ ଫେରିବି, ହଠାତ୍ ଲକ୍ଷ୍ୟକଲି ମୋରି ସିଧାରେ, ରାସ୍ତାର ସଂପୂର୍ଣ୍ଣ ବିପରୀତ ପାର୍ଶ୍ୱରେ ଜିନ୍ ପରିହିତା ଦୁଇଜଣ ଯୁବକ ଯୁବତୀ ଅଣ୍ଟାରେ ହାତ ଛନ୍ଦାଛନ୍ଦି ହୋଇ ପଡ଼ିଆ ଆଡ଼କୁ ମୁହାଁଇଲେ । ମନତଳେ ସ୍ୱପ୍ନ ଆଉ ବାସ୍ତବର ଖେଳ ତଥାପି ମୁଁ ଲାଗିରହିଥାଏ । ବେଳେବେଳେ ବାସ୍ତବ ମନେ ହୁଏ ସ୍ୱପ୍ନଭଳି ଆଉ ସ୍ୱପ୍ନ ବି ପାଲଟିଯାଏ ବାସ୍ତବ।

ପୂର୍ବାଭିମୁଖୀ କିଛିବାଟ ଗଲାପରେ ବାମପାର୍ଶ୍ୱ ରାସ୍ତାରେ ମୁହାଁଇଲି। ଏତେବେଳେ ଦଲକାଏ ଉଷୁମ ପବନ ଝାଳୁଆ ଦେହରେ ଲାଗିବାରୁ ସାମାନ୍ୟ ଥଣ୍ଡା ଲାଗିଲା। ସଂଧ୍ୟା ଆଗତ ପ୍ରାୟ । ଷ୍ଟ୍ରିଟ୍‌ଲାଇଟ୍ ସବୁ ଜଳିବାର କିଂଚିତ୍ ପୂର୍ବଅବସ୍ଥା। ରାସ୍ତା ପ୍ରାୟ ଶୂନ୍‌ଶାନ୍। କେବଳ ରାସ୍ତାର ଏ ମୁଣ୍ଡରେ ସ୍ତ୍ରୀଲୋକଟିଏ ପିଲାଟିଏ କାଖେଇ ତ୍ରସ୍ତ ଭାବେ ଛିଡ଼ା ହୋଇଛି। କଂପିତ ପଦପାତ।

ଦୁଇପାଦ ଆଗେଇ ଯାଇ ପୁଣି ଫେରି ଆସୁଛି ପଛକୁ ।

ତା' ସଂପର୍କରେ ଆଦୌ କୌଣସି ଗୁରୁତ୍ୱ କିମ୍ବା ଅନୁସନ୍ଧିତ୍ସୁ ନହୋଇ ମୁଁ ଆଗେଇ ଗଲି ।

"ତମେ ବାଲେଶ୍ୱର ଯିବ ?" – ଭୟ ଜଡ଼ିତ କଣ୍ଠରେ ସେ ମୋତେ ପଚାରିଲା।

ଗତିରୋଧ କରି ମୁଁ ଛିଡ଼ା ହେଲି। ଏବେ ସେ ମୋ ପାଖକୁ ଲାଗିଆସିଲା। ଦେଖିଲି ଚାରିଫୁଟ୍ ନ'ଦଶ ଇଂଚ୍ ପାଖାପାଖି ଉଚ୍ଚତାର କଳା ମିସ୍ ମିସ୍ ଖର୍ବକାୟ ଶୀର୍ଣ୍ଣ ନାରୀଟିଏ । କାଖରେ ତା'ର ଦୁଇ ତିନି ମାସର ପିଲାଟିଏ, ମା'ର ଛାତିକୁ ଜଡ଼େଇ ଶୋଇ ପଡ଼ିଛି । ପିଲାଟି ଅପେକ୍ଷାକୃତ ବେଶ ଗୋରା, ସୁନ୍ଦର ମୁହଁ । ମା'ର ଚେହେରା ସହିତ ଆଦୌ ଖାପ ଖାଉନଥିବା ଚେହେରା । ସ୍ତ୍ରୀଲୋକଟି ପିନ୍ଧିଛି ଗୋଟିଏ ମସିଆ ଛପା ଶାଢ଼ୀ, ଶାଢ଼ୀ ସହିତ ଆଦୌ କୌଣସି ମେଳ ଖାଉ ନଥିବା ଢ଼ିଲା ହଳଦିଆ ରଂଗର ବ୍ଲାଉଜ୍, ଯାହାର ବୋତାମ ନାହିଁ ଅଥବା ପିଲାଟି ଉଦ୍ଦେଶ୍ୟରେ ସବୁଯାକ ମୁକୁଳା।

ଭାରି ଅଖାଡୁଆ ଶୁଭିଲା ତା'ର ପ୍ରଶ୍ନ। ବାଲେଶ୍ୱରର କେନ୍ଦ୍ରସ୍ଥଳରେ ଛିଡ଼ା ହୋଇ 'ବାଲେଶ୍ୱର'କୁ ସଂଧାନ କରୁଛି ବା କାହିଁକି ? କ'ଣ ବା ସେ ସାହାଯ୍ୟ ଚାହୁଁଛି ମୋ ପାଖରୁ ? ସ୍ତ୍ରୀ ଲୋକଟି କିଏ ଓ କାହିଁକି ଏ ଆସନ୍ନ ସଂଧ୍ୟାରେ ନିଛାଟିଆ ଗଳିମୋଡ଼ରେ ? ରାତିକ ପାଇଁ କେଉଁଠି ଆଶ୍ରୟସ୍ଥଳର ସଂଧାନରେ ଥାଇ ଏମିତି ଏକ ଅସଂଗତ ପ୍ରଶ୍ନ ପଚାରୁଛି ଅଥବା ଚାକରାଣୀ ଭାବେ ନିଜକୁ ଯଚେଇ ହେବାର ଏ ବାହାନା ?

ମୋ ମୁଣ୍ଡରେ ଏମିତି ସବୁ ଆବୁରଜାବୁର ପ୍ରଶ୍ନ ଉଂକି ମାରିଲେ। ଯାହା ହେଲେ ବି ମୋର ହୃଦବୋଧ ହେଲା, ସ୍ତ୍ରୀ ଲୋକଟି ନିଶ୍ଚିତ କୌଣସି ଅସହାୟ ଅବସ୍ଥାରେ ପଡ଼ିଛି। ତାକୁ ସାହାଯ୍ୟ କରିବା ଏକାନ୍ତ ଜରୁରି । କହିଲି, "ତୁମେ ତ ବାଲେଶ୍ୱରରେ ଅଛ, ପୁଣି ବାଲେଶ୍ୱର ? କେଉଁଠିକି ଯିବ ?"

"ଇଷ୍ଟେସନ୍, ବାଲେଶ୍ୱର ଇଷ୍ଟେସନ୍ ଯିବି।" କହିଲା ସ୍ତ୍ରୀ ଲୋକଟି, ତଥାପି ଭୟମୁକ୍ତ ହୋଇ ନଥିଲା ସେ । ମୋତେ ବି ସଂପୂର୍ଣ୍ଣ ବିଶ୍ୱାସକୁ ନେଇ ପାରୁନଥାଏ।

"ଏଇପଟେ ସିଧା ଆଗକୁ ଯାଅ, ଆଉ ସେଠୁ ମୁଖ୍ୟ ରାସ୍ତାରେ ବାଁ ପଟେ ଗଲେ ପଡ଼ିବ ଷ୍ଟେସନ୍, ଯାଅ।" ମୁଁ ତାକୁ ଆଶ୍ୱାସନା ଦେଇ କହିଲି।

"ମୋତେ ଡର ଲାଗୁଛି। ତମେ ଟିକେ ମୋତେ ଷ୍ଟେସନ୍‌ରେ ଛାଡ଼ିବ ?" ଅତ୍ୟନ୍ତ ବିକଳ ଭାବେ ବିନତି କରୁଥିଲା ସେ ମୋତେ ?

"ତୁମେ ଡରୁଛ କାହିଁକି ?" ମୁଁ ପଚାରିଲି।

"ମୋତେ ଗୋଟେ ଲୋକ କେତେବେଳଠୁଁ ପିଛା କରୁଛି । ଆଉ ଗୋଟେ ଲୋକ ମଟର ସାଇକେଲରେ ଦୁଇଥର ମୋ ପାଖ ଦେଇ ଟହଲ ମାରିଲାଣି। ସେ ମୋଟର ସାଇକେଲବାଲାଟି ତା'ରି ଲୋକ ବୋଲି ମୋତେ ଲାଗୁଛି ।" ନିଜର ଅନୁଭବ, ଆବେଗ ଓ ସନ୍ଦେହକୁ ସେ ମୋ ଆଗରେ ଏମିତି ପ୍ରକାଶ କଲା ଏବଂ ଲକ୍ଷ୍ୟ କଲି ଧୀରେଧୀରେ ସେ ମାତେ ତା' ବିଶ୍ୱାସକୁ ନେଉଛି।

ଚିନ୍ତାକଲି, କ'ଣ ପାଇଁ କେହି ଲୋକ ଏହି ଏକାକିନୀ ସ୍ତ୍ରୀ ଲୋକଟିକୁ ଅନୁସରଣ କରିପାରେ ? ନା ଧନସମ୍ପତ୍ତି, ନା ଟଂକା ସୁନା, ନା ସୌନ୍ଦର୍ଯ୍ୟ ନା ଯୌବନ ? ତା' କଥା ଉପରେ ମୋର ଆଦୌ ପ୍ରତ୍ୟୟ ହେଲାନାହିଁ । ତା' ପ୍ରତି ମୋ ଭିତରେ ସୃଷ୍ଟି ହେଉଥିବା ଅବିଶ୍ୱାସର ଭାବରେଖା ବୋଧହୁଏ ତାକୁ ସଂକ୍ରମିତ କଲା । ଏଣୁ ସେ ବ୍ୟସ୍ତ ହୋଇ କହିଲା, "ହେଇ ଦେଖ, ମୋତେ ପିଛା କରୁଥିବା ଲୋକଟି ମୋଠୁଁ ଟିକେ ଦୂରରେ ଯାଉଥିଲା, ଏବେ ସେ ଆମ୍ବଗଛ ମୂଳରେ ଛିଡ଼ା ହେଲାଣି ।

ଟିକେ ପୂର୍ବରୁ ମୁଁ ଅବଶ୍ୟ ଏକଥା ଲକ୍ଷ୍ୟ କରିଥିଲି। ନିର୍ଦ୍ଦିଷ୍ଟ ବ୍ୟବଧାନ ବଜାୟରଖି କଳା ଫୁଲ୍‌ପ୍ୟାଣ୍ଟ ଓ ଧଳା ହାପ୍‌ସାର୍ଟ ପିନ୍ଧା ଲୋକଟିଏ ଧୀର ପଦପାତରେ ସଂଚାଳିତ ହେଉଥିବା ଅବସ୍ଥାରେ, ଯିଏ ଏବେ ତା'ର ଗତି ବଂଦ କରି ଆର.ଆଇ.ଅଫିସ୍ ପୂର୍ବ ଆମ୍ବଗଛ ମୂଳରେ ଛିଡ଼ା ହୋଇଛି ।

ମୋର ଏବେ ହୃଦବୋଧ ହେଲା ଯେ, ସ୍ତ୍ରୀ ଲୋକଟି ମିଛ କହୁନାହିଁ। ଅନ୍ତତଃ ଲୋକଟା ସଂପର୍କରେ ତା'ର ଯାତ୍ରା ଅନୁଭବ ସେଇଆ ହିଁ କହୁଛି। ତେବେ କ'ଣ ପାଇଁ ସେ ଲୋକଟା ଯାକୁ ଅନୁସରଣ କରୁଛି ? ବିଶ୍ୱାସ ଏବଂ ଅବିଶ୍ୱାସର ଦୁଇ କୂଳକୁ ଛୁଇଁ ମୁଁ ଭ୍ରମିତ ହୋଇଯାଇଥିଲି। ତଥାପି ପଚାରିଲି – "ସେ କ'ଣ ତୁମ ପାଖରୁ ଚାହୁଁଛି ?"

"ମୋର ଏଇ ପିଲାଟିକୁ ସେ ମୋ କୋଳରୁ ଝିଙ୍କି ନେବ । ଏଇ ଲକ୍ଷ୍ୟରେ ସେ ମୋତେ ମେଣ୍ଢାଶୋଳ ପାଖରୁ ପତା କରି କରି ଆସୁଛି। ଆଉ ଜଣେ ମଟର ସାଇକେଲ ଚଢ଼ାଳି ସହିତ ଯା'ର ସଲା ଅଛି ।"

ତା' କଥାକୁ ମୁଁ ସତ ମଣିଲି । ଲୋକଟିର କୌଣସି ପିଲାପିଲି ନ ଥାଇ ପାରନ୍ତି । କାରଣ ସେ ଗୋଟେ ପିଲାଚୋର ହୋଇପାରେ ! ଏମିତି ଅସହାୟ ଅବସ୍ଥାରେ ଏକୁଟିଆ ସ୍ତ୍ରୀ ଲୋକଟିକୁ ଗୋଟିଏ ଧକ୍‌କାରେ ତଳେ ପକେଇ ଦେଇ ପିଲାଟିକୁ ଝିଂକି ନେଇଯାଇ ପାରେ ଏବଂ ତା' ସାଥୀ ସହିତ ମୋଟର ସାଇକେଲ୍‌ରେ ନିମିଷକେ ଅନ୍ତର୍ଦ୍ଧାନ ହୋଇଯାଇପାରେ, ଯାହାର ପଲିଟାନ୍ ନଗରୀରେ ଚାକିରୀଜୀବୀ ଦମ୍ପତି ଯେଉଁମାନଙ୍କର ପିଲା ଜନ୍ମ କରିବାକୁ ସମୟ ନାହିଁ କିମ୍ବା ବନ୍ଧ୍ୟାଙ୍କୁ ବିକ୍ରିକରି ମୋଟା ଅଙ୍କର ଟଂକା ଅସୁଲ କରିପାରନ୍ତି।



ଏମିତି ପରିସ୍ଥିତିରେ ପୁଲିସ୍‌କୁ ଜଣେଇବା ଉଚିତ ହେବ ମୁଁ କହିଲି, "ତୁମେ ଏଇଠି ଛିଡ଼ା ହୁଅ ଏବଂ ସେ ଲୋକକୁ ଅନିଶା କରୁଥାଅ। ପଛପଟେ ଡି.ଆଇ.ଜି ଅଫିସ୍। ଯୋଗାଯୋଗ କଲେ, ସଂଗେସଂଗେ ପୁଲିସ୍ ଆସିଯିବ ଏବଂ ସେ ଲୋକଟା ଉପରେ କାର୍ଯ୍ୟାନୁଷ୍ଠାନ କରିବ।"

"ନାଇଁ ବାବୁ, ନାଇଁ । ସିମିତି କାମ କରନାହିଁ । ମୋ ଘର ବଇସିଂଗା । ଘରେ ଦି' ଦି'ଟା ପିଲା ଛାଡ଼ିଦେଇ ଆସିଛି । ମୋ ବିନା ସେ ବିକଳ ହେଉଥିବେ । ମୋ ଗିରସ୍ତ କାମରୁ ଫେରି ମୋତେ ନ ପାଇ ରାଗରେ ପାଚି ଯିବଣି । ତମେ ବାବୁ ପୁଲିସ୍ ଡାକିଲେ, ମୁଁ ଆଜି ଆମ ଘରକୁ ଫେରିପାରିବି ନାହିଁ। କେତେ ପଚରା ଉଚୁରା ଖୋତାଡ଼ ଭିତରେ ଦି'ମାସର ପିଲାଟାକୁ ଧରି ମୁଁ ହନ୍ତସନ୍ତ ହୋଇଯିବି ।" ଅନୁନୟ ହୋଇ କହିଲା ସେ ।

ଅନୁଭବ କଲି ସତକଥା । ପୁଲିସ୍ ଡାକିଲେ ଅଯଥା ବିଳମ୍ବ ହେବ । ସେ ପିଲାଚୋର ବୋଲି ପ୍ରମାଣିତ କରିବା କଷ୍ଟକର ହେବ। ଏଣୁ ବାଧ ହୋଇ ସେ ପ୍ରକରା ପଦକ୍ଷେପରୁ ମୋତେ ନିବୃତ୍ତ ରହିବାକୁ ପଡ଼ିଲା। "ହଉ, ଠିକ୍ ଅଛି, ତତୁମେ ମୋ ପଛେ ପଛେ ଆସ।"

ଏ ପର୍ଯ୍ୟନ୍ତ ବି ସେ ଲୋକଟି ଗଛମୂଳେ ଛିଡ଼ା ହୋଇ ରହିଥାଏ ।

ଦମ୍ଭଧରି ମୋ ପଛେପଛେ ପିଲା କାଖେଇ ଅନୁସରଣ କଲା ସେ ସ୍ତ୍ରୀ ଲୋକଟି ।

ଜଣେ ଅପରିଚିତା ସହିତ ଚୁପ୍‌ଚାପ୍ ଚାଲିବା ଭିତରେ କିଛି କଥାର ଖିଅ ଯୋଡ଼ିବାକୁ ହେଲା ମୋତେ । ପଚାରିଲି, "ତୁମେ ମେଣ୍ଢାଶୋଳ ଯାଇଥିଲ କାହିଁକି ?"

"ମୋ ବଡ଼ଭଉଣୀ ଘରକୁ ଯାଇଥିଲି, ସେ ଖବର ଦେଇଥିଲା । ମୋ ମା' ବି ସେଇଠି ରହୁଛି, ତା'ରି ପାଖରେ ।"

"ଏତେ ଡେରି ପର୍ଯ୍ୟନ୍ତ କାହିଁକି ରହିଲ ? ବେଳାବେଳି ଫେରିଆସି ପାରିଥାନ୍ତ କିମ୍ବା ରହିଯାଇ ପାରିଥାନ୍ତ ?" ମୁଁ ଜେରା କଲାଭଳି ପଚାରିଲି ।

"ଦ୍ୱିପ୍ରହରରେ ସମସ୍ତେ ହାଣ୍ଡିଆ ପିଇ ଶୋଇଗଲେ ଏ ଗରମରେ। ଉଠୁ ଉଠୁ ସଂଜ। ମା' କହୁଥିଲା ରହିଯାଆ ବୋଲି। ହେଲେ ପିଲା ଦି'ଟାଙ୍କୁ ଛାଡ଼ି କେମିତି ରହିପାରିଥାନ୍ତି ?" ମୋ ଗିରସ୍ତ ଯୋଉ ଲୁକ, ପିଟି ଦେଇଥାନ୍ତା ମୋତେ ।

ତା' ଧାରଣାରେ ପିଲାଚୋରଟି ସେଇମିତି ଛିଡ଼ା ହୋଇରହିଛି ଗଛମୂଳେ। ଆମେ ଏବେ ତା'ର ପାଖାପାଖି ହୋଇଗଲୁଣି । ମୋ ପଛରେ କଥା କହି କହି ଚାଲିଛି ସ୍ତ୍ରୀଲୋକଟି । ତଥାପି ତା' କଥା ଓ ଚାଲିରୁ ଭୟର ସଂକେତ ମିଳୁଛି।

ମୁଁ ଅଟକିଗଲି ଏବଂ ତାକୁ ଆଗକୁ ଆସିବାକୁ କହିଲି । ତମେ....

କୃତ୍ରିମ ଅନ୍ୟମନସ୍କତାରେ ଲୋକଟି ଚାହିଁଲା ଆକାଶକୁ ଏବଂ ତା'ପରେ ସର୍କିଟ୍‌ହାଉସ୍ ଆଡ଼କୁ। ଲୋକଟିର ଯଦି ସେମିତି କିଛି ମନ୍ଦ ଉଦ୍ଦେଶ୍ୟ ଥିବ ତାହାଲେ ଏବେ ବିଫଳତା ଓ ତତ୍‌ଜନିତ ଅବସୋସରେ ଘାଣ୍ଟି ହେଉଥିବ ନିଶ୍ଚୟ ।

ଆମେ ତା' ପାଖ ଦେଇ ଅତିକ୍ରମ କରିଗଲୁ । ତା' ପାଇଁ ବିପଦ ଟଳିଗଲା ବୋଲି ସେ ନିଶ୍ଚୟ ଆଶ୍ୱସ୍ତ ହେଲା ଏବଂ କ୍ରମେ ମୋ ପଛକୁ ଚାଲିଆସିଲା । ସ୍ୱଳ୍ପ ବ୍ୟବଧାନ ରଖି ମୋ ଆଗେଆଗେ ଚାଲିବାପାଇଁ ତାକୁ ବୋଧହୁଏ ସଂକୋଚ ଲାଗିଲା।

ଷ୍ଟ୍ରିଟ୍‌ଲାଇଟ୍ ସବୁ ଧପ୍‌ଧପ୍ କରି ଜଳି ଉଠିଲେ ସେତିକିବେଳେ । ଆମେ ମୁଖ୍ୟରାସ୍ତାରେ ପହଁଚି ସାରିଥିଲୁ । ପଚାରିଲି, "ତମେ ଏବେ ଷ୍ଟେସନ୍ ପର୍ଯ୍ୟନ୍ତ ଏକାକୀ ଯାଇପାରିବ ?"

"ଆଉ କେତେ ବାଟ କି ! ହେଇ ତ ଇଷ୍ଟେସନ୍। ସେତେ ପର୍ଯ୍ୟନ୍ତ ଗଲେ ଟିକେ ଭଲ ହୁଅନ୍ତା। ତଥାପି ଡର ଲାଗୁଛି। ତମେ ବାବୁ ମୋ ସହିତ ନାହଁ ବୋଲି ଜାଣିଲେ, ସେ ପୁଣି କେତେବେଳେ ଆସି ଯାଇପାରେ ମୋତେ ଫଲୋ କରି।"

ଅଗତ୍ୟା ମୁଁ ତା' ସହିତ ଷ୍ଟେସନ୍ ପର୍ଯ୍ୟନ୍ତ ଯିବାକୁ ବାଧ ହେଲି। ମୋ ପଛରେ ପିଲାଟିକୁ ଧରି ନସର ପସର ହୋଇ ଚାଲୁଚାଲୁ କ'ଣ ସବୁ ସେ କହିଚାଲିଥିଲା, ଗାଡ଼ି ମୋଟରର ପେଁ ପାଁ ଶବ୍ଦ ଭିତରେ ତା' କଥା ମୋତେ ଭଲ କରି ଶୁଣାଯାଉ ନଥିଲା। ତେବେ ତା' କଥାରୁ ମୋଟାମୋଟି ଠଉର କଲି, ପିଲାଚୋରଟି ସଂପର୍କରେ ସେ କିଛି ଗାଳି ଗୁଲଜ କରୁଛି ।

ଷ୍ଟେସନ୍ ସାମ୍ନାରେ ଆସି ଆମେ ପହଞ୍ଚି ସାରିଥିଲୁ। "ତୁମେ ଏବେ ଷ୍ଟେସନ୍ ଭିତରକୁ ଯାଅ, ଯାଇ ପାରିବ ?"

"ହଁ, ଏବେ ଯାଇପାରିବି । ଇଷ୍ଟେସନ୍ ଭିତରେ ଲୋକ ପୁଂଜା ପୁଂଜା। ଆଉ ଡର ଲାଗିବ ନାହିଁ, ବାରିପଦାକୁ ଟ୍ରେନ୍ ଆସିବା ପର୍ଯ୍ୟନ୍ତ ସେଠି ବେଂଚରେ ବସି ବସି କଟେଇ ଦେବି। ବାବୁ, ମୋର ଜୁହାର ନିଅ। ତମେ ଟିକେ ସାହା ହୋଇ ନଥିଲେ, ସେ ମୋତେ ନିଶ୍ଚେ ଚିତା କାଟି ଦେଇଥାନ୍ତା ।"

ଏତିକି କହି ମୋ ସାମ୍ନାରେ ନଇଁ ପଡ଼ିବା ମୁହୂର୍ତ୍ତରେ ମୁଁ ବାରଣ କଲି। "ନାଇଁ, ମୋତ ଜୁହାର ହେବା ବଦଳରେ ଭଗବାନଙ୍କୁ ଜୁହାର କର। ତୁମେ ଏବେ ଯାଅ।"

ଷ୍ଟେସନ୍ ଦକ୍ଷିଣପାର୍ଶ୍ୱ କଲୋନି ରାସ୍ତାରେ ମୁଁ ଫେରିଲି ଘରକୁ । ଏଇଟା ମୋର ନିତିଦିନିଆ ସାୟଂକାଳୀନ ପରିକ୍ରମଣ ପଥ । ପ୍ରତିଦିନ ସଂଧ୍ୟାରେ ମୁଁ ଘରୁ ବାହାରି ତେଲଙ୍ଗାସାହି ଭିତରେ ପଶି ରେଲଓ୍ୱେ କଲୋନି ରାସ୍ତାରେ ଆସେ ଏଇ ପର୍ଯ୍ୟନ୍ତ (ଯେଉଁଠି ସେ ତ୍ରସ୍ତ ନାରୀଟିକୁ ମୁଁ ଆଜି ଭେଟିଲି) ଏବଂ ଫେରିଥାଏ ସେଇ ରାସ୍ତାରେ। ଆଶ୍ଚର୍ଯ୍ୟ ହେଉଥିଲି ଆଜି ସଂଧ୍ୟାରେ ଘରୁ ବାହାରି ମୁଁ କାହିଁକି ବାମମାର୍ଗ ପରିତ୍ୟାଗ କରି ଦକ୍ଷିଣମାର୍ଗ ଅନୁସରଣ ପୂର୍ବକ ସର୍କିଟ୍‌ହାଉସ୍ ପାଖକୁ ଆସିଥିଲି ? ଏହା ସତରେ ଏକ ଦୈବଯୋଗ ନା ଆଉ କିଛି ?


+ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର – ୭୫୬୦୦୧
ମୋ : ୯୪୩୯୪୪୨୯୪୨

## ପାଇଛୁ...ପଢ଼ିଛୁ...



**ଆକାଂକ୍ଷା**
**ମୁଖ୍ୟ ସଂପାଦକ :**
**ସୁରେଶ ନାୟକ**
ପ୍ଲଟ ନଂ- ୧୭୩ ଓ ୧୭୪,
୧୨-ମେନ୍ ରୋଡ, କ୍ରିଷ୍ଣା ନଗର
ପୁଡୁଚେରୀ
(ମୋ) ୯୦୪୩୦୮୭୪୫୬

"ସାହିତ୍ୟ ହେଉ କି ସମାଜ, ସେଠି ସମସ୍ତଙ୍କ ଅବଦାନ ରହିଛି ଓ ରହିବା ଜରୁରୀ ମଧ୍ୟ । ଏହି ସମାଜର ସଭିଏଁ ଗୋଟି ଗୋଟିଏ ଉପାଦାନ ଭାବେ ନିଜ କାର୍ଯ୍ୟ ଶ୍ରଦ୍ଧାର ସହ ସଂପାଦନ କଲେ ସମାଜର ହିତ ସାଧିତ ହେବ ।"

ଏଇପରି ଏକ ମନନଶୀଳ ବକ୍ତବ୍ୟ ରଖିଛନ୍ତି ସୁଦୂର ପଣ୍ଡିଚେରୀରୁ ନିୟମିତ ପ୍ରକାଶ ପାଉଥିବା ସମୟର ଆକାଂକ୍ଷା ପତ୍ରିକାର ସୁଯୋଗ୍ୟ ମୁଖ୍ୟ ସଂପାଦକ କବି ସୁରେଶ ନାୟକ।

ପତ୍ରିକାଟିର ମୁଖ୍ୟ ସମ୍ପାଦନା ଦାୟିତ୍ୱରେ ଥିବା ସୁରେଶ ନାୟକ ଜଣେ ସୁ-କବି ଓ ସମ୍ପାଦନା ଦାୟିତ୍ୱରେ ଥିବା ସୁକାନ୍ତ ସାହୁ ଜଣେ ସୁ-ଗାଳ୍ପିକ, ତେଣୁ ପତ୍ରିକାଟି ସବୁ ଦୃଷ୍ଟିରୁ ଉଚ୍ଚମାନର ହେବା ସ୍ୱାଭାବିକ । ୨୭୬ ପୃଷ୍ଠା ବିଶିଷ୍ଟ ଆକାଂକ୍ଷାର ପୂଜା ସଂଖ୍ୟା ବେଶ୍ ସୁଦୃଶ୍ୟ ଓ ସୁଶୋଭିତ। ଅଙ୍କନ ଦାୟିତ୍ୱ ଆମ ସମୟର ଜଣେ ପ୍ରତିଭାସମ୍ପନ୍ନ କବି ତଥା ଚିତ୍ରଶିଳ୍ପୀ ମାନମୟୀ ରଥଙ୍କ ହାତରେ ଥିବାରୁ ତାହା ବେଶ୍ ପରିଚ୍ଛନ୍ନ ଓ ସୁଦୃଶ୍ୟ ।

ଚଳିତ ସଂଖ୍ୟାରେ ସ୍ମୃତି ବିସ୍ମୃତି ସ୍ତମ୍ଭରେ ସୌଭାଗ୍ୟକୁମାର ମିଶ୍ରଙ୍କ ଲେଖା ବେଶ୍ ସ୍ମୃତି ବିଜଡିତ । କବିତାରେ ଜୟନ୍ତ ମହାପାତ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ହରପ୍ରସାଦ ଦାସ, ଦେବଦାସ ଛୋଟରାୟ, ପ୍ରଭାକର ଶତପଥୀ, ବଂଶୀଧର ଷଡଙ୍ଗୀ, ଅମରେଶ ପଟ୍ଟନାୟକ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଅଜୟ ପ୍ରଧାନ, ରକ୍ଷକ ନାୟକ, ଶୈଳଜ ରବି, ପବିତ୍ର ମୋହନ ଦାଶ, ସୌଭାଗ୍ୟବନ୍ତ ମହାରଣା, ରାମକୃଷ୍ଣ ସାହୁ, ଶ୍ରୀଦେବ, ଶ୍ରହରି ଧଳ, କୁମାର ହସନ, ରାଜୀବ ପାଣି, ମମତା ପଟ୍ଟନାୟକ,ସୁଶାନ୍ତ କୁମାର ନାୟକ, ସାବିତ୍ରୀ କବି, ବୈକୁଣ୍ଠନାଥ ସାହୁ, ରବି ଶତପଥୀ, ସୁଧାଂଶୁ ଅଶୋକ, ସୁବ୍ରତ ଜେନା, ଶ୍ରୀନିବାସ ସେଠୀ, ଶୁଭନାରାୟଣ ସ୍ୱାଇଁ, ସୁରଞ୍ଜନ ପାତ୍ର, ଅଙ୍ଗୁରବାଳା ପରିଡା ଆଦି ପ୍ରମୁଖ କବିଙ୍କ କବିତା ଥିବା ବେଳେ ମମତା ଦାଶଙ୍କର ବିଶ୍ୱାସର ଯୋଦ୍ଧା, ପରେଶ ପଟ୍ଟନାୟଙ୍କ ଉପନ୍ୟାସ କେହି ଜଣେ ମିଛ କହୁଛି, ପ୍ରଦୀପ କୁମାର ରାୟଙ୍କ ଆଲେଖ୍ୟ ବିଶ୍ୱକବିଙ୍କ ଜୀବନର ଶେଷ କିଛି ଦିନ, ନମିତା ଲକ୍ଷ୍ମୀ ଜଗଦେବଙ୍କ ରାମନାରାୟଣ ପଣ୍ଡା, ସଂଗ୍ରାମ ଜେନା, ବିଭୁ ପାଢୀ, ବିଷ୍ଣୁପଦ ସେଠୀ, ଗୋପବନ୍ଧୁ ଦାଶଙ୍କ ମୂଳ ଇଂରାଜୀ କବିତାର ଅନୁସୃଜନ, ପ୍ରବାସିନୀ ମହାକୁଡଙ୍କ ଆତ୍ମକଥାର ଅନୁଦିତ ରଚନା ଅନ୍ୟାରୁ ଅନନ୍ୟା, କେଦାର ମିଶ୍ରଙ୍କ ବାଳକୃଷ୍ଣ ଦାଶଙ୍କ ଉପରେ ଆଲେଖ୍ୟ, ଅନନ୍ତ ଗିରିଙ୍କ ସହାବସ୍ଥାନ, ସତ୍ୟବାଦୀ ବଳିଆରସିଂହଙ୍କ ମାଘମାସିଆ ଆସିଲାଣି, ସବିତା ସାହୁଙ୍କ ଅନୁଦିତ ଆଲେଖ୍ୟ ଖଲିଲ ଜିବ୍ରାନଙ୍କ ଚିଠି ସମେତ ସରୋଜିନୀ ସାହୁ, ଅଜୟ ସ୍ୱାଇଁ, ଗୌରହରି, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ନିବାରଣ ଜେନା, ଜୟନ୍ତୀ ରଥ, ବିରଜା ମହାପାତ୍ର, ସୈରିନ୍ଧ୍ରୀ ସାହୁ, ମଳୟ ମିଶ୍ର, ସୌରାଂଶୁ ପଟ୍ଟନାୟକ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ରଜନୀକାନ୍ତ ମହାନ୍ତି, କବିତା ବାରିକ, ଜ୍ଞାନରଂଜନ ନାୟକ, କଳ୍ପନା ପରିଡା, ମଧୁମିତା ମହାନ୍ତି, ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ସଂପଦ ନାୟକ, ମନୋଜ ମହାନ୍ତି, ସ୍ୱାଗତିକା ସେଠୀ, ଶ୍ରୀପ୍ରସାଦ ମହାନ୍ତି, ଅନୀଲ କୁମାର ପାଢୀ ପ୍ରମୁଖଙ୍କ ଗଳ୍ପ ସହିତ ବିଜୟ କୁମାର ପରିଡାଙ୍କ ଅନୁବାଦ ଗଳ୍ପ, ରାଧୁ ମିଶ୍ରଙ୍କ ହସନ୍ତ ଓ ହରିବୋଲରୁ ଶ୍ରୀ ହରିବୋଲ, ରଂଜନ କୁମାର ଦାସଙ୍କ ଗ୍ରାମର ନାମ ସ୍ୱପ୍ନପୁରୀ, ରାମାକାନ୍ତ ସାମନ୍ତରାୟଙ୍କ ଭାଷାର ନାମ ହିନ୍ଦୀ ଓ ବିରଜାବଳଙ୍କ ଉପସ୍ଥାପିତ ସମକାଳୀନ ଓଡିଆ କବିତାର ନବ ଉନ୍ମେଷ କ୍ରମରେ ଦିପୁନ ପୁହାଣ, ପୂରବୀ ଶତପଥୀ, ହୀରକ ମିଶ୍ର, ସସ୍ମିତା ରାଉତ, ଯୀଶୁକ୍ରୀଷ୍ଟ ଦାସଙ୍କ କବିତା ପ୍ରକାଶ ପାଇଛି ।

ଭ୍ରମଣ କାହାଣୀରେ ପ୍ରିୟବ୍ରତ ପାତ୍ର, ସୁମିତ୍ରା ପାଢୀଙ୍କ ନିଜକୁ ଜାଣିବା ରାସ୍ତାରେ, ତ୍ରିବେଣୀ ଭୋଳଙ୍କ ବାଣପୁରରେ ଶାକ୍ତଧର୍ମ ପରମ୍ପରା, ବହିକଥାରେ ଛନ୍ଦା ମିଶ୍ର ଓ ଡ. ଚନ୍ଦ୍ରଶେଖର ହୋତାଙ୍କ ଅଭପଯୋଗୀ ଉପସ୍ଥାପନା ପତ୍ରିକାଟିକୁ ରୋଚକ କରିବା ସହ ଆକାଂକ୍ଷାକୁ ସାରା ବର୍ଷ ପାଇଁ ଚର୍ଚ୍ଚାରେ ରଖିବ ।

**ସମୀକ୍ଷା : ଧ୍ୱନି ପ୍ରତିଧ୍ୱନି ଫିଚର୍ସ**

## ଜୀବନ ଦର୍ଶନ



**ଜଗଦୀଶ ସାହୁ**

### ଘରକୁ ଯୋଡିବା ଶିଖ

ଅସ୍ଥାୟୀ ଜୀବନ ପାଇଁ ମୁଢ ମନ
ଭୁଲି ନିଜ ପରିବାର
ଗାଁ ଛାଡିଦେଇ ଭଡା ଘର ନେଇ
ରହେ ପତ୍ନୀ ସଙ୍ଗତର !

ସେହି ଏକା ଜଣେ ମନ ତା'ର ଜିଣେ
ହୃଦୟରେ କରି ବାସ
ଆପଣାଇ ଯେତେ ଥିଲେ ତା' ସଙ୍ଗତେ
ସ୍ୱାର୍ଥପର ଅମଣିଷ !

ବାପା ମାଆ ତୁଲ ନୁହେଁ କେହି ଭଲ
କହିଥିଲା ଦିନେ ଯିଏ
ଶାଶୁ ଓ ଶ୍ୱଶୁର ପାଦେ ମନ ତା'ର
ସମର୍ପି ଦେଇଛି ସିଏ !

ସୁନା ପୁଅ ହୋଇ ନପାରିଲା ସେହି
ଭଲ ଜ୍ୱାଇଁ ହେବା ପାଇଁ
ପ୍ରସ୍ତୁତ ହେଉଛି ସାଧନା କରୁଛି
ଶ୍ୱଶୁର ଘର କୁ ଧାଇଁ !

ଦୁନିଆର ନିତି ହୋଇଛି ଏମିତି
ରକତ ହେଉଛି ପର
ଶତ୍ରୁ ହୁଏ ଭାଇ ଶଳା ମିତ ହୋଇ
ଶାଳୀ ବାନ୍ଧେ ରାକ୍ଷୀ ଡୋର !

ଘରଭଙ୍ଗା ନିତି ନୁହଁ ଭଲ ଗତି
ଘରକୁ ଯୋଡିବା ଶିଖ
ଯୋଡିଦେଲେ ଘର ହେବ ସ୍ୱର୍ଗ ପୁର
ସଭିଏଁ ପାଇବେ ସୁଖ !

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬

## ଗାଁ ଗୀତ

**(ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)**

**ଭାଗ-୪୬**

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍‌ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



**ଉମାକାନ୍ତ ରାଉତ(ଅରୂପ)**

♥ ପ୍ଲଟ ନମ୍ବର-୭୬୨,
ପ୍ରଥମ ମହଲା, ନିଳାଦ୍ରି ବିହାର,
ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

ମନ ସରୋବର ନଳିନୀ ଓଠରେ
ଉଦୟ ଭାନୁର ମୋହିତ ସୁରଭି
ଇନ୍ଦ୍ରଧନୁରୁ ରଂଗ ଅଜାଡ଼ି
ଭରି ଦେଇଥିଲା କେତେ ଯେ ରଂଗ
ଖୋଜୁଛି ମୁଁ ସେହି ରବି ।

ଭୁଲି ନଯିବାର ଗହିରୀ ନିଶାରେ
ତନ୍ଦ୍ରାଲୋକର ଇନ୍ଦ୍ରଜାଲେ ବି
ଶତ ଗୋଲାପର ଅଙ୍ଗ ସ୍ୱର୍ଶେ ବି
ଭୁଲି ହେଉନି ସେ ମାଟିର ରଂଗ
ଖୋଜୁଛି ମୁଁ ଏକ କବି ।

କବିଟିଏ ବୋଲି ପାରୁଛି ଯା' ଭାବି
ଦରଦୀ ଛାତିର ସ୍ଥାୟୀ ଅନୁଭବ
ସୁପ୍ତ ପ୍ରେମିକର ଗୁପ୍ତ ବଇଭବ
କି' ଭାବରେ ଅବା, କି ଭାଷାରେ ଆଜି
ପାରିବି ସେ କଥା କହି ?

କବିଟିଏ ବୋଲି ପାରୁଛି ଯା' ଆଜି
କବିତାଟେ ହୋଇ ଝରିଯିବା ଅବା
ନଦୀଟିଏ ସଂଭାବନା, ଅବା କି ଆଶାରେ
ବଂଚି ବା ପାରିବି ମୁହିଁ ?

॥ ସଚ୍ଚା ରିଫୁଜି ॥

ସହରଠୁଁ କାହିଁ କେତେ ଦୂର...
ଛୋଟିଆ ଗାଆଁଟେ ସିନା ନାଆଁଟି ସୁନ୍ଦର
ଧବଳ ଜ୍ୟୋସ୍ନାରେ ଖେଳେ ସାଳନ୍ଦୀର ନୀର
ଅନୁପମ ମନୋମୁଗ୍ଧକର
ହାତିସାହି ନାମେ ବିଦେଗଙ୍ଗାଧରପୁର ।

କାଳେ ନୁହେଁ ବେଳେ ନୁହେଁ
ଅଧିକାଂଶ ବେଳେ.... ।
ମନେପଡେ ଖୁବ୍ ମନେପଡ଼େ
ଚେମା ଅଜା ସରୁ ଚୁଟି
ପାରନାନୀ ଖଟା ଓ ଆଚାର
ସାଆନ୍ତ ବଙ୍କୁଲି ବାଡ଼ି
ବାଞ୍ଝା ମାଆ ଶୁଖୁଆ ବେପାର ।

ମଡ଼ାଡାହାଣ ପଦାର ଝଙ୍କାଳିଆ ବରଗଛ ତଳେ
ଜମୁଥିବା ଧାପ୍‌ସା ଆଉ ପୁଞ୍ଜିକିଆ ଘର
ଆହୁରି ବି ମନେ ପଡ଼େ
ବାରବଣ୍ଟୁଆ ଗୋହିରୀ
ହୁକେ ହୁଆ ଶିଆଳଙ୍କ ସ୍ୱର
ବାଦିପାଲା ଦଳ ଭଳି ସେ ସ୍ୱରକୁ
ଚ୍ୟାଲେଞ୍ଜ ଫୋପାଡୁଥିବା ଆମ ଗାଁ
ଖଣ୍ଡିଲାଞ୍ଜି, ବୁଲାଟିଆ ଲଙ୍ଗଳା କୁକୁର ।

(କ୍ରମଶଃ)

## ଚିନ୍ତନ



ଭଲ ଉପନ୍ୟାସ ନାହିଁ - ଏହି ସାହିତ୍ୟ କ୍ଷେତ୍ରରେ ଯେତିକି ଦୁଃସମ୍ବାଦ; ସମାଜ କ୍ଷେତ୍ରରେ ତା' ଠାରୁ ଆହୁରି ଅଧିକଗୁଣ ଦୁଃସମ୍ବାଦ ହେଉଛି - ଭଲ ମଣିଷଟିଏ ନାହିଁ । ହୁଏତ ସେଇଦିନ ଆସିବ ଭଲ ଉପନ୍ୟାସ ସୃଷ୍ଟି ହେବାର ସମୟ, ଯେଉଁଦିନ ସାହିତ୍ୟ ଖୋଜିବ ଭାବୀ ସମାଜ ପାଇଁ ଭଲ ମଣିଷଟିଏ- ଯିଏ କେବଳ ନାୟକ ନୁହେଁ, ଆମ ସାମାଜିକ ବିପ୍ଳବର ହେବ ଅଧିନାୟକ । ପାରମ୍ପରିକ ପ୍ରେମ, ପ୍ରବୃତ୍ତି ବା ଆଧୁନିକ ଆସ୍ଫାଳନଧର୍ମିତାର କ୍ଷୁଦ୍ର ଚୌହଦି ଛାଡି ଭଲ ଉପନ୍ୟାସର ଲେଖକ ହୁଏତ ମୁହାଁଇବ କ୍ଷେତ - ଖଳା- ଖଣି- ଖାଦାନ ଆଉ ହଜିଯାଇଥିବା ଆଦିବାସୀ ଅନ୍ଧାରି ମୂଳକର ନୂଆରାସ୍ତା ଆଡେ !

**ମାୟାଧର ନାୟକ**

ଯାଜପୁର ରୋଡ, ଯାଜପୁର, ମୋ)୯୮୬୧୦୩୪୧୬୩



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



## ବମ୍ ତୁଲ୍ ବୁଖାରା



୬୦

**ଦୀପକ ରଂଜନ ମିଶ୍ର**

# ॥ ବୀର ଚନ୍ଦ୍ରସିଂହ ଗଢ଼ବାଲୀ ॥

(ଚନ୍ଦ୍ରସିଂହ ଥିଲେ ପ୍ରଥମ ବିଶ୍ୱଯୁଦ୍ଧର ଜଣେ ସୈନିକ । ଫ୍ରାନ୍ସ, ଇଟାଲୀ, ଜର୍ମାନୀ ତଥା ମେସୋପଟାମିଆର ଯୁଦ୍ଧକ୍ଷେତ୍ରରେ ବୀରତ୍ୱ ପ୍ରଦର୍ଶନ କରି ବ୍ରିଟିଶ୍ ସରକାରଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । କିନ୍ତୁ ୧୯୩୦ ମସିହାରେ ପେଶାୱର ଠାରେ କଂଗ୍ରେସ ଆନ୍ଦୋଳନକାରୀ, ପଠାନ୍‌ମାନଙ୍କ ଉପରକୁ ଗୁଳି ଚଳାଇବାକୁ ସିଧା ସଳଖ ମନା କରିଦେବାରୁ ତାଙ୍କୁ କୋର୍ଟ ମାର୍ଶଲ କରାଯାଇଥିଲା । ଏହି ଘଟଣା ଇତିହାସରେ 'ପେଶାୱର କାଣ୍ଡ' ନାମରେ ପ୍ରସିଦ୍ଧ । ୧୮୫୭ ସିପାହୀ ବିଦ୍ରୋହ ପରେ ଏହା ଥିଲା ପ୍ରଥମ ଘଟଣା ଯେଉଁଥିରେ ଉପରିସ୍ଥ ଅଫିସରଙ୍କ ନିର୍ଦ୍ଦେଶକୁ ଅବମାନନା କରି ସିପାହୀମାନେ କୋର୍ଟମାର୍ଶଲ ହୋଇଥିଲେ । ଚନ୍ଦ୍ରସିଂହ ଥିଲେ ଏହି ପେଶାୱର କାଣ୍ଡର ମହାନାୟକ । ଦୀର୍ଘ ୧୧ ବର୍ଷ କାଳ ଭରତୀୟ ଜେଲ୍‌ରେ ଅକଥନୀୟ ନିର୍ଯ୍ୟାତନା ସହିବା ପରେ ସେ ମୁକ୍ତି ପାଇଥିଲେ ୧୯୪୨ ମସିହାରେ । ଜବାହରଲାଲ ନେହେରୁଙ୍କ ସହ ଜେଲ୍ ଭିତରେ ଗୋଟିଏ କୋଠରୀରେ ସେ କାଟିଥିଲେ ୪୬ ଦିନ । ନେହେରୁ ତାଙ୍କୁ ଖୁବ୍ ସମ୍ମାନ ଦେବା ସହ 'ବଡ଼େଭାଇ' ବୋଲି ଡାକୁଥିଲେ । ୧୯୭୯ ମସିହାରେ ତାଙ୍କର ଦେହାନ୍ତ ହୋଇଥିଲା ।)

ଗଢ଼ବାଲ ଜିଲ୍ଲାର 'ରୌଣାସେରା' ଗାଁରେ ଚନ୍ଦ୍ରସିଂହଙ୍କ ଜନ୍ମ ହୋଇଥିଲା ୧୮୯୧ ମସିହାରେ ଏକ ସାଧାରଣ ଚାଷୀ ପରିବାରରେ । ସେ ପିଲାଦିନରୁ ଥିଲେ ଭାରି ବଳୁଆ ଓ ବଦ୍‌ରାଗି । ଟିକେ ଟିକେ କଥାରେ ରାଗିଯାଇ ସାଥୀ ପିଲାଙ୍କୁ ଖୁବ୍ ମାରପିଟ୍ କରୁଥିବାରୁ ଗାଁରେ ସମସ୍ତେ ତାଙ୍କୁ 'ଭଡ୍' ବୋଲି ଡାକୁଥିଲେ । ଗଢ଼ବାଲୀ ଭାଷାରେ ଭଡ୍ ଶବ୍ଦର ଅର୍ଥ ବୀର, ସାହସୀ । ବାପା ଜାଥିଲି ସିଂହ ଚାଷକାର୍ଯ୍ୟ ସହିତ ଗାଁରେ ବଇଦୀ କରୁଥିଲେ । ହେଲେ ସେ ଥିଲେ ସମ୍ପୂର୍ଣ୍ଣ ନିରକ୍ଷର । ପୁଅର ପଢ଼ାପଢ଼ି ପ୍ରତି ସେ ଆଦୌ ଧ୍ୟାନ ଦେଉ ନଥିଲେ । ଚାଷୀଘର ପୁଅ, ଚାଷ ନକରି ପାଠ ପଢ଼ିଲେ ଖାଇବ କ'ଣ ? ଚନ୍ଦ୍ରସିଂହର କିନ୍ତୁ ପାଠ ପଢ଼ିବାକୁ ଥାଏ ଭାରି ମନ । ଗାଁ ଜମିଦାର ଜବାହର ସିଂହ ଥିଲେ ଶିକ୍ଷିତ । ସେ ତାଙ୍କ ପିଲାମାନଙ୍କୁ ପ୍ରତିଦିନ ପାଖରେ ବସାଇ ପାଠ ପଢ଼ାନ୍ତି । ଚନ୍ଦ୍ର ଚୁପ୍‌ଚାପ୍ ଯାଇ ସେମାନଙ୍କ ପିଣ୍ଡା କଡ଼କୁ ବସି ଜମିଦାର କହୁଥିବା କଥାଗୁଡ଼ିକୁ ଧ୍ୟାନ ଦେଇ ଶୁଣନ୍ତି ଓ ମନେ ରଖିବାକୁ ଚେଷ୍ଟା କରନ୍ତି । ଘରକୁ ଫେରିବା ପରେ କୋଇଲା ଖଣ୍ଡଟେ ଧରି ଚଟାଣରେ ଲେଖି ଲେଖି ସେଇ ପାଠ ଅଭ୍ୟାସ କରନ୍ତି । ତୀକ୍ଷ୍ଣ ସ୍ମୃତିଶକ୍ତିର ଅଧିକାରୀ ହୋଇଥିବାରୁ ଜମିଦାରଙ୍କ ପାଖରୁ ଶୁଣିଥିବା ସବୁ ପାଠ ତାଙ୍କର ମନେ ରହିଯାଉଥାଏ । ଜମିଦାରଙ୍କ ପୂର୍ବ ପାଠ ବିଷୟରେ ପ୍ରଶ୍ନର ଉତ୍ତର ତାଙ୍କ ପିଲାମାନେ ଦେଇ ନପାରିଲେ ଚନ୍ଦ୍ର ତାହା ପିଣ୍ଡା କଡ଼କୁ ବସିଥିବା ଅବସ୍ଥାରେ ଦେଇ ଦିଅନ୍ତି । କେତେଥର ଏଭଳି ଘଟଣା ଘଟିବାରୁ ଜମିଦାର ଜାଣିପାରନ୍ତି ପିଲାଟିର ପଢ଼ିବାକୁ ଖୁବ୍ ଆଗ୍ରହ ଅଛି ବୋଲି । ଏଥର ଚନ୍ଦ୍ରଙ୍କୁ ସେ ତାଙ୍କ ପିଲାଙ୍କ ସହ ପାଖରେ ବସାଇ ପଢ଼ାଇବାକୁ ଲାଗନ୍ତି । ହେଲେ ବର୍ଷେ ଖଣ୍ଡେ ପଢ଼ାଇବା ପରେ ଜମିଦାର ଜବାହର ସିଂହଙ୍କ ଦେହାନ୍ତ ହୋଇଯିବାରୁ ଚନ୍ଦ୍ରଙ୍କ ପାଠପଢ଼ା ସେତିକିରେ ରହିଯାଏ ।

ରୌଣାସେରାରୁ କିଛି ମାଇଲ ଦୂରରେ 'ଧମତପା' ନାମକ ଏକ ଖ୍ରୀଷ୍ଟିଆନ ଗାଁ ଥାଏ । ସେଠିକାର ପାଦ୍ରୀ ବିଦ୍ୟାଳୟଟିଏ ପ୍ରତିଷ୍ଠା କରି ପିଲାମାନଙ୍କୁ ପଢ଼ାଇବାର ବ୍ୟବସ୍ଥା କରିଥାନ୍ତି । ଜମିଦାରଘର ପିଲାମାନେ ସେଇ ସ୍କୁଲକୁ ପଢ଼ିବାକୁ ଯାଆନ୍ତି । ଚନ୍ଦ୍ରଙ୍କର ବି ଭାରି ମନ ସେମାନଙ୍କ ସାଙ୍ଗରେ ଯାଇ ସେଇ ସ୍କୁଲରେ ପଢ଼ିବା ପାଇଁ । ହେଲେ ବାପା ରାଜି ହେଲେ ତ । ଚଷାପୁଅର ଚାଷ କରିବା ପରା କୌଳିକ ବୃତ୍ତି । ପେଟରେ ଓଦାକନା ରଖି ପାଠ ପଢ଼ିଲେ ପେଟ କ'ଣ ଆପେ ଆପେ ପୂରିଯିବ ? ବାପାଙ୍କ ଏଭଳି ମନୋଭାବ ତାଙ୍କୁ ଆଦୌ ଭଲ ଲାଗେନା । ହେଲେ ମୁହେଁ ମୁହେଁ ତାଙ୍କୁ ବିରୋଧ କରିବାକୁ ସାହସ ନଥାଏ ଚନ୍ଦ୍ରର । ଘରେ କାହାକୁ କିଛି ନକହି ଦିନେ ସେ ସକାଳୁ ସକାଳୁ ଯାଇ ଧମତପାରେ ପାଦ୍ରୀଙ୍କ ପାଖରେ ପହଞ୍ଚି ଯାଆନ୍ତି । ଜମିଦାରଙ୍କ ପିଲାମାନଙ୍କ ଠାରୁ ଚନ୍ଦ୍ରର ପଢ଼ାପ୍ରତି ଆଗ୍ରହ ବିଷୟରେ ଶୁଣି ପାଦ୍ରୀ ତାଙ୍କୁ ସ୍କୁଲରେ ନାମ ନଲେଖାଇ ସୁଦ୍ଧା ପଢ଼ିବା ପାଇଁ ଅନୁମତି ଦିଅନ୍ତି । ପିଲାମାନେ ପଢ଼ିସାରି ସନ୍ଧ୍ୟା ବେଳକୁ ଘରକୁ ଫେରି ଆସନ୍ତି । ହେଲେ ଘରେ କିଛି ନଜଣାଇ ସ୍କୁଲକୁ ଚାଲି ଆସିଥିବାରୁ ବାପା ପ୍ରବଳ ରାଗିକରି ଥିବେ ବୋଲି ଭାବି ଚନ୍ଦ୍ର ଆଉ ଘରକୁ ନଫେରି ପାଖଗାଁ ମନ୍ଦିର ପିଣ୍ଡାରେ ଶୋଇ ପଡ଼ନ୍ତି । ଏଣେ ଦିନ ଯାଇ ରାତି ହେଲେ ସୁଦ୍ଧା ଚନ୍ଦ୍ର ଘରକୁ ନଫେରିବାରୁ ବାପାମା' ପୁଅକଥା ଚିନ୍ତାକରି ଛାନିଆଁ ହୋଇଯାଆନ୍ତି । ଚାରିଆଡ଼େ ଖୋଜାଖୋଜି ବେଳେ ଜମିଦାରଘର ପିଲାମାନଙ୍କ ପାଖରୁ ଜାଣିବାକୁ ପାଆନ୍ତି ସେ ସେଦିନ ସ୍କୁଲକୁ ଯାଇଥିଲା ବୋଲି । ଗଲା ଯଦି ସାଙ୍ଗପିଲାଙ୍କ ସହିତ ଫେରିବା କଥା । ନଫେରି ରାତିରେ ରହିଲା କୋଉଠି ? ବାପାଙ୍କ ଭିତରେ ରାଗର ପରିମାଣ କ୍ରମଶଃ ବୃଦ୍ଧି ପାଇବାକୁ ଲାଗିଥାଏ । ତା' ପରଦିନ ସକାଳୁ ସେ ଧମତପା ଯାଇ ସେଠାରେ ପଚରା ଉଚୁରା କରିବାକୁ ମନସ୍ଥ କରନ୍ତି ।



ଖ୍ରୀଷ୍ଟିଆନ ସ୍କୁଲ ହୋଇଥିବାରୁ ପିଲାମାନେ ସେଠାକୁ ଖାଇବା ଧରି ଯାଆନ୍ତି ନାହିଁ । ଗଲାବେଳେ ବାଟରେ ଗୋଟେ ଝଙ୍କାଳିଆ ଗଛରେ ଖାଦ୍ୟପୁଡ଼ିଆ ବାନ୍ଧିଦେଇ ଯାଆନ୍ତି । ଖାଇବା ଛୁଟିହେଲେ ଗଛ ଡାଳରୁ ତାକୁ ବାହାରକରି ଆଣି ସେମାନେ ଖାଆନ୍ତି । ଚନ୍ଦ୍ର ଗୋଟେ ଦିନ ଖାଡ଼ା ଓପାସ ଥିବାରୁ ପିଲାଏ ଖାଦ୍ୟ ପୁଡ଼ିଆ ବାନ୍ଧିଦେଇ ସ୍କୁଲ ଯିବା ସମୟକୁ ସେ ଅପେକ୍ଷା କରି ରହିଥାନ୍ତି । ସମସ୍ତେ ଚାଲିଯିବା ପରେ ସେ ଖାଦ୍ୟ ପୁଟୁଳି କାଢ଼ି ମନଇଚ୍ଛା ଖାଇ ସ୍କୁଲରେ ଯାଇ ପହଞ୍ଚି ଯାଆନ୍ତି । ହେଲେ ତାଙ୍କୁ କ'ଣ ଜଣାଥାଏ ଯେ ସେଠାରେ ବାପା ତାଙ୍କୁ ଅପେକ୍ଷା କରି ରହିଛନ୍ତି ବୋଲି । ବାପାଙ୍କ ନାଲିଆଖି ଦେଖି ଭୟଭୀତ ହୋଇ ମାଷ୍ଟରଙ୍କ ପଛପଟେ ଯାଇ ଲୁଚି ଯାଆନ୍ତି ଚନ୍ଦ୍ର । ସେଠାରୁ ଘୋଷାରି ଆଣି ପିଠିରେ ଦି'ଚାରି ବିଧା ବସେଇ ଦେବାକୁ ସାହସ ହୁଏନି ବାପାଙ୍କର । ଏଣେ ମାଷ୍ଟର ବି ଜାଣି ସାରିଥାନ୍ତି ପିଲାଟିର ପାଠ ପଢ଼ିବାକୁ ପ୍ରଚଣ୍ଡ ଆଗ୍ରହ ଅଛି ବୋଲି । ସେ ଜାଥିଲି ସିଂହଙ୍କୁ ଅନେକ କଥା କହି ବୁଝାଇବାକୁ ପ୍ରୟାସ କରନ୍ତି । ପିଲାଟିର ପଢ଼ିବା ପାଇଁ ଖୁବ୍ ଆଗ୍ରହ ଥିବାରୁ ତାକୁ ପଢ଼ିବାକୁ ସୁଯୋଗ ଦେଲେ ସେ ଜୀବନରେ ଖୁବ୍ ଉନ୍ନତି କରିବ । ତା'ର ପଢ଼ାପଢ଼ି ପାଇଁ ବାପାଙ୍କୁ କିଛି ଖର୍ଚ୍ଚ ଦେବାକୁ ପଡ଼ିବନି । ପଢ଼ାର ସବୁଭାର ବହନ କରିବ ସ୍କୁଲ । ମାଷ୍ଟରଙ୍କ ଅନେକ ବୁଝାସୁଝା କରିବାରୁ ଶେଷକୁ ଜାଥିଲି ସିଂହଙ୍କ ମନ ସାମାନ୍ୟ ପରିବର୍ତ୍ତନ ହୁଏ । ସେ ଚନ୍ଦ୍ରଙ୍କୁ ନିୟମିତ ସ୍କୁଲ ପଠାଇବାକୁ ରାଜି ହୋଇଯାଆନ୍ତି । ଚତୁର୍ଥ ଶ୍ରେଣୀରେ ଚନ୍ଦ୍ରଙ୍କ ନାମ ଲେଖାଇ ଦିଆଯାଏ ।

କିଛିମାସ ହିଁ ଚନ୍ଦ୍ର ସେଇ ସ୍କୁଲରେ ପଢ଼ିବା ସମ୍ଭବ ହୋଇପାରେ । ପାଦ୍ରୀ ଜଣକ ସେଇ ଗାଁ ଛାଡ଼ି ଅନ୍ୟତ୍ର ଚାଲିଯିବାରୁ ସ୍କୁଲ ବନ୍ଦ ହୋଇଯାଏ । ଦୂର ସହରକୁ ଯାଇ ପାଠ ପଢ଼ିବା ପାଇଁ ନା ଥାଏ ସମ୍ବଳ ନା ବାପାଙ୍କ ଆଗ୍ରହ । ବାଧ୍ୟ ହୋଇ ପଢ଼ାବହିରେ ଡୋରି ବାନ୍ଧି ଚନ୍ଦ୍ର ବାପାଙ୍କ ସହ ଚାଷ କରିବା ତଥା ଗାଈ ଚରାଇବାରେ ମନ ଦିଅନ୍ତି । କେତେବେଳେ କେମିତି ସମୟ ପାଇଲେ କୋଇଲା ଖଣ୍ଡଟିଏ ଧରି ଚଟାଣରେ କିନ୍ତୁ ଲେଖାଲେଖି ଜାରି ରହିଥାଏ ତାଙ୍କର । ସେଥିପାଇଁ ପାଠପଢ଼ା ଆଗକୁ ନବଢ଼ିଲେ ମଧ୍ୟ ନିୟମିତ ଅଭ୍ୟାସ କରୁଥିବାରୁ ସେ ପାଠ ଭୁଲିଯାଆନ୍ତି ନାହିଁ ।

ଚନ୍ଦ୍ରଙ୍କୁ ପ୍ରାୟ ୧୩ ବର୍ଷ ହେଉଥିବା ବେଳେ ଗଢ଼ବାଲ୍‌ର ଡେପୁଟି କମିଶନର ତାଙ୍କ ପତ୍ନୀଙ୍କ ସହିତ ଶିକାର ଖେଳିବା ଉଦ୍ଦେଶ୍ୟରେ ଏମାନଙ୍କ ଗାଁ ପାଖ ଜଙ୍ଗଲକୁ ଆସନ୍ତି । ତାଙ୍କ ରହିବା ତଥା ଖାଇବା ବ୍ୟବସ୍ଥା ସ୍ଥାନୀୟ ଡାକବଙ୍ଗଳାରେ ଗାଁ ବାଲାଙ୍କ ଦ୍ୱାରା କରାଯାଏ । ସାହେବ ତାଙ୍କ ଅନୁଚରଙ୍କ ସହିତ ଶିକାର ପାଇଁ ଜଙ୍ଗଲକୁ ଚାଲିଯାଆନ୍ତି । ଡାକବଙ୍ଗଳାରେ ବିଶ୍ରାମ ନେଉଥାନ୍ତି ମେମ୍‌ସାବ୍ । ସେତିକିବେଳେ ଜଣେ ଗ୍ରାମବାସୀ ଉଭା ଲଙ୍ଗଳା ହୋଇ ଡାକବଙ୍ଗଳା ଆଗଦେଇ ଡେଇଁ ଡେଇଁ ଚାଲିଯାଏ । ମେମ୍ ସାହେବ୍ ଏହି ଦୃଶ୍ୟ ଦେଖି ଖୁବ୍ ଅପମାନିତ ବୋଧ କରନ୍ତି । ଜିଲ୍ଲାର ସବୁଠୁ ବଡ଼ ଅଫିସରଙ୍କ ପତ୍ନୀଙ୍କ ସମ୍ମୁଖରେ ଲଙ୍ଗଳା ହୋଇ ଡିଆଁଡେଇଁ କରିବା ଥାଏ ପ୍ରକୃତରେ ଅକ୍ଷମଣୀୟ ଅପରାଧ । ସାହେବ୍ ଶିକାରରୁ ଫେରି ଏକଥା ଶୁଣି ରାଗି ନିଆଁବାଣ ହୋଇଯାଆନ୍ତି । ଗାଁର ସମସ୍ତଙ୍କୁ ଡାକି ଡାକ ବଙ୍ଗଳା ସାମ୍ନାରେ ଧାଡ଼ି କରି ଠିଆ କରାଯାଏ । ହେଲେ ମେମ୍ ସାହେବ୍ ସେଇ ଅଭଦ୍ର ଲୋକଟିକୁ ଚିହ୍ନଟ କରିବାରେ ବିଫଳ ହୁଅନ୍ତି । ସମସ୍ତଙ୍କୁ ଜିଲ୍ଲା ସଦର ମହକୁମା 'ପୌଡ଼ି'ରେ ଥିବା ଡେପୁଟି କମିଶନରଙ୍କ କାର୍ଯ୍ୟାଳୟରେ ହାଜିର ହେବାକୁ ହୁକୁମ୍ ଦିଆଯାଏ । ସମସ୍ତେ ଯାଇ ପୌଡ଼ିରେ ପହଞ୍ଚିବାରୁ ସେମାନଙ୍କୁ ଯୋଶୀମଠ ଆଗକୁ ତିବ୍ବତ୍ ସୀମାକୁ ଲାଗିଥିବା 'ନୀତୀ' ନାମକ ସ୍ଥାନକୁ ଯିବାକୁ ଆଦେଶ ହୁଏ । ଗାଁ ଲୋକେ ନିଜ ନିଜ ପେଡ଼ି ପୁଟୁଳି କାନ୍ଧେଇ ଚାଲି ଚାଲି କେତେ ଦିନରେ ଯାଇ ନୀତୀରେ ପହଞ୍ଚନ୍ତି । ସେଇଠୁ ସେମାନଙ୍କୁ ପୁଣି ପୌଡ଼ି ଫେରିଯିବାକୁ ଆଦେଶ ହୁଏ । ସେଠାରେ ମେମ୍ ସାହେବ୍ ଥିବାରୁ ସେଠାକୁ ଗଲେ ସେ ହିଁ ସେମାନଙ୍କର ଉପଯୁକ୍ତ ଦଣ୍ଡ ବିଧାନ କରିବେ । ଲୋକଙ୍କ ପାଖରେ ଖାଇବା ପାଇଁ ଖାଦ୍ୟ ବି ନଥାଏ । ଦୁଇଜଣଙ୍କୁ ଗାଁକୁ ପଠାଯାଏ । ସେମାନେ ପ୍ରତ୍ୟେକ ଘରୁ କିଛି କିଛି ଖାଦ୍ୟ ତଥା ପଇସା ସଂଗ୍ରହ କରି ଫେରିବାରୁ ପୁଣି ଗ୍ରାମବାସୀମାନେ ପୌଡ଼ି ଆଡ଼କୁ ମୁହାଁନ୍ତି । ମେମ୍ ସାହେବ୍ କ'ଣ ଦଣ୍ଡ ବିଧାନ କରିବେ ତାହା ଭାବି ସମସ୍ତେ ଆତଙ୍କିତ ଅବସ୍ଥାରେ ଥାଆନ୍ତି । ସମସ୍ତଙ୍କ ମୁହଁରୁ ହସ ଉଭେଇ ଯାଇଥାଏ ।

ରୌଣାସେରା ଗାଁ'ର ଗୌରୀଦତ୍ତ ବ୍ରାହ୍ମଣ ଥିଲେ ଜଣେ ମହାନ୍ ତନ୍ତ୍ର ସାଧକ । ଚୁଲିମାଟି, ଢେଙ୍କିମାଟି, ଘଣାମାଟି ଓ ଗାମୁଛାର କିଛି ସୁତାକୁ ମିଶାଇ ଗୋଟେ କାଗଜ ପୁଡ଼ିଆରେ ବାନ୍ଧି ସେ ମନ୍ତ୍ର କରିଦିଅନ୍ତି । ସାହେବ୍ ଅଦାଲତରେ ବସି ସେମାନଙ୍କ ବିଚାର କରୁଥିବା ବେଳେ ତାଙ୍କ ଉପରକୁ ସେଇ ମାଟି ଫିଙ୍ଗିଦେଲେ ତାଙ୍କର ମତ ପରିବର୍ତ୍ତନ ହେବ ଓ ସମସ୍ତେ ଦଣ୍ଡ ପାଇବାରୁ ବର୍ତ୍ତିଯିବେ ବୋଲି ସେ ଦୃଢ଼ତାର ସହ କହନ୍ତି । ହେଲେ ଡେପୁଟି କମିଶନରଙ୍କ ଉପରକୁ ମାଟି ଫିଙ୍ଗିବା ଓ ବାଘ ମୁହଁରେ ହାତ ପୂରାଇବା ଏକାକଥା । ସେଇ କାମ କରିବାକୁ କେହି ରାଜି ହୁଅନ୍ତି ନାହିଁ । ଚନ୍ଦ୍ର କିନ୍ତୁ ଏକଥା ଶୁଣି ଭାବନ୍ତି ଯେ ସେ ଯଦି ନିଜ ଗାଁଲୋକଙ୍କ ପାଇଁ ଏତିକି କରି ପାରିବେନି ତେବେ ଭଡ୍ କେମିତି ହେଲେ ଯେ ? ନିଜ ନାଁର ସାର୍ଥକତା ପାଇଁ ତାଙ୍କୁ ଏତକ କାର୍ଯ୍ୟ ନିହାତି କରିବାକୁ ପଡ଼ିବ । ସେ ଆଗପଛ ବିଚାର ନକରି ଗୌରୀଦତ୍ତଙ୍କ ପାଖରୁ ପୁଡ଼ିଆଟି ଆଣି ତାକୁ ନିଜେ ଫିଙ୍ଗିବେ ବୋଲି କହନ୍ତି ।

ଲୋକେ ଚାଲି ଚାଲି ନୀତୀ ରୁ ପୁଣି ଫେରନ୍ତି ପୌଡ଼ି । ସେମାନେ ଆସିବାରୁ ସାହେବ୍ ନିଜ ବଙ୍ଗଳା ସମ୍ମୁଖରେ ମେମ୍ ସାହେବ୍‌ଙ୍କ ସହିତ ଚେୟାର ପକାଇ ବସନ୍ତି । ଗ୍ରାମବାସୀଙ୍କୁ ସେଠାରେ ଉପସ୍ଥିତ ରହିବାକୁ ହୁକୁମ୍ ଦିଆଯାଏ । ସିପାହୀମାନେ ବନ୍ଧୁକ ଧରି ଜଗିଥାଆନ୍ତି । କିନ୍ତୁ ଚନ୍ଦ୍ରସିଂହ କୌଶଳକ୍ରମେ କେତେବେଳେ ସାହେବ୍‌ଙ୍କ ପଛପଟକୁ ଯାଇ ତାଙ୍କ ଉପରେ ପୁଡ଼ିଆର ମନ୍ତ୍ରିତ ମାଟି ପକାଇ ଦିଅନ୍ତି ତାହା କେହିବି ଜାଣି ପାରନ୍ତି ନାହିଁ । ଗୌରୀଦତ୍ତଙ୍କ ମନ୍ତ୍ର ପ୍ରକୃତରେ ପ୍ରଭାବ ପକାଏ । ସାହେବ ଓ ମେମ୍ ସାହେବ୍ ଉଭୟଙ୍କ ମନର ରାଗ ଯେମିତି କ୍ଷଣିକେ ଥଣ୍ଡା ପଡ଼ିଯାଏ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ପାଞ୍ଚଟଙ୍କା ଲେଖା ଜରିମାନା ଦେବାକୁ ରାୟ ଶୁଣାଇ ଦିଅନ୍ତି ସାହେବ୍ । ଭବିଷ୍ୟତରେ ଯେମିତି ଆଉ କେବେ କେହି ଏମିତି ଅଭଦ୍ରାମୀ ନକରନ୍ତି ସେଥିପାଇଁ ଗାଁର ମୁଖିଆଙ୍କୁ ତାଗିଦ୍ କରାଯାଏ । ଫାଶୀ ନହେଲେ ବି କଳାପାଣି କିମ୍ବା ଲମ୍ବା ଅବଧିର ଜେଲଦଣ୍ଡ ବିଷୟରେ ଭାବୁଥିବା ବେଳେ ମାତ୍ର ପାଞ୍ଚଟଙ୍କାରେ କାମ ଛିଣ୍ଡିଯିବା ଦେଖି ଲୋକେ ସ୍ୱସ୍ତିର ନିଶ୍ୱାସ ଛାଡ଼ନ୍ତି । ସମସ୍ତେ ଗୌରୀଦତ୍ତ ବ୍ରାହ୍ମଣଙ୍କ ତନ୍ତ୍ରଶକ୍ତି ଓ ଭଡ୍ (ଚନ୍ଦ୍ରସିଂହ)ର ବୀରତ୍ୱର ଭୁରି ଭୁରି ପ୍ରଶଂସା କରିବା ସହ ଉଭୟଙ୍କୁ କାନ୍ଧରେ ବସାଇ ଗାଁକୁ ଫେରନ୍ତି । ଆଖପାଖ ଗାଁମାନଙ୍କରେ ଚନ୍ଦ୍ରସିଂହର ବୀରତ୍ୱର ଗାଥା ପ୍ରଚାରିତ ହୋଇଯାଏ । ପୁଅର ଏଭଳି ସାହସିକ କାର୍ଯ୍ୟ ଯୋଗୁଁ ସମସ୍ତ ଗ୍ରାମବାସୀ କଠୋର ଦଣ୍ଡରୁ ବର୍ତ୍ତି ଯାଇଥିବା ଦେଖି କୁଣ୍ଢେମୋଟ ହୋଇଯାଏ ଜାଥିଲି ସିଂହଙ୍କ ଛାତି ।

ଚନ୍ଦ୍ରସିଂହ ଟିକିଏ ବଡ଼ ହୋଇଯିବାରୁ ତାଙ୍କୁ ଆଉ ଗାଁରେ ରହି ଚାଷବାସ କରିବାକୁ ଇଚ୍ଛା ହୁଏନି । ସେ ଘର ଛାଡ଼ି କୁଆଡ଼େ ଯାଇ ଚାକିରି ଖୋଜିବାକୁ ସ୍ଥିର କରନ୍ତି । ଦିନେ ଅଧରାତିରୁ କାହାକୁ କିଛି ନକହି ସେ ଘର ଛାଡ଼ି ଚାଲିଯାଆନ୍ତି ଚାକିରି ଅନ୍ୱେଷଣରେ । ପୌଡ଼ି ବାଟଦେଇ ସେ ହରିଦ୍ୱାର ଯାଆନ୍ତି । ଋଷିକେଶ ପହଞ୍ଚିଲା ବେଳକୁ ତାଙ୍କୁ ହଇଜା ଲାଗିଯାଏ । ଅତ୍ୟଧିକ ବାନ୍ତି ଓ ଝାଡ଼ା ହେବା ଫଳରେ ସେ ଦୁର୍ବଳ ହୋଇ ଚେତା ହରାଇ ରାସ୍ତାରେ ପଡ଼ିଯାଆନ୍ତି । ସେଠିକାର ଜଣେ ସାଧୁ ଚିକିତ୍ସା କରିବା ଲକ୍ଷ୍ୟରେ ତାଙ୍କୁ ସେଇ ଅଚେତ ଅବସ୍ଥାରେ ଟାଣି ଟାଣି ନେଇ ଗଙ୍ଗାନଦୀରେ ଅଧା ପାଣି ଓ ଅଧା ବାଲିରେ ପକାଇ ଦିଅନ୍ତି । ଅଫିମ ଓ ପିଆଜ ରସକୁ ଏକ ନିର୍ଦ୍ଦିଷ୍ଟ ଅନୁପାତରେ ମିଶାଇ ତାକୁ ନିୟମିତ ଘଣ୍ଟାକୁ ଘଣ୍ଟା ପିଇବାକୁ ଦେବାରୁ ତାଙ୍କର ଝାଡ଼ାବାନ୍ତି ବନ୍ଦ ହୋଇଯାଏ । ତିନି ଚାରିଦିନ ପରେ ତାଙ୍କର ଦେହରେ ଟିକିଏ ବଳ ଆସେ । ସେ ହାତରେ ପିନ୍ଧିଥିବା ରୂପା ବଳାଟିକୁ ଦୁଇଟଙ୍କାରେ ବିକ୍ରି କରିଦେଇ ସେଇ ପଇସାରେ କିଛି ଖାଦ୍ୟ ଖାଇ ଚାଲି ଚାଲି ଯାଇ କାଶ୍ମୀରରେ ପହଞ୍ଚନ୍ତି । ଖୁବ୍ ସଚୋଟ ତଥା ନିର୍ଭୀକ ହୋଇଥିବା ଯୋଗୁଁ ଜଣେ ପଣ୍ଡା ତାଙ୍କୁ ତୀର୍ଥଯାତ୍ରୀଙ୍କ ଗୁମାସ୍ତା ଭାବେ ନିଯୁକ୍ତ କରେ । ଯାତ୍ରୀଙ୍କ ମନନେଇ କାମ କରୁଥିବାରୁ ସେମାନଙ୍କ ପାଖରୁ ମିଳୁଥିବା ବକ୍‌ସିସ୍‌ରେ ତାଙ୍କର ବ୍ୟକ୍ତିଗତ ଖର୍ଚ୍ଚ ଚଳିଯାଏ । କିଛିମାସ ସେଇମିତି ଗୁମାସ୍ତାଗିରି କରିବା ପରେ ପଣ୍ଡା ପାଖରୁ ନିଜ ପ୍ରାପ୍ୟ ବାବଦକୁ ୧୨୦ ଟଙ୍କା ନେଇ ସେ ଗାଁକୁ ଫେରି ଆସନ୍ତି ।

୧୪ ବର୍ଷ ବୟସରେ ଚନ୍ଦ୍ରସିଂହଙ୍କର ବିବାହ ତାଙ୍କଠାରୁ ଦେଢ଼ବର୍ଷ ବଡ଼ 'କଲୁଲୀ' ସାଙ୍ଗରେ ହୋଇସାରିଥାଏ । ଗାଁକୁ ଫେରିବା ପରେ ବାପା, ପୁଅବୋହୂଙ୍କୁ ତାଙ୍କର ଜଙ୍ଗଲ ପାଖରେ ଥିବା ଘରକୁ ପଠାଇ ଦିଅନ୍ତି କିଛି ଗାଇଗୋରୁଙ୍କ ସହ । ସେଠାରେ ଭଲ ଗୋଶାଳାଟିଏ କରିବାର ଲକ୍ଷ୍ୟ ରଖିଥାନ୍ତି ଚନ୍ଦ୍ରସିଂହ । ଜଙ୍ଗଲ ପାଖ ହୋଇଥିବାରୁ ସେଠାରେ ଚାରଣଭୂମିର ସମସ୍ୟା ଆଦୌ ନଥାଏ । ସ୍ୱାମୀସ୍ତ୍ରୀ ଦୁହେଁ ଗାଇଗୋରୁଙ୍କୁ ଜଙ୍ଗଲରେ ନେଇ ଛାଡ଼ିଦେବା ପରେ କଚ୍ଛାଟିଏ ଲେଖା ମାରିଦେଇ ଖୁବ୍ କୁସ୍ତି କରନ୍ତି । ହାରଜିତ୍ ପ୍ରତି ଧ୍ୟାନ ନଥାଏ ତାଙ୍କର । ମୁଖ୍ୟ ଲକ୍ଷ୍ୟ ଥାଏ ଅବସର ବିନୋଦନ । ସନ୍ଧ୍ୟା ହେବା ପୂର୍ବରୁ ସେମାନେ ଗାଇଗୋରୁଙ୍କୁ ଆଡ଼େଇ ଫେରି ଆସନ୍ତି ଘରକୁ । ଖୁବ୍ ଆନନ୍ଦରେ ବର୍ଷେ ଦେଢ଼ବର୍ଷ ସେଇମିତି କଟେଇବା ପରେ ଚନ୍ଦ୍ରସିଂହଙ୍କ ମନ ଭରିଯାଏ । ସେ ପୁଣି କୁଆଡ଼େ ପଳାଇବା ପାଇଁ ସୁଯୋଗ ଉଣ୍ଡିବାକୁ ଲାଗନ୍ତି...... (କ୍ରମଶଃ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

## ସୁବ୍ରତ ପଟ୍ଟନାୟକଙ୍କ
# ନିଜ ସମାଧି

ନିଜ ପାଇଁ ନିଜେ ସମାଧି ତିଆରିବା, ନିଶ୍ଚିତ ଭାବେ ବିଚିତ୍ର ଘଟଣା । ଲୋକେ ନିଜ ପିତୃ ପୁରୁଷଙ୍କ ଲାଗି ସମାଧି ଗଢ଼ନ୍ତି । ପରଲୋକଗତ ଲୋକଙ୍କ ପାଇଁ ସମାଧି ତୋଳାଯିବାର ପରମ୍ପରା ରହିଛି । ମାତ୍ର ନିଜେ ନିଜ ପାଇଁ ସମାଧି ତୋଳିବା, ଆମକୁ ଚକିତ କରିଛି । ଓଡ଼ିଶାର ଦୁଇ ଜଣ ବୃଦ୍ଧ ବ୍ୟକ୍ତି, ନିଜର ସମାଧି ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଚର୍ଚ୍ଚାର ବିଷୟକୁ ଆସିଛନ୍ତି । ମୃତ୍ୟୁପରେ ସେମାନେ ଶାନ୍ତିରେ ଚିରନିଦ୍ରାରେ ଶୋଇବେ, ଏହାହିଁ ସେମାନଙ୍କର ମୂଳ ଲକ୍ଷ୍ୟ । ମାର୍ବଲ ଫଳକରେ ନିଜ ନାମ ଲେଖାଇଛନ୍ତି । ଦାମୀ ପଥରରେ କାରୀଗରଙ୍କ ବରାଦ ଦେଇ ଗଢ଼ିଛନ୍ତି ନିଜର ପ୍ରତିମୂର୍ତ୍ତି । ଗ୍ରାମବାସୀଙ୍କୁ ଆଗୁଆ ଏକାଦଶାହ ଭୋଜି ଦେବାକୁ କରିଛନ୍ତି ମନସ୍ଥ । ତାହା ଏବେ ବକେୟା ରହିଛି ।

ଯେଉଁ ଦୁଇ ଜଣ ବ୍ୟକ୍ତି ନିଜର ସମାଧି ଗଢ଼ିଛନ୍ତି ସେମାନଙ୍କ ପରିଚୟ ପ୍ରଦାନ କରୁଚେ । ପ୍ରଥମ ବ୍ୟକ୍ତିଙ୍କ ନାମ ଲକ୍ଷ୍ମଣ ଭୂୟାଁ । ଗଞ୍ଜାମ ଜିଲ୍ଲା ନୂଆଗଡ଼ ବ୍ଲକ୍ ସଉରୀ ଗାଁରେ ଘର । ଲକ୍ଷ୍ମଣ ନିଜ ପାଇଁ ଓ ପତ୍ନୀ ଜିଡ଼ାଙ୍ଗଙ୍କ ପାଇଁ ତିଆରିଛନ୍ତି ସୁନ୍ଦର ସମାଧି । ସେମାନଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ । ସମସ୍ତେ ବିବାହିତ ଓ ନିଜ ନିଜର ସଂସ୍କାରରେ ବ୍ୟସ୍ତ । ପିତାମାତାଙ୍କ ନିକଟରେ ରହିବାକୁ ସେମାନେ ଅନିଚ୍ଛୁକ । ବୁଢ଼ା ବୟସରେ ଲକ୍ଷ୍ମଣ ଓ ତାଙ୍କ ପତ୍ନୀ ନିଜେ ରାନ୍ଧିବାଢ଼ି ଖାଉଛନ୍ତି । ସମାନ ଧରଣର କାର୍ଯ୍ୟରେ ଦିନରାତି ଲିପ୍ତ ରହିଛନ୍ତି, ଭଦ୍ରକ ଜିଲ୍ଲା ବନ୍ତ ଆପଣ୍ଡା ଗାଁର ବୈରାଗ୍ୟ ବାବା । ଓରାଳି ବସ୍‌ଷ୍ଟପ୍ ନିକଟରେ ସେ ଗଢ଼ିଛନ୍ତି ନିଜର ସମାଧି । ସରକାରୀ ଯାତ୍ରୀ- ବିଶ୍ରାମଗାର ସମ୍ମୁଖରେ କରିଛନ୍ତି ସମାନ୍ତରାଳ ଧର୍ମଶାଳା । ବୈରାଗୀ ବାବାଙ୍କର ଦୁଇ ପୁଅ, ଶିକ୍ଷିତ । ମାତ୍ର ସେମାନେ ବୈରାଗୀ ବାବାଙ୍କଠୁ ସମ୍ପୂର୍ଣ୍ଣ ପୃଥକ । ବୈରାଗୀ ବାବାଙ୍କ ଧର୍ମପତ୍ନୀଙ୍କ ବିୟୋଗ ପରେ ସେ ସମ୍ପୂର୍ଣ୍ଣ ଏକଘରକିଆ ।

ନିଜ ପାଇଁ ନିଜେ ସମାଧି ତିଆରି କରିବାର ଅସଲ ଉଦ୍ଦେଶ୍ୟ କଣ ? ମୃତ୍ୟୁ ପରେ ଏହି ପ୍ରତିମୂର୍ତ୍ତିକୁ ଦେଖି ସେମାନଙ୍କର ଗୁଣବାନ ବା ଜୟ ଜୟକାର କରିବେ, ଏଇୟାତ, ନାତି ନାତୁଣୀ ଥାଉଁ ଥାଉଁ ସେମାନେ କାହିଁକି ଅନ୍ୟତ୍ର ରହୁଛନ୍ତି ? ମୃତ୍ୟୁପରେ ସେମାନଙ୍କର ସମାଧି ଗଢ଼ିବାକୁ ପରିବାରବର୍ଗ ସେମାନଙ୍କୁ ମନା କରିଛନ୍ତି କି ? ଯଦି କରିଥାନ୍ତି, ତେବେ ତାର କାରଣ କଣ ? ନିଜ ପୁଅ ବୋହୂ ଓ ପରିବାରବର୍ଗଙ୍କୁ ହତାଦାର କରି ନିଜକୁ ନିଜେ ପତିଆରା ହାସଲ କରିବା, କୌଣସି ମହତ ବ୍ୟକ୍ତିର କାର୍ଯ୍ୟ ନୁହେଁ । ପୁଅ ବୋହୂଙ୍କ ପ୍ରତି ଏଭଳି ଆଯଥା ଆଶଙ୍କା କରିବା, ସେମାନଙ୍କ ପ୍ରତି ଅପମାନ ନୁହେଁ କି ?

ଓଡ଼ିଶାରେ କେତେକ ମହାପୁରୁଷ ଓ ପ୍ରବାଦପୁରୁଷଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । ଜୀବିତାବସ୍ଥାରେ ସେମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ ହୋଇଛି ସତ, ମାତ୍ର ସେଥିପାଇଁ ସେମାନେ ପକେଟ୍‌ରୁ ଫଟା ଅଧୁଲିଟିଏ ଖର୍ଚ୍ଚ କରିନାହାନ୍ତି । ଲୋକେ ମନକୁ ମନ ସେମାନଙ୍କ ମହତ କାର୍ଯ୍ୟ ଲାଗି ପ୍ରତିମୂର୍ତ୍ତି ସ୍ଥାପନ କରି ବନ୍ଦାପନା କରିଛନ୍ତି । ସେଥିପାଇଁ ନିଜକୁ ଗୌରବ ମଣ୍ଡିକି ମଣିଛନ୍ତି । ମାତ୍ର କୌଣସି ବ୍ୟକ୍ତି ବଞ୍ଚିଥାଉ ଥାଉ ସେମାନଙ୍କ ଲାଗି ସମାଧି କରିବାକୁ କେହି ଚିନ୍ତା କରିନଥାନ୍ତି । ବରଂ ସେମାନେ କିଭଳି ଶତାୟୁ ଓ ଦୀର୍ଘାୟୁ ହୁଅନ୍ତୁ, ତାହା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରନ୍ତି ।

ମଣିଷର ମୃତ୍ୟୁ ପର ଅପେକ୍ଷା, ମୃତ୍ୟୁ ପୂର୍ବର ଜୀବନ ଅଧିକ ଦୁର୍ଲଭ ଓ ମୂଲ୍ୟବାନ । ଭଗବାନ ଯେଉଁ ଜୀବନ ଦେଇଛନ୍ତି, ତାକୁ ନିରନ୍ତର ସାର୍ଥକ କରିବାର ପ୍ରୟାସ ହେବା ଉଚିତ୍ । ନିଜର ଅହଙ୍କାର ଓ ବଡ଼ିମା ଛାଡ଼ି ନିଜ ପରିବାର ଓ ସାହି ପଡ଼ିଶାଙ୍କ ସହିତ ସ୍ନେହ ଆଦରରେ ବଞ୍ଚିବା ଅତି ଭାଗ୍ୟର କଥା । ପରକୁ ଆପଣାର କରିପାରିଲେ, ଭଗବାନ ସନ୍ତୁଷ୍ଟ ହେବେ । ପରିବାରବର୍ଗଙ୍କ ଉପରେ ଆଶୀର୍ବାଦ ଅଜାଡ଼ି ଦେବେ । କଣ୍ଠଶିଳ୍ପୀ ଭିକାରୀ ବଳଙ୍କ କଣ୍ଠରୁ ଝରିଥିବା ଜଣାଣରୁ ଦୁଇପଦ ଲେଖୁଛୁ । ଲୁହ ଛଳଛଳ କଣ୍ଠରେ ସେ ଗାଇଥିଲେ- ଷାଠିଏ ପଉଟି ଭୋଗରୁ ତୁମର, କାଢ଼ି ତ ନେଇନି ହରି । କୁହ ତେବେ କେଉଁ ଅପରାଧେ ମୋତେ, କଲ ଦାଣ୍ଡର ଭିକାରି । ଭଗବାନଙ୍କ ନିକଟରେ ନିଜକୁ ଭିକାରି ସଜାଇ ଦେଇଥିବା ସେହି ମହାନ କଣ୍ଠଶିଳ୍ପୀ, ଶେଷକୁ ବନିଗଲେ ଓଡ଼ିଶାର ଭଜନ ସମ୍ରାଟ । ଓଡ଼ିଶାର ପୁରପଲ୍ଲୀରେ ତାଙ୍କର ସୁନାମ, ଯଶଗାନ । ଅମର ହେବାପାଇଁ ୟାଠୁ ସରଳ ବାଟ ଆଉକିଛି ଅଛିକି ? ଜୟ ଜଗନ୍ନାଥ ।

+ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

# ଲୋମ ଟାଙ୍କୁରି ପଡୁଥିବା ଘଟଣା

ସୁଧାଂଶୁ ଶେଖର ଦ୍ୱିବେଦୀ

୧୬୭୯ ମାର୍ଚ୍ଚ ମାସ ୭ ତାରିଖ । ବିବାହ କାର୍ଯ୍ୟ ସମାପନ କରି ବରଯାତ୍ରୀଙ୍କ ସହିତ ଫେରୁଥାନ୍ତି । ୨୨ ବର୍ଷର ସୁଜାନ ସିଂହ ଜଣେ ଦିବ୍ୟ ପୁରୁଷ ଭଳି ଦେଖା ଯାଉଥାନ୍ତି । ଏମିତି ଲାଗୁଥାଏ କେହି ଦେବତା ବର ବେଶରେ ଫେରୁଛନ୍ତି । ସେ ପର୍ଯ୍ୟନ୍ତ ସେ ତାଙ୍କ ସ୍ତ୍ରୀଙ୍କର ମୁହଁ ବି ଦେଖି ନଥାନ୍ତି । ସନ୍ଧ୍ୟା ହୋଇସାରିଥାଏ । ରାତ୍ରୀ ବିଶ୍ରାମ ନିମନ୍ତେ ଛପୋଲି(ରାଜସ୍ଥାନ)ନାମକ ସ୍ଥାନରେ ଶିବିର କରି ରହିଲେ । ରାତି ବଢ଼ୁଥାଏ । ହଠାତ ତାଙ୍କୁ ଗାଈ ବେକରେ ବନ୍ଧା ହୋଇଥିବା ଘୁଙ୍ଗୁର ଶବ୍ଦ ଶୁଭିଲା । ଶବ୍ଦ ସ୍ପଷ୍ଟ ନଥାଏ ତଥାପି ଶୁଣିବାକୁ ପ୍ରୟାସ କରୁଥାନ୍ତି ସେ । ଯେମିତି କେହି ତାଙ୍କୁ କିଛି କହିବାକୁ ଚାହୁଁଛି । ସୁଜାନ ସିଂହ ଅନୁମାନ କରି ତାଙ୍କ କର୍ମଚାରୀଙ୍କୁ କହିଲେ-ବୋଧହୁଏ କେହି ଗାଈଚରାଳି ଅସୁବିଧାରେ ପଡିଛି । ତୁରନ୍ତ ଯାଇ ତାକୁ ସାହାଯ୍ୟ କର । ଠିକ ସେଇବେଳେ ଗୁପ୍ତଚର ଆସି ଜଣାଇଲା- 'ଯୁବରାଜ ଔରଙ୍ଗଜେବର ସୈନିକମାନେ ଖଣ୍ଡେଲାରେ ଶିବିର ପକାଇଛନ୍ତି । ସେମାନଙ୍କ ସେନା ପତି ଜରାବ ଖାଁ ଆସନ୍ତାକାଲି ଖଣ୍ଡେଲା ସ୍ଥିତ ଶ୍ରୀକୃଷ୍ଣ ମନ୍ଦିର ଲୁଟ ପାଟ କରି ଭାଙ୍ଗିବାର ଯୋଜନା କରିଛି ।'

ଗୁପ୍ତଚରଠୁ ଏହା ଶୁଣି ସୁଜାନ ସିଂହଙ୍କ ଚିନ୍ତାଧାରା ଗୋଟେ କ୍ଷଣରେ ସଂପୂର୍ଣ୍ଣ ବଦଳିଗଲା । ବିବାହିତ ଖୁସିର ମୁହଁ ହଠାତ ଗମ୍ଭୀର ହୋଇ ଗଲା । କୋମଳ ଶରୀର ବଜ୍ର ଭଳି କଠିନ ହେବାକୁ ଲାଗିଲା । ଯେଉଁମାନେ ବରଯାତ୍ରୀ ହୋଇଥିଲେ ସେମାନେ ସମସ୍ତେ ସୈନିକରେ ପରିବର୍ତ୍ତିତ ହୋଇ ସାରିଥାନ୍ତି । ମାତ୍ର ୭୦ ଜଣ ସୈନିକର ଏକଛୋଟ ଦଳ । ସେ ଆଉ ତିଳେମାତ୍ର ସମୟ ଅପଚୟ ନକରି ସେଇ ରାତିରେ ନିକଟସ୍ଥ ଗାଁରୁ କେତେକ ଲୋକଙ୍କୁ ଏକତ୍ରିତ କରି ୫୦୦ ଜଣ ସୈନିକ ଦଳ ପ୍ରସ୍ତୁତ କରିନେଲେ ।

ଅଳ୍ପ ଦୂରରେ ପାଲିଙ୍କି ଭିତରେ ବସିଥିବା ତାଙ୍କ ପତ୍ନୀ କି ପ୍ରକାର ପରିସ୍ଥିତି ସହ ମୁକାବିଲା କରିବ ସେ ହିଁ ଜାଣିଥିବ । ଯିଏ ବାହାଘରରେ ପିନ୍ଧିଥିବା ଲାଲ ବସ୍ତ୍ରକୁ ଠିକଭାବେ ଦେଖିନାହିଁ । କେତେପ୍ରକାର ବିଚାର ତାଙ୍କ ମୁଣ୍ଡ ଭିତରେ ବୁଢ଼ୀଆଣି ଜାଲ ଭଳି ବୁଣି ଚାଲିଥାଏ । ନିଜ ମା'ଙ୍କୁ ଦେଇଥିବା କଥା ତାଙ୍କର ମନେ ପଡ଼ିଲା । ଜୀବନ ଥିବା ଯାଏ ରାଜପୁତ ଧର୍ମକୁ ଅକ୍ଷରେ ଅକ୍ଷରେ ପାଳନ କରିବା ପାଇଁ କଥା ଦେଇଥିଲେ । ପାଲିଙ୍କିରେ ବସିଥିବା ତାଙ୍କ ପତ୍ନୀ ମଧ୍ୟ ସବୁ କଥା ବୁଝି ସାରିଥାନ୍ତି । ଆଉଥରେ ଭଲଭାବେ ପାଲିଙ୍କିକୁ ଦେଖି ନେଲେ ସୁଜାନ ସିଂହ । ହଳଦୀ ଲାଗିଥିବା ହାତକୁ ପାଲିଙ୍କିରୁ ବାହାର କରି ପତ୍ନୀ ଇଶାରା କରୁଥାନ୍ତି । ମୁଖରେ ପ୍ରସନ୍ନତାର ଭାବ ଥାଏ । ଜଣେ ସତ୍ୟନିଷ୍ଠ କ୍ଷତ୍ରାଣିର କର୍ତ୍ତବ୍ୟକୁ ପାଳନ କରି ଯେମିତି ସ୍ୱୟଂ ଶତ୍ରୁ ସେନାଙ୍କ ସହିତ ଲଢ଼ିବାକୁ ପ୍ରସ୍ତୁତ ସେ ।

କିନ୍ତୁ ତାହା ହୋଇପାରିଲା ନାହିଁ । ସୁଜାନ ସିଂହ ପାଲିଙ୍କି ନିକଟକୁ ଯାଇ ପ୍ରଥମେ ପ୍ରଣାମ କରି ସୁରକ୍ଷିତ ଭାବେ ନିଜ ରାଜ୍ୟରେ ପହଞ୍ଚାଇବା ଲାଗି ବେହେରାମାନଙ୍କୁ ଆଦେଶ ଦେଲେ ।ପରେ ପରେ ମାତ୍ର ୫୦୦ ଜଣ ସୈନିକ ଦଳ ସହିତ ଖଣ୍ଡେଲା ସ୍ଥିତ ଶ୍ରୀକୃଷ୍ଣ ମନ୍ଦିରକୁ ସୁରକ୍ଷିତ ରଖିବାକୁ ଚାରିପଟରୁ ଘେରି ମୁକାବିଲା କରିବାକୁ ପ୍ରସ୍ତୁତ ହୋଇଗଲେ । ଯେମିତି ସ୍ୱୟଂ ଶ୍ରୀକୃଷ୍ଣ ଉକ୍ତ ମନ୍ଦିରକୁ ରକ୍ଷା କରିବା ନିମନ୍ତେ ପହରା ଦେଉଛନ୍ତି । ୧୬୭୯ ମାର୍ଚ୍ଚ ୮ ତାରିଖରେ ମୋଗଲ ସେନାପତି ଦରାବ ଖାଁର ସୈନିକ ସହିତ ସୁଜାନ ସିଂହଙ୍କ ସୈନିକ ଯୁଦ୍ଧଭୂମିରେ ପରସ୍ପର ସମ୍ମୁଖୀନ ହେଲେ । ମହାକାଳ ଭକ୍ତ ସୁଜାନ ସିଂହ ନିଜ ଇଷ୍ଟଦେବଙ୍କୁ ସ୍ମରଣ କରି ହର ହର ମହାଦେବ ଉଦଘୋଷ ସହିତ ୧୦ ହଜାର ମୋଗଲ ସୈନିକଙ୍କ ସହିତ ନିଜର ୫୦୦ ସୈନିକଙ୍କ ମଧ୍ୟରେ ଘମାଘୋର ଲଢେଇ ଆରମ୍ଭ ହୋଇଗଲା । ସୁଜାନ ସିଂହ ଦରାବ ଖାଁକୁ ମାରିବା ଲାଗି ଯିବା ରାସ୍ତାରେ ୪୦ ଜଣ ମୋଗଲ ସୈନିକ ତାଙ୍କ ପଥରୋଧ କଲେ । କିନ୍ତୁ ସେ ନିଜ ତାରବାରୀ ଦ୍ୱାରା କ୍ଷଣକ ମଧ୍ୟରେ ସେମାନଙ୍କ ମୁଣ୍ଡ କାଟି ତଳେ ଗଡେଇଦେଲେ । ସୁଜାନ ସିଂହଙ୍କ ପରାକ୍ରମ ଦେଖି ଜରାବ ଖାଁ ଲୁଚି ଛପି ପଳାଇ ଯିବାକୁ ବାହାରିଲା । ହେଲେ ସୁଜାନ ସିଂହ ମୃତ୍ୟୁର ରୂପ ଧାରଣ କରିଥାନ୍ତି । ଯେମିତି ସ୍ୱୟଂ ମହାକାଳ ଯୁଦ୍ଧ କରୁଛନ୍ତି ।

ସେଇବେଳେ କେତେକ ସୈନିକଙ୍କ ଦୃଷ୍ଟି ସୁଜାନ ସିଂହଙ୍କ ଉପରେ ପଡ଼ିଲା । ଏ କଣ ସମସ୍ତେ ତଟସ୍ଥ । ମୁଣ୍ଡବିହୀନ ଶରୀର ମୋଗଲ ସୈନିକଙ୍କୁ ଗୋଟେ ପରେ ଗୋଟେ ହାଣି ଚାଲିଥାନ୍ତି । ସେମାନଙ୍କୁ ବୁଝିବା ଆଉ ବିଳମ୍ବ ହେଲା ନାହିଁ । ସୁଜାନ ସିଂହ କେତେବେଳୁ ମୋକ୍ଷକୁ ପ୍ରାପ୍ତ ହୋଇସାରିଥା'ନ୍ତି । ଯୁଦ୍ଧ ଭୂମିରେ ଯିଏ ଯୁଦ୍ଧ କରୁଛନ୍ତି ସେ ତାଙ୍କ ଇଷ୍ଟଦେବ ମହାକାଳ । ଦରାବ ଖାଁ ମଧ୍ୟ ମୃତ୍ୟୁକୁ ପ୍ରାପ୍ତ ହୋଇସାରିଥାଏ । ମୋଗଲ ସୈନିକ ଛତ୍ରଭଙ୍ଗ କରି ଯୁଦ୍ଧଭୂମିରୁ ପାଳାଉଥା'ନ୍ତି । ତଥାପି ଘୋଡା ପିଠିରେ ବସି ମୁଣ୍ଡବିହୀନ ସୁଜାନ ସିଂହ ଅବଶିଷ୍ଟ ମୋଗଲଙ୍କୁ ସଂହାର କରି ଚାଲିଥା'ନ୍ତି ।

ଇତିହାସକାରଙ୍କ ଗଣନା ଅନୁସାରେ ଏହି ଯୁଦ୍ଧରେ ଏମିତି ମୃତ୍ୟୁର ତାଣ୍ଡବ ହୋଇଥିଲା ୭ ହଜାର ମୋଗଲ ସୈନିକ କେବଳ ସୁଜାନ ସିଂହଙ୍କ ହାତରେ ମରିଥିଲେ । ଅବଶିଷ୍ଟ ମୋଗଲ ସେନା ପଳାଇ ଯିବା ପରେ ସୁଜାନ ସିଂହଙ୍କ ମୁଣ୍ଡ ବିହୀନ ଶରୀର ମନ୍ଦିର ନିକଟକୁ ଆସି ଘୋଡା ପିଠିରୁ ଓହ୍ଲାଇ ଶ୍ରୀକୃଷ୍ଣଙ୍କ ପ୍ରତିମା ସମ୍ମୁଖରେ ଢଳି ପଡିଥିଲେ ।

+ବିସି-୭୪,ସଲଟ ଲେକ,କଲକାତା-୬୪
ମୋ-୯୬୮୧୩୭୩୫୧୨

## ସ୍ମୃତି ଶତଦଳ ୨୭୯

# ନାରୀର ଶାଣିତ ସ୍ୱର



ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କରୋଡ୍, କଟକ-୧୨
(ମୋ) -୯୪୩୭୦୫୫୦୦୭

**ନାରୀଟିଏ ସବୁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି କାମ କରିଥାଏ । ତେବେ ଦୁଃଖର କଥା ହେଉଛି ନାରୀଟିଏ ପରିବାରର କେନ୍ଦ୍ରବିନ୍ଦୁ ହେଲେ ମଧ୍ୟ ଏବଂ ତାକୁ କେନ୍ଦ୍ରକରି ସାରା ସଂସାର ଚାଲିଲେ ମଧ୍ୟ କନ୍ୟାଶିଶୁଟିଏ ଆଜି ବି ଅଲୋଡା ।**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ନାରୀର ସ୍ୱର କେତେ ଶାଣିତ ? କେତେ ଉତ୍କଣ୍ଠା କେତେ ଉନ୍ମାଦନା, ଉତ୍ତେଜନା ତଥା ଉନ୍ମୀଳନ ଓ ତର୍ଜମା ହୋଇଥାଏ ନାରୀର ସ୍ୱର ? ମହିଳା ଦିବସ ଆଗରୁ ଏ ସବୁ ତର୍କ, ବିତର୍କ ତଥ୍ୟ ଓ ତତ୍ତ୍ୱର ଉତ୍‌ଥାପନ ହୋଇଥାଏ, ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ? ଏହି ଦିବସ ପାଳନ କରିବା ଆଗରୁ ପ୍ରତ୍ୟେକଟି ସୋସିଆଲ ମିଡିଆ, ଟେଲିଭିଜନ୍ ବିଭିନ୍ନ ଜନ ହିତକାରୀ ସଂସ୍ଥା ମହିଳା ଓ ସ୍ୱେଚ୍ଛାସେବୀ ସଂଗଠନ ତଥା କଲେଜ, ବିଶ୍ୱବିଦ୍ୟାଳୟ ଏମିତିକି ଗାଁ ଗହଳିରେ ମଧ୍ୟ ସମସ୍ତେ ବେଶ୍ ସକ୍ରିୟ ହୋଇ ଉଠନ୍ତି ଏହି ଦିବସଟିକୁ ପାଳନ କରିବା ପାଇଁ ।

ସୃଷ୍ଟିକର୍ତ୍ତା ଈଶ୍ୱରଙ୍କର ଏ ସୃଷ୍ଟି ଖୁବ୍ ସୁନ୍ଦର ଓ ନଶ୍ୱର ରୁଚିର । ଏ ସୁନ୍ଦର ସଂସାରରେ ଥିବା ନାରୀମାନେ ମଧ୍ୟ ତାଙ୍କ ନିଖୁଣ ନୈପୁଣ୍ୟର ପରାକାଷ୍ଠା ଯୁଗେ ଯୁଗେ ପ୍ରଦର୍ଶନ କରି ଆସିଛନ୍ତି । ନାରୀ ହେଉଛି ଈଶ୍ୱରଙ୍କର ସର୍ବଶ୍ରେଷ୍ଠ କଳାକୃତି । ଅପୂର୍ବ କଳା କୌଶଳ ନେଇ ଗୋଟିଏ ଚାଉଳରେ ଗଢିଲା ଭଳି ପ୍ରଭୁ ଗଢିଛନ୍ତି ନାରୀଟିକୁ । ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, ଲାଳିତ୍ୟ, ଔଦାର୍ଯ୍ୟ ଓ କୋମଳତା ସହ ପ୍ରଭୁ ତିଆରି କରିଛନ୍ତି ତାର ଅଙ୍ଗସୌଷ୍ଠବ, କିନ୍ତୁ ସବୁ କୋମଳତା ଭିତରେ ମଧ୍ୟ ତାର ରକ୍ତ କୋଷ, ସ୍ନାୟୁ କୋଷ ଓ ଜୀବକୋଷରେ ଭରି ଦେଇଛନ୍ତି ଅସୀମ ଶକ୍ତି ସେ କୋମଳ କିନ୍ତୁ କମ୍ ଶକ୍ତିଶାଳୀ ନୁହେଁ । ନାରୀମାନଙ୍କର ଢଢ କ୍ରୋମୋଜୋମ୍ ଓ ପୁରୁଷମାନଙ୍କର ଢଣ କ୍ରୋମୋଜୋମ୍ । ଢଢ କ୍ରୋମୋଜୋମ ଯୋଡା ସଂଖ୍ୟାରେ ହୋଇଥିବା ବେଳେ ସେମାନଙ୍କର ଶକ୍ତି ଅଧିକ ଓ ସେମାନେ ସବୁ ପ୍ରକାର ମାନସିକ ଓ ଶାରୀରିକ ଚାପକୁ ସହି ନେଇ ପାରନ୍ତି ଓ ତଦନୁଯାୟୀ ନିଜ କର୍ମପନ୍ଥା ସ୍ଥିର କରନ୍ତି । କିନ୍ତୁ ପୁରୁଷମାନଙ୍କର ଢଣ କ୍ରୋମୋଜୋମ୍ ହୋଇଥିବାରୁ ବେଯୋଡ ସଂଖ୍ୟା ଏବଂ ସେମାନେ ଟିକିଏ ମାନସିକ ଚାପ, ଶାରୀରିକ ଚାପ ଓ ଦୁଃଖରେ ଭାଙ୍ଗିପଡନ୍ତି ।

ନାରୀଟିଏ ସବୁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି କାମ କରିଥାଏ । ତେବେ ଦୁଃଖର କଥା ହେଉଛି ନାରୀଟିଏ ପରିବାରର କେନ୍ଦ୍ରବିନ୍ଦୁ ହେଲେ ମଧ୍ୟ ଏବଂ ତାକୁ କେନ୍ଦ୍ରକରି ସାରା ସଂସାର ଚାଲିଲେ ମଧ୍ୟ କନ୍ୟାଶିଶୁଟିଏ ଆଜି ବି ଅଲୋଡା । ଏକବିଂଶ ଶତାବ୍ଦୀର ୨୨ଟି ସୋପାନ ଅତିକ୍ରମ କରି ୨୩ଟି ସୋପାନରେ ପାଦ ଦେଲେ ମଧ୍ୟ ନାରୀ ଏବେବି ଦ୍ୱିତୀୟ ଶ୍ରେଣୀ ନାଗରିକ ହିସାବରେ ପରିଗଣିତ ହେଉଛି ।

ଗୋଟିଏ ଶିଶୁକନ୍ୟାର ଜନ୍ମ ହେବାର ଅଧିକାର ଅଛି (ବାର୍ଥ ରାଇଟ୍) ଭଲ ଖାଦ୍ୟ ଖାଇବାର ଅଧିକାର ଅଛି (ନ୍ୟୁଟ୍ରିସନାଲ ରାଇଟ୍) ଶିକ୍ଷାଗ୍ରହଣ କରିବାର ଅଧିକାର ଅଛି (ଏଜୁକେସନାଲ ରାଇଟ୍) ଏବଂ ଶେଷରେ ବଞ୍ଚିବାର ଅଧିକାର ମଧ୍ୟ ଅଛି । ଏ ସବୁ ସହ ତାକୁ ଆଉ ଟିକେ ସାହଚର୍ଯ୍ୟ ଯୋଗାଇ ଦେଲେ ସେ ପୃଥିବୀର ଉଚ୍ଚତମ ସୋପାନ ମଧ୍ୟ ଛୁଇଁପାରିବ । ଅସମ୍ଭବକୁ ସମ୍ଭବ କରିପାରେ ନାରୀ । "ପାରିବି ନାହିଁ" ବା ଅସମ୍ଭବ ବୋଲି ଶବ୍ଦକୋଷଟିଏ ନାରୀର ଅଭିଧାନରେ ନାହିଁ । ସବୁ ପ୍ରତିକୂଳ ପରିସ୍ଥିତିକୁ କେମିତି ଅନୁକୂଳ ପରିସ୍ଥିତିରେ ପରିବର୍ତ୍ତନ କରାଯାଇପାରେ ସେ ରାସ୍ତା ସେ ଜାଣିଛି, ଏମିତି କିଛି ରାସ୍ତା ନାହିଁ, ଯାହା ତାଙ୍କ ପାଇଁ ଅଗମ୍ୟ, ଏମିତି କିଛି କାମ ନାହିଁ ଯାହା ସେମାନଙ୍କ ପାଇଁ ଅସମ୍ଭବ ନାରୀ ଏକାଧାରରେ ଇଚ୍ଛାମୟୀ, କର୍ମମୟୀ ଓ ପ୍ରେମମୟୀ । ତା' ସ୍ନେହ ମମତା ଓ ପ୍ରେମରେ ସାରା ସଂସାରକୁ ବାନ୍ଧି ରଖିବାରେ ସେ ସକ୍ଷମ ।

ନାରୀ କେବଳ ଦୁଇଟି ଅକ୍ଷରରେ ତିଆରି ମାତ୍ର ଗୋଟିଏ ଶବ୍ଦରୁ ସୃଷ୍ଟ ନାରୀ ହେଉଛି ଅପରିସୀମ ଶକ୍ତିର ଅଧିକାରିଣୀ । ଏ ବ୍ୟପ୍ତି ଏ ବିପୁଳତା ଅନନ୍ୟ, ତାର ସବୁ ସୃଜନ କଳାର ଉତ୍କର୍ଷତମ ସ୍ଥାନ ନେଇଛି ସନ୍ତାନ ସୃଷ୍ଟି । ତାରିଠାରୁ ଅସ୍ତିତ୍ୱ ପାଇଥାନ୍ତି ପୁରୁଷ । କିନ୍ତୁ ନାରୀ ତାର ଅସ୍ତିତ୍ୱକୁ ପ୍ରତିପାଦିତ କରିବା ପାଇଁ ଦିନ ଦିନ ଧରି ସଂଘର୍ଷ ଜାରି ରଖିଥାଏ ।

ନିରକ୍ଷରା ହୋଇଥାଉ/ହେଉ ବା ପୂର୍ଣ୍ଣ ସାକ୍ଷର/ନିଜ ଅପୂର୍ବ ଶକ୍ତିର/ପରିଚୟ ଦେଇଥାଏ ନାରୀ ।/ କେବେ ଯୁକ୍ତାକ୍ଷର ହେଉ/ଅବା ମିତ୍ରାକ୍ଷର / କେବେ ପ୍ରତ୍ୟକ୍ଷରେ ଅବା କେବେ ପରୋକ୍ଷରେ,/ କେବେ ମଞ୍ଚ ଉପରେ ବା' / କେବେ ନେପଥ୍ୟରେ ରହି / ପ୍ରତିଦିନ ପ୍ରତି ମୁହୂର୍ତ୍ତରେ / ଚମତ୍କାର ଜୀବନର ଅଙ୍କ କଷି / ଦକ୍ଷା ନାରୀଟିଏ, / ଗଣିତର ଦେଇଥାଏ /ସାଧାସିଧା ସରଳ ଉତ୍ତର ।(କ୍ରମଶଃ)

# ଧାରାବାହିକ ଅନୁବାଦ ଉପନ୍ୟାସ-(୧୩)

# ମାଆ





ମୂଳ ମରାଠୀ : ଉତ୍ତମ କାମ୍ବଳେ



ଅନୁସୃଜନ: ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ବିଂଶ-ସୂତ୍ରୀ କାର୍ଯ୍ୟକ୍ରମ ଅନ୍ତର୍ଗତ ଅନାବାଦୀ ଜମିରେ ତିଆରି ହୋଇଥିବା ଗୋଟେ କୁଡ଼ିଆ ତାକୁ ମିଳିଥିଲା । ଖୁବ୍ ସୀମିତ ଅବଧି ପାଇଁ ମୋର ରାଜନୀତି ସହିତ ସଂଶ୍ଳିଷ୍ଟ ହେବା, ତାକୁ ଖୁବ୍ ଗୁଡାଏ ଅସୁବିଧାରେ ପକେଇ ଥିଲା । ମାଆ କେବେ ଏ ବିଷୟରେ ପଦେ ହେଲେ କହି ନଥିଲା । ବୋଧହୁଏ ରାଜନୀତିରେ ମୋର ଭୂମିକା ତାକୁ ଠିକ୍ ଲାଗୁଥିବ । ହେଲେ ସିଏ ନିଜେ କେବେ ହେଲେ କାହାକୁ ସମର୍ଥନ କରି ନଥିଲା । ମାଆ ବୋଧହୁଏ ରାଜନୀତି ଠାରୁ ଅଧିକ, ନିତିଦିନିଆ ଅର୍ଥନୈତିକ ସମସ୍ୟାକୁ ପ୍ରାଥମିକତା ଦେଉଥିଲା । ସିଏ ସନ୍ଧିବାଦୀ ଭୂମିକାକୁ ଗ୍ରହଣ କରି ନେଇଥିଲା । ଆଉ ମୋ ମତରେ ଏହିପରି ସନ୍ଧିବାଦୀ ଜୀବନ ବର୍ଷ ବର୍ଷ ଧରି ଚାଲି ଆସୁଥିଲା, ତାହା ହିଁ ଥିଲା ଆମର ଭାଗ୍ୟ ଲିଖନ । 'ତୁମ ପୁଅ କେତେ ସୁନ୍ଦର ଭାଷଣ ଦେଉଛି । ରେଡ଼ିଓରେ ବି ତାର କାର୍ଯ୍ୟକ୍ରମ ଆସୁଛି ।' ମାଆକୁ ଯେବେ ବି କେହି ଏଇ କଥା କହୁଥିଲା, ସିଏ ଖୁସିରେ ଆତ୍ମହରା ହୋଇ ଯାଉଥିଲା । ସିଏ ନିଜେ କେବେ ରେଡ଼ିଓ ଶୁଣି ନଥିଲା । କାରଣ ଆମ ଘରେ ରେଡ଼ିଓ ନ ଥିଲା । ଆଉ ଯଦି ବା ଥାନ୍ତା - ମାଆ ପାଖରେ ସମୟ କେଉଁଠି ଥିଲା ସେସବୁ ଶୁଣିବାକୁ ?

(୧୫)

ସପ୍ତମ ଶ୍ରେଣୀ ପରୀକ୍ଷାରେ ଯେବେ ମୁଁ ପୁରା ସ୍କୁଲରେ ପ୍ରଥମ ହେଲି, ରାସ୍ତା ସାରା ଖୁସିରେ ଡେଇଁ ଡେଇଁ ଘରେ ପହଞ୍ଚିଥିଲି..... ହେଲେ ମାଆ କଣ ଘରେ ଥିଲା ! ସେଇ ସମୟରେ ସିଏ ବିଲରେ କାମ କରିବାକୁ ଯାଇଥିଲା । ମୋତେ ଲାଗୁଥିଲା, କେଜାଣି କେତେବେଳେ ସିଏ ଆସି ଘରେ ପହଞ୍ଚିବ ଆଉ ମୁଁ ତାକୁ ନିଜ ସ୍କୁଲରେ ସବୁଠାରୁ ଅଧିକ ନମ୍ବର ରଖି ପ୍ରଥମ ହୋଇଥିବାର ଖବର ଶୁଣେଇବି । ଘରର ଏରୁଣ୍ଡି ଉପରେ ବସି ମୁଁ ମାଆକୁ ଅପେକ୍ଷା କରୁଥିଲି । ସନ୍ଧ୍ୟା ନଇଁଲା ପରେ ଯେତେବେଳେ ମାଆ ଘରକୁ ଫେରିଲା, ତା ମୁଣ୍ଡରେ ଥିଲା ଛୋଟ ଛୋଟ ବରଗଛ ଡାଳର ଏକ ବୋଝ । ନିଜ ମୁଣ୍ଡରୁ ବୋଝକୁ ନ ଓହ୍ଲେଇ ସିଏ ଚିତ୍କାର କଲା 'ପିଇବା ପାଇଁ ପାଣି ଆଣିଛୁ ନା ନାଇଁ ? ନା ବସିଛୁ ଏଇଠି ବାଜିରାଓ ପରି ?"

ମୁଁ କହିଲି "ଆରେ ମାଆ, ମୁଣ୍ଡର ବୋଝକୁ ତ ପ୍ରଥମେ ତଳେ ରଖ । ଦେଖ... ମୁଁ ତୋତେ ଗୋଟେ ଖୁସି ଖବର ଶୁଣଉଛି ।"

'କି ଖୁସି ଖବର ? ଏଇ କାଠଗୋଛାର ବୋଝ ବୋହି ବୋହି ମୁଣ୍ଡର ଶିର ସବୁ ଟାଣି ହୋଇଗଲାଣି । କେହି ହେଲେ ଦୁଇ/ ଚାରିଟା କାଠ ବୋହି ଆଣିବାର ନାଁ ଧରୁନାହଁ । ଏକୁଟିଆ ମାଆ କଣ କଣ କରି ମରିବ । ସେ କଥା କେହି ଚିନ୍ତା କରୁ ନାହାନ୍ତି । ମୁଣ୍ଡରେ ପାନିଆ ବୁଲେଇଲେ ମେଞ୍ଚେ ଲେଖାଏଁ ଚୁଟି ହାତକୁ ଆସି ଯାଉଛି ।"

ମାଆ ବିଡ୍ ବିଡ୍ ହେଉଥିଲା । ଗରଗର ହୋଇ ସିଏ ମୁଣ୍ଡ ଉପରେଥିବା ଜାଳେଣି କାଠର ବୋଝକୁ ଭୂଇଁରେ ଥୋଇଲା । ମୁଁ ମାଆ ପାଖକୁ ଯାଇ କହିଲି "ମାଆ ମୁଁ ସାତ କ୍ଲାସ୍ ପାସ୍ କରିଗଲି । ମୋତେ ବହୁତ ବହୁତ ନମ୍ବର ମିଳିଛି । ପୁରା ସ୍କୁଲ୍‌ରେ ସବୁଠାରୁ ଅଧିକ ନମ୍ବର ମୁଁ ରଖିଛି ।"

ମାଆ ଗୋଟେ ଲମ୍ବା ଦୀର୍ଘଶ୍ୱାସପକେଇଲା । ତାର ପ୍ରତିଟି ଲୋମକୂପରେ ବ୍ୟାପ୍ତ ବର୍ଷ ବର୍ଷର ଦୁଃଖ ଯେମିତି ସେଇ ନିଃଶ୍ୱାସରେ ଶରୀରରୁ ବାହାରିଗଲା "ଭଲ ହେଲା ବାପା, ତୁ ପାସ୍ କରିଗଲୁ । ଏବେ ତୁ ଗୋଟେ କାମ କର । ଦଉଡି ଯାଇ କୂଅରୁ ପାଣି ନେଇ ଆ' । ସେତେବେଳକୁ ମୁଁ ପରିବା କାଟି ନେଉଛି, ଚୁଲୀ ବି ଲଗେଇ ଦଉଛି ।"

ମୋତେ ଲାଗିଲା ମାଆ ମୋର କୃତିତ୍ୱକୁ କେତେ ସାଧାରଣ ଭାବରେ ସ୍ୱାଗତ କଲା । ମୁଁ କିଛି ହେଲେ କହିଲିନାହିଁ । ପାଣି ପାଇଁ ଥିବା ଗରାକୁ ହାତରେ ଉଠେଇ ନେଇ ଦଉଡ଼ିକୁ କାନ୍ଧରେ ପକେଇଲି । ଚୁଲୀରୁ ପାଉଁଶ କାଢୁ କାଢୁ ମାଆ କହିଲା, "କାଚଜାର୍‌ରେ ରଖା ହୋଇଥିବା ଚିନିରୁ ଟିପେ ନେଇ ମୁହଁରେ ପକେଇ ଦେ'... ଖାଲି ଟିପେ ନେବୁ ବୁଝିଲୁ । ତୋ ବାପାର ଚା' ପାଇଁ ବଞ୍ଚେଇ କରି ରଖିବାକୁ ହେବ ଚିନି ।'

ମୁଁ ଚୁପ୍‌ଚାପ୍ ଟିକେ ଚିନି ମୁହଁରେ ପକେଇ ଦେଲି । ଗରା ଆଉ ଦଉଡ଼ି ନେଇ କୂଅ ଆଡ଼କୁ ଚାଲିଲି । ମାଆ ଏତେ ଉଦାସ କାହିଁକି ଲାଗୁଛି ? ତାକୁ ନିଜ ପୁଅର ଏଇ ଯଶକିର୍ତ୍ତୀରେ ଟିକେ ହେଲେ ଖୁସି ଲାଗୁ ନଥିବ । ଆଉ ଯଦିବା ତାକୁଖୁସି ଲାଗୁଛି, ମାଆ ତାହା ବ୍ୟକ୍ତ କରୁନାହିଁ କାହିଁକି ? ଏମିତି ଲାଗୁଥିଲା ଯେମିତି କାନ୍ଧ ଉପରେ ଥିବା ଖାଲି ଗରାଟି ଭରିଯାଉଥିଲା ଏଇ ସବୁ ପ୍ରଶ୍ନରେ । କୂଅରୁ ପାଣି ଟାଣିବାକୁ ଥିବା ରଶିଟି ବି ଲମ୍ବା ଆହୁରି ଲମ୍ବା ହୋଇ ବୋଝକୁ ଆହୁରି ବଢ଼େଇ ଦେଉଥିଲା । ମାଆ ଏମିତି ବ୍ୟବହାର କାହିଁକି କରୁଛି ।..... ଏମିତି ଚିନ୍ତାରେ ବୁଡ଼ି ରହି କେତେବେଳେ ଯେ ମୁଁ ପହଞ୍ଚି ଯାଇଥିଲି କୁଅ ନିକଟରେ ସେ କଥା ମୁଁ ଜାଣିପାରି ନଥିଲି । ଖୁବ୍ ଗହୀରିଆ କୂଅରେ ମୁଁ ଗରା ବୁଡ଼େଇଲି ଆଉ ପୁରା ଶକ୍ତି ଲଗେଇ ଟାଣିଲି ରଶିକୁ ଉପରକୁ । ଏବେ ମୁଁ ଥିଲି ମୋ ଘର ଯାଏ ଲମ୍ବିଥିବା ରାସ୍ତାରେ....

ପେଟକୁ ଦୁଇ ମୁଠା ଖାଦ୍ୟ ଯୋଗାଇବାର ଚିନ୍ତା ଯଦି ନଥାନ୍ତା ତେବେ କଣ ମୋର ଏମିତି ସ୍କୁଲ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବାରେ ମାଆ ଅଧିକ ଖୁସି ହୋଇଥାନ୍ତା ? ତା ଶରୀରର ସମସ୍ତ କ୍ଷମତା ଓ ଶକ୍ତି ଦୁଇଓଳି ଦୁଇ ମୁଠା ଖାଦ୍ୟ ଯୋଗାଡ଼ କରିବାରେ ଖର୍ଚ୍ଚ ହୋଇଯାଇ ନଥାନ୍ତା ? ଏମିତ ପରିସ୍ଥିତିରେ କଣ ନିଜ ମନର ଖୁସିକୁ ବ୍ୟକ୍ତ କରିବାପାଇଁ ତା ଦେହରେ ଶକ୍ତି ନଥାନ୍ତା ?

ପାଣି ଓ ପ୍ରଶ୍ନର ବୋଝକୁ ଏକା ସାଙ୍ଗରେ ବୋହି ବୋହି ଘରେ ପହଞ୍ଚିମୁଁ ଦଉଡ଼ିକୁ କଣ୍ଟାରେ ଟାଙ୍ଗି ଦେଲି । ମାଆ ଯଅ ରୋଟି 'ଭାକର' ତିଆରି କରୁଥିଲା । ନିଆଁରେ 'ଭାକର' ସେକିବାର ବାସ୍ନା ନାକରେ ବାଜୁଥିଲା । ହେଲେ ଲାଭ କଣ ? ଖାଇବାକୁ ତ କେବଳ ଦେଢ଼ ଖଣ୍ଡ ରୋଟି ହିଁ ମିଳିବ ନା ? ବଡ଼ ପରାତ ଉପରେ 'ଭାକର'କୁ ଥାପୁଡୁ ଥାପୁଡୁ ମାଆ କହିଲା... "କଣ ରେ...ଏବେ ଆଗକୁ ପାଠ ପଢ଼ିବା ପାଇଁ କଣ ବହୁତ ଖର୍ଚ୍ଚ ପଡ଼ିବ ?'

ପ୍ରଶ୍ନ ପରିଲା ବେଳେ ମାଆର ଚେହେରାରୁ ଯେମିତି ଗମ୍ଭୀରତା ବୋହି ପଡୁଥିଲା । ମୁଁ କୌଣସି ଜବାବ ଦେଲିନାହିଁ । ମାଆ ପୁଣି କହି ଲିଲା, 'ଆରେ ପୁଅ ! ପାଶ୍ ହୋଇଗଲୁ, ଖୁବ୍ ଭଲ କଲୁ । କିନ୍ତୁ ଏବେ ଆଗକୁ ଖର୍ଚ୍ଚ କେଉଁଠୁ ଆସିବ ସେଇ ଚିନ୍ତା ମୋତେ ଘାରୁଛି । ପାସ୍ ହୋଇଥିବା ଖବର ଶୁଣି, ଆଗକୁ ସବୁ କିଛି କେମିତି ହେବ ସେଇ ଚିନ୍ତା ଏବେ ସାମ୍ନାରେ । ତୋର ତ ପଢ଼ିବା ଉଚିତ୍ । ତୋଅରି ପାଇଁ ଆମର ଭାଗ୍ୟ ଦିନେ ନିଶ୍ଚେ ଚମକିବ । କିନ୍ତୁ ପଇସା କେଉଁଠୁ ଆସିବ ? ମଜୁରି ବି ବଢୁନି । ବର୍ଷା ନାହିଁ । ଲୋକମାନେ ଅନ୍ୟ ଜାଗାକୁ ଚାଲି ଯାଉଛନ୍ତି ରୋଜଗାର କରିବା ପାଇଁ । ହେଲେ ତୁ ଜମାରୁ ଚିନ୍ତା କରନା । ତୁ ମନ ଦେଇ ପାଠ ପଢ଼ । ମୁଁ ଆହୁରି ପରିଶ୍ରମ କରିବି ।'

ମାଆ ଆହୁରି ଗମ୍ଭୀର ହୋଇଗଲା... ମୋର ସପ୍ତମ ଶ୍ରେଣୀ ପାସ୍ ହୋଇଯିବା ଖବରରେ ସିଏ କାହିଁକି ଖୁସି ବ୍ୟକ୍ତ କରୁ ନଥିଲା ସେ କଥା ମୁଁ ବୁଝି ପାରୁଥିଲି । ମୁଁ ଶଳା - କେଡ଼େ ସହଜରେ ମାଆ ବିଷୟରେ ଅନ୍ୟଥା ଭାବି ବସିଥିଲି ? ତାକୁ ବୁଝି ନେବା ଜରୁରୀ । କିନ୍ତୁ କେମିତି ସେଇ କଥା ମୁଁ ବୁଝିପାରୁ ନଥିଲି । ମୁଁ କହିଲି 'ତୁ ଜମାରୁ ଚିନ୍ତା କରନା । ମୁଁ ରାୟଗଡ଼ ବୋଡ଼ିଂ ସ୍କୁଲକୁ ପଢ଼ିବାକୁ ଯିବି । ସେଇଠି ଖାଇବା, ରହିବା ମାଗଣା, ପାଠପଢ଼ାରେ ବି କିଛି ଅର୍ଥ ଖର୍ଚ୍ଚ ନାହିଁ । ରାୟଗଡ଼ା ଯିବାକୁ ଦି ପଇସା ଦରକାର ହେବନାହିଁ । କାରଣ ମୁଁ ଚାଲି ଚାଲି ଯିବି । ମୁଣ୍ଡରେ ବାକ୍‌ସ ରଖି... । ତୁ ଜମାରୁ ଚିନ୍ତା କରନା" ମୋ କଥା ଶୁଣି ତାର ଧୈର୍ଯ୍ୟ ଆସିଲା । ନିଜ ହାତରେ ଥିବା 'ଭାକର'କୁ ତାୱା ଉପରେ ପକେଇ ସିଏ କହିଲା,"ବାବା ଥଲୋବା - ମୋର ପୁଅକୁ ଯଶସ୍ୱୀ କର । ତୋ ପାଖରେ ନଡ଼ିଆ ଲଗେଇବି ।"

ଥଲୋବା ନାମକ ଦେବତାଙ୍କ ଉପରେ ମାଆର ଅଖଣ୍ଡ ବିଶ୍ୱାସ ଥିଲା, ହେଲେ ମୋ ମନରେ ବିନ୍ଦୁଏ ହେଲେ ବିଶ୍ୱାସ ନ ଥିଲା । ରାତି-ଦିନ ମଜୁରୀ ଖଟୁଥିବା ଆଉ ଅଗଣିତ ଥର କେବଳ ପାଣି ପିଇ ଭୋକ ମାରୁଥିବା ମୋର ମାଆକୁ ସାହାଯ୍ୟ କରିବାକୁ କୌଣସି ଦେବତା ଆସୁ ନଥିଲେ । ଆଉ ଓଲଟା ସେଇ ଦେବତାଙ୍କୁ ହିଁ ନଡ଼ିଆ ଆଉ ଭୋଗ ନୈବେଦ୍ୟ ଲାଗି କରାଯାଉଥିଲା । ହେଲେ ଏଇ ଦିଅଁ ଦେବତାଙ୍କୁ ନେଇ ମୁଁ କେବେ ହେଲେ ମାଆ ସାଙ୍ଗେ ଯୁକ୍ତିତର୍କ କରି ନଥିଲି ।

ଖାଇ ସାରି ଅଖା ଓ କନ୍ଥା ନେଇ ମୁଁ ବାରଣ୍ଡାକୁ ଚାଲିଗଲି ଶୋଇବାକୁ । ସେଠି ରାତିରେ ଶୋଇବା କମ୍, ସାରା ରାତି ଓଡ଼ଶ ମାରିବା କାମ ଅଧିକ ଥିଲା । ଘର ଭିତରେ ଯେ ଓଡ଼ଶ ନ ଥିଲା ସେକଥା ନୁହେଁ । କିନ୍ତୁ ଗୋଟିଏ ମାତ୍ର କୋଠରୀ ଥିବାରୁ ଶୋଇବା ପାଇଁ ଜାଗା ନଥିଲା, ବାରଣ୍ଡାରେ ରାତିସାରା ଓଡ଼ଶମାନେ ରକ୍ତ ଶୋଷୁଥିଲେ । କୁଣ୍ଡେଇ କୁଣ୍ଡେଇ ଦେହରୁ ଚମଡ଼ା ଉଠି ଯାଉଥିଲା । କେବେ କେବେତ ଘାଆ ହେଇଯାଉଥିଲା । ଘାଆ ପୂଜଉ ଥିଲା । ପାଚି ଯାଇ ଫାଟି ଯାଉଥିଲା । ଦେହରେ କିଛି ସ୍ଥାନରେ ଓ ଲୁଗାରେ ବି ଦାଗ ହୋଇଯାଉଥିଲା । ସ୍କୁଲରେ ବସିବାକୁ ବି ଲାଜ ଲାଗୁଥିଲା । ସାରା ଦେହରୁ ଦୁର୍ଗନ୍ଧ ବାହାରୁଥିଲା ।ଅନେକ ଘାଆରୁ ରକ୍ତପୂଜ ବୋହୁଥିଲା । ଏମିତି ତ ପ୍ରତିଦିନଗାଧୋଇବାରେ ଅଳସୁଆମୀ... ତା ଉପରେ କୁଣ୍ଡିଆ..ଘାଆ.. ସେ ଦାଗ... ହେଲେ କାହାକୁ ଏ କଥା କହିବ, କେମିତି ଓ କଣ ?

ଗୋବର ପୋକ ସଦାସର୍ବଦା ଗୋବରରେ ରହେନାହିଁ । ମାଆର ଏଇ ଜୀବନ ଦର୍ଶନର ସୂତ୍ର, ପ୍ରତିଦିନ ରାତିରେ ଶୋଇଲା ବେଳେମୋର ମନେ ପଡୁଥିଲା... ସ୍ୱପ୍ନରେ ବି ମୋତେ ସେଇ କଥା ଶୁଣାଯାଉଥିଲା । ସତକୁ ସତ ମୁଁ ଶୋଇଲା ପରେ ସ୍ୱପ୍ନରେ ଗୋବର ଦେଖୁଥିଲି... ସେଥରୁ ବାହାରୁଥିବା ମୋଟା କଳା କବଚରେ ଘୋଡ଼େଇ ହୋଇଥିବା ପୋକ ବାହାରକୁ ବାହାରୁଥିବାର ଦେଖାଯାଉଥିଲା... ମୋର ଦାରିଦ୍ର୍ୟ ଅର୍ଥାତ୍ ଗୋବର, ଆଉ ସେଥିରୁ ବାହାରୁଥିବା ପୋକ ଅର୍ଥାତ୍ ମୁଁ... ବାଃ ! କି ସୁନ୍ଦର ଉପମା ? ମୁଁ ରାସ୍ତାରେ ଯାଉଥାଏ । ଯେଉଁଠି ବି ଶୁଖା ଯାଇଥିବା ଗୋବର ଆଖିରେ ପଡୁଥିଲା ତାକୁ ମୁଁ ଗୋଇଠା ମାରି ସାଙ୍ଗେ ସାଙ୍ଗେ ଛିନ୍ନଭିନ୍ନ କରିଦେଉଥିଲି । ଗୋଇଠା ବାଜି ଗୋବର ଖେଳେଇ ହୋଇଗଲେ ତା' ଭିତରେ କିଲିବିଲି ହେଉଥିବା ପୋକମାନେ ସେଥିରୁ ମୁକ୍ତି ପାଇଯାନ୍ତି । ଏପଟେ ସେପଟେ ଦୌଡ଼ନ୍ତି, ଶଳା... ଏଇ ସବୁ ପୋକମାନଙ୍କୁ ମୁଁ ମୁକ୍ତ କରିଦେଲି । ଗୋବର ଭିତରୁ ସେମାନଙ୍କୁ ବାହାରକୁ କାଢ଼ିଲି.. ହେଲେ ମୋତେ କିଏ ବାହାରକୁ କାଢ଼ିବ ? ମାଆର ଏଇ ଜୀଇଁବାର ସଂଘର୍ଷ କଣ ମୋତେ ମୁକ୍ତି ଦେଇପାରିବ ? ମୋର ଶିକ୍ଷା କଣ ମୋତେ ସ୍ୱାଧୀନ କରିବ । ମୁକ୍ତ କରିବ ମୋର ଗୋବର ଭିତରୁ ଆଉ ନେଇ ଛାଡ଼ିବ ସ୍ୱାଭିମାନରେ ଭରପୁର ମୋର ଗାଁରେ ?

(କ୍ରମଶଃ)

❤ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

## ବିବାହ ଉତ୍ସବରେ ନିଆରା ଉପହାର

ବସ୍ତା, ୧୧/୦୩ (ନି.ପ୍ର): ବିବାହ ଉତ୍ସବରେ ବରକନ୍ୟାଙ୍କୁ ବୀଭିନ୍ନ ଦାମିକା ଉପହାର ଦେବାର ନଜିର ଥିବାବେଳେ । ବସ୍ତା ଥାନାର ବାହାର୍ଦା ପଞ୍ଚାୟତ ମେଳକଗ୍ରାମରେ ସଂଧ୍ୟାରାଣୀ ରାଉଳ ଓ ଅନ୍ତର୍ଯ୍ୟାମୀ ରାଉଳଙ୍କର ସୁପୁତ୍ରୀ ଅର୍ପିତା ରାଉଳଙ୍କର ବିବାହ ଉତ୍ସବରେ ବିଭିନ୍ନ ଅତିଥିମାନେ ନାନା ପ୍ରକାରର ଉପହାର ଦେଇଥିବା ବେଳେ । ବସ୍ତା ଅଞ୍ଚଳ ର ଯୁବ ସମାଜ ସେବୀ ସୁମନ୍ତ କୁମାର ଜେନା ଶ୍ରୀଯୁକ୍ତ ରାଉଳଙ୍କର ନିମନ୍ତ୍ରଣ ରକ୍ଷାକରି ବୃକ୍ଷ୍ୟ ଚାରାଟିଏ ପ୍ରଦାନ କରି ସମାଜକୁ ସଚେତନାସୃଷ୍ଟି କରିବା ସହ ବୃକ୍ଷ୍ୟରୋପଣର ବାର୍ତ୍ତା ପ୍ରଦାନ କରିଛନ୍ତି । ଶ୍ରୀଯୁକ୍ତ ଜେନାଙ୍କର ଏଭଳି ଦୃଷ୍ଟାନ୍ତ ମୂଳକ ପ୍ରୟାସକୁ ଆଜିର ଦୁନିଆରେ ସମସ୍ତେ ବେଶ ପ୍ରଶଂସା କରିଛନ୍ତି । ଅନ୍ୟପକ୍ଷରେ ଏଭଳି ନିଆରା ଉପହାର ପାଇ ଅର୍ପିତା ଏବଂତାଙ୍କ ପରିବାର ବେଶ ଖୁସି ପ୍ରକୋଟ କରିଛନ୍ତି ।

## ଭଦ୍ରକ ଜିଲ୍ଲା ସ୍ତରୀୟ ପ୍ରଥମ ଲୋକ ଅଦାଲତ

ଭଦ୍ରକ, ୧୧/୦୩ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ତରଫରୁ ଜିଲ୍ଲା ଜଜ୍ କୋର୍ଟ ପରିସରରେ ଜିଲ୍ଲାସ୍ତରୀୟ ପ୍ରଥମ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଅଛି । ଭଦ୍ରକ ଆଇନ୍ ସେବା ପ୍ରାଧୀକରଣ ର ଅଧକ୍ଷ ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ ନାୟକ ଅଧକ୍ଷତା କରିଥିବା ବେଳେ ଏହି ଜିଲ୍ଲାସ୍ତରୀୟ ଲୋକ ଅଦାଲତକୁ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣର ସଚିବ ଶ୍ରୀମତୀ ନେହା ଅଗ୍ରୱାଲ୍ ପରିଚାଳନା କରିଥିଲେ । ଏହି ଲୋକ ଅଦାଲତରେ ସମସ୍ତ ବିଚାରପତି ବୃନ୍ଦ ଯୋଗ ଦେଇଥିଲେ । ଏଥିରେ ୧୪୪୭ଟି ମାମଲା ମଧ୍ୟରୁ ୯୦୬ଟି ର ସମାଧାନ କରାଯାଇ ୧,୭୦,୧୧,୭୯୫ଟଙ୍କା ଆଦାୟ ହୋଇ ଯାଇଛି ।

## ଓଡ଼ିଆ ଭାଷାର ଗରିମା ଓ ମାଧୁର୍ଯ୍ୟ ହିଁ ଏହାକୁ ଅନ୍ୟ ଭାଷାଠାରୁ ସ୍ୱତନ୍ତ୍ର କରିଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧/୦୩ (ନି.ପ୍ର): ଓଡିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଆମ ମାତୃଭାଷା 'ଓଡ଼ିଆ' ଆମ ସମ୍ମାନ ଓ ଆମ ଗୌରବ । ଭାରତୀୟ ଶାସ୍ତ୍ରୀୟ ଭାଷା ମଧ୍ୟରୁ ଅନ୍ୟତମ ଆମ ଭାଷା 'ଓଡ଼ିଆ' ଆଜିର ଦିନରେ ଶାସ୍ତ୍ରୀୟ ମାନ୍ୟତା ଲାଭ କରିଥିଲା । ଓଡ଼ିଆ ଭାଷାର ଗରିମା ଓ ମାଧୁର୍ଯ୍ୟ ହିଁ ଏହାକୁ ଅନ୍ୟ ଭାଷାଠାରୁ ସ୍ୱତନ୍ତ୍ର କରିଛି । ଆସନ୍ତୁ ଏହାର ଗରିମାକୁ ଆହୁରି ସମୃଦ୍ଧ କରିବା ଦିଗରେ ଏକ ହୋଇ ଆଗକୁ ବଢିବା ।

# ଗୁଡିଖାଲ, ମୁନିସମାଜ ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ୩୭ ତମ ବାର୍ଷିକ ଅଧିବେଶନ ପାଳନ



ମଥାନି, ୧୧/୦୩ (ନି.ପ୍ର): ଶନିବାର ଦିବା ଦଶ ଘଟିକା ସମୟରେ, ଗୁଡିଖାଲ ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ଆଶ୍ରମର ୩୭ ତମ ବାର୍ଷିକ ଅଧିବେଶନ, ମହାନ ସିଦ୍ଧ-ସାଧକ, ଆତ୍ମଜ୍ଞାନୀ ଯୋଗୀ ମନ୍ମଥ ଆଇଚ ଙ୍କ ସଭାପତିତ୍ୱରେ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ମହା ସମାରୋହରେ ପାଳିତ ହୋଇଯାଇଛି ।ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ, ଆତ୍ମଜ୍ଞାନୀ ଯୋଗୀ ଅନିଲ ମୁନିଜୀ ମହୋଦୟ । ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ, ଆତ୍ମଜ୍ଞାନୀ ଯୋଗୀ ବିକାଶ ମୁନିଜୀ ମହୋଦୟ । ସମ୍ମାନୀତ ବକ୍ତା ହିସାବରେ ମଞ୍ଚାସୀନ ଥିଲେ, ଆତ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଭାଗବତ ଆଚାର୍ଯ୍ୟ ଦାମୋଦର ମୁନିଜୀ ମହୋଦୟ । ଆତ୍ମଜ୍ଞାନୀ ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ମୁନିଜୀ ମହୋଦୟ । ଆତ୍ମଜ୍ଞାନୀ ବରିଷ୍ଠ ଯୋଗୀ ପ୍ରଫୁଲ୍ଲ ମୁନିଜୀ ମହୋଦୟ । ପ୍ରଚାର ସଙ୍ଗଠନ ମନ୍ତ୍ରୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ ।ମୁନିରାଜ୍ଞୀ କନକ ଲତା ମହାପାତ୍ର ମହୋଦୟା । ଆଶ୍ରମର ସମ୍ପାଦକ ମୁନିରାଜ ଗୋପାଳ ମୁନିଜୀ ମହୋଦୟ । ସ୍ୱତନ୍ତ୍ର ଅତିଥି ହିସାବରେ ଯୋଗଦାନ କରିଥିଲେ, ବ୍ରହ୍ମଜ୍ଞାନୀ, ପୂର୍ବତନ ପ୍ରାନ୍ତୀୟ ଅଧକ୍ଷ ଯୋଗାଚାର୍ଯ୍ୟ ଲେଖକଶ୍ରୀ ଶଶଧର ମୁନିଜୀ ମହୋଦୟ ।ମୁନି ସମାଜର ଜ୍ୟୋତି, ଜିଲ୍ଲା ସମ୍ପାଦକ ଆତ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନି ଜୀ ମହୋଦୟ ।ଆଶ୍ରମର ସ୍ଥାୟୀ ଅଧକ୍ଷ ବରିଷ୍ଠ ଯୋଗୀ ଅନନ୍ତ ଦେ ମହୋଦୟ ।ମଞ୍ଚାସୀନ ଥିଲେ ଆତ୍ମଜ୍ଞାନୀ ବରିଷ୍ଠ ଯୋଗୀ ନରେନ୍ଦ୍ର ମୁନି, ଯୋଗୀ ଅରୁଣ କୁମାର ମୁନି,ଯୋଗୀ କୃପାସିନ୍ଧୁ ମୁନି, ଯୋଗୀ ଚନ୍ଦ୍ରମୋହନ ମୁନି, ଯୋଗୀ ବଳରାମ ମୁନି,ଯୋଗଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କନକଲତା ଆଇଚ ମହୋଦୟା ଇତ୍ୟାଦି । ମୁନି ସଙ୍ଗୀତ ଗାନ କରିଥିଲେ, ଯୋଗଶିକ୍ଷୟତ୍ରୀ କମଳିନୀ ଦେ, ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା, ଯୋଗଶିକ୍ଷୟତ୍ରୀ ସୁବାସିନୀ ମହାନ୍ତି, ମୁନିରାଜ୍ଞୀ ସଙ୍ଗଯୁକ୍ତା ମହାନ୍ତୀ,ମୁନି ଗୋପାଳ, ମୁନି ସୁରେନ୍ଦ୍ର, ମୁନି ବିଭୂତି ଇତ୍ୟାଦି । ପୂର୍ଣ୍ଣ ପ୍ରାଣରେ ସହଯୋଗ କରିଥିଲେ, ଆଶ୍ରମର ହିତୈଷି ଶାମ ମୁନି, କୈଳାଶ ମୁନି ପ୍ରମୁଖ । ସର୍ବପ୍ରଥମେ ସତ୍ୟ ପତାକା ଆଶ୍ରମର ସ୍ଥାୟୀ ସଭାପତି ଆତ୍ମଜ୍ଞାନୀ ବରିଷ୍ଠ ଯୋଗୀ ଅନନ୍ତ ଦେ ଙ୍କ କର ଅମଳରେ ଉତ୍ତୋଳନ କରାଯାଇଥିଲା । ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ ଜ୍ଞାନଯଜ୍ଞ ଆରମ୍ଭ କରାଯାଇଥିଲା ।ମୁନି ସମାଜର ଯମ ନିୟମ ପାଳନ ପୂର୍ବକ ଯଦି ଜଣେ ପ୍ରତିଦିନ ଯୋଗ ସାଧନ ଜାରି ରଖି ଚାଲିଥିଲେ ସେ ସର୍ବଦା ନିଶ୍ଚୟ ସୁଖ-ଶାନ୍ତି-ଆନନ୍ଦରେ, ନିରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନ ଯାପନ କରିବା ସହିତ ଜୀବନ-ମୁକ୍ତି ବା ଆତ୍ମଦର୍ଶନ କରିପାରିବ ।

## ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ ରାଇମଣି ଓ ସାର



ଉଦଳା, ୧୧/୦୩ (ନି.ପ୍ର): ସରକାରଙ୍କ ଘୋଷଣା ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାଦାନର ବ୍ୟବସ୍ଥା । ଏହାକୁ ପୂରଣ କରିବା ପାଇଁ ନିଯୁକ୍ତି ପାଇଥିଲା ସରକାରୀ ବାବୁ ମାନଙ୍କର 'ଆମ ଅଂଚଳରେ ଆଉ ଡ୍ରପଆଉଟ ନାହାଁନ୍ତି'ର ଫାଇଲ ଚାଷ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିପକାଇଛି । ବିଭିନ୍ନ କାରଣରୁ ପିଲାମାନେ ପାଠ ପଢ଼ା ଛାଡ଼ିବାକୁ ବାଧ ହେଉଥିବା ବେଳେ, ସରକାରୀ ବାବୁ ମାନଙ୍କର ଘଂଟ ଘୋଡ଼ା ନୀତି ଏକ ଅଶାନ୍ତ ବାତାବରଣ ଖେଳାଇ ଦେଉଛି । ସେହିପରି ଘଟଣାଟିଏ, କପ୍ତିପଦା ବ୍ଲକର ଚକ୍ରଧରପୁର ପଂଚାୟତ ଅନ୍ତର୍ଗତ ସାନଜୁନପାଳ ଗ୍ରାମର ହପାସାହିର ବାସିନ୍ଦା ସିଡିଲା ହାଁସଦାଃ ଓ ବାସନ୍ତୀ ହାଁସଦାଙ୍କ କନ୍ୟା 'ରାଇମଣି' ଏବଂ ଗୋପାଳ ଟୁଡୁ ଓ ସାଉଁରି ଟୁଡୁଙ୍କ କନ୍ୟା 'ସାର' ଉଭୟେ ସାନଜୁନପାଳ ପ୍ରାଥମିକ ବିଦ୍ୟାଳୟରୁ ପଂଚମ ଶ୍ରେଣୀ ପାସ କରିଛନ୍ତି । ଷଷ୍ଠ ଶ୍ରେଣୀରେ ପଢ଼ିବାକୁ ହେଲେ ନିଜ ଘରଠାରୁ ୧୨ କିମି ଦୂର ଯିବାକୁ ପଡୁଛି । ପାହାଡ଼, ଜଙ୍ଗଲ ଭିତର ଦେଇ ଏତେ ଦୂର ରାସ୍ତା ଯାତାୟତ ପାଇଁ ନିରାପଦ ନମଣିବାରୁ ଏହି ପିଲାମାନେ ପାଠ ପଢ଼ା ଛାଡ଼ିବାକୁ ବାଧ ହୋଇଥିବାର ଜଣାଯାଇଛି । 'ରାଇମଣି'ଙ୍କୁ ବର୍ତମାନ ବୟସ ୧୨ ବର୍ଷ ହୋଇଥିବା ବେଳେ 'ସାର'କୁ ୧୧ ବର୍ଷ ଛୁଇଁଲା । ଦିର୍ଘ ୩ ବର୍ଷ ହେବ ପାଠ ପଢ଼ା ଛାଡ଼ି ଏବେ ଉଭୟେ ଘରେ ବସିଛନ୍ତି । ଏହି ପିଲା ମାନେ କିପରି ବିଦ୍ୟାଳୟକୁ ଯିବେ ସେଥିପାଇଁ ସରକାରୀ ବାବୁ ମାନଙ୍କର ମହଲରେ କୌଣସି ତତ୍ପରତା ମଧ ନାହିଁ । ଏତିକିବେଳେ ସରକାରଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥାଯେ ଏକ ପ୍ରହସନ, ତାହା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳୁଛି ।

## ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ପ୍ରଦର୍ଶନୀ ଉଦଯାପିତ




ବାରିପଦା, ୧୧/୦୩ (ନି.ପ୍ର): ଜିଲ୍ଲା ଶିଳ୍ପ କେନ୍ଦ୍ର ଆନୁକୂଲ୍ୟରେ ବାରିପଦା ଛଉ ପଡିଆ ଠାରେ ଗତ ୫ ତାରିଖ ରୁ ୯ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଚାଲିଥିବା ଜିଲ୍ଲା ସ୍ତରୀୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ପ୍ରଦର୍ଶନୀ ଗତକାଲି ଉଦଯାପିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଗୌର ମୋହନ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶାର କୃଷି ଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି ସମ୍ମାନୀତ ଅତିଥି ଭାବରେ ବାରିପଦା ପୌରପାଳିକାର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ମହିଳା ମାନଙ୍କ ସାମଗ୍ରୀକ ସଶକ୍ତି କରଣ ସହିତ ଅଣୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଜରିଆରେ ଆର୍ଥିକ ସ୍ୱାବଲମ୍ବୀ ହୋଇ ସ୍ୱୟଂ ସହାୟକ ଗୋଷ୍ଠୀ ରୁ ସ୍ମାର୍ଟ ମାଇକ୍ରୋ ଏଣ୍ଟେରପ୍ରାଇଜ କୁ ରୂପାନ୍ତରିତ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଆଇ.ପି.ଓ. ଡି.ଏସ. ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠିତ ଉକ୍ତ ପ୍ରଦର୍ଶନୀ ରେ ବିଭିନ୍ନ ଉଦ୍ୟୋଗୀ ମାନେ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ର ପାଖାପାଖି ୪୦ ଲକ୍ଷ ଟଙ୍କା ର କାରବାର କରିଥିବାବେଳେ ଅନ୍ୟ କେତେକ ଉଦ୍ୟୋଗୀ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ପରବର୍ତୀ ସମୟରେ ଯୋଗାଇ ଦେବା ପାଇଁ କିଛି ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ପକ୍ଷରୁ ଉତମ ପରିମାଣର ଅଗ୍ରିମ ଅର୍ଡ଼ର ମଧ ପାଇଛନ୍ତି ।

## 'ବିଆଇଏମଟି'ରେ ଆନ୍ତର୍ଜାତିକ ମହିଳା ଦିବସ

ବାଲେଶ୍ୱର, ୧୧/୦୩ (ନି.ପ୍ର): ସହର ଉପକଣ୍ଠ ଦହପଡ଼ା ସ୍ଥିତ 'ଭାରତ ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଏଣ୍ଡ ଟେକ୍ନୋଲୋଜି' (ବିଆଇଏମଟି)ରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡ. ଶ୍ରୀମାନ ଶ୍ରୀଚନ୍ଦନ ସଭାପତିତ୍ୱ କରିବା ସହ ବିଶ୍ୱ ମହିଳା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଜିଲା ମାରୱାଡ଼ି ମହିଳା ସମ୍ମେଳନର ସମ୍ପାଦିକା ସମାଜସେବୀ ସୋନାଲ ମୋଦି ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ମହିଳାଙ୍କ ସ୍ଥିତି ଓ ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଅବଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ବିଶେଷ କରି ନାରୀମାନେ ଶିକ୍ଷିତ ହୋଇ ନିଜର ଅଧିକାର ସାବ୍ୟସ୍ତ ପାଇଁ ସେ ଉପସ୍ଥିତ ଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ମହାବିଦ୍ୟାଳୟର ଏକାଡେମିକ ଡାଇରେକ୍ଟର ଡ. ଶେଖ ଗୟାସୁଦ୍ଦିନ, ମ୍ୟାନେଜମେଣ୍ଟ ବିଭାଗ ମୁଖ୍ୟ ଡ. ପ୍ରଦୀପ କୁମାର ଗିରି ପ୍ରମୁଖ ଏଥିରେ ଯୋଗଦେଇ ରାଷ୍ଟ୍ରୀୟ ରାଜନୀତି ଓ ଅର୍ଥନୀତି ପରିଚାଳନାରେ ମହିଳାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଶେଷରେ ଅଧ୍ୟାପିକା ସଗୁଫତା କ୍ୱାଦିର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଏଣିକି ଘରେ ବସି ଭିନ୍ନକ୍ଷମ ଓ ବୃଦ୍ଧ-ବୃଦ୍ଧା....

ଏହା ସହିତ କମିଶନ କହିଛନ୍ତି ଯେ ରାଜ୍ୟରେ ଯୁବ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ସେଠାରେ ପ୍ରାୟ ୧୭ ହଜାର ଭୋଟର ଅଛନ୍ତି, ଯେଉଁମାନଙ୍କର ବୟସ ୧୦୦ ବର୍ଷ ଅତିକ୍ରମ କରିଛି । ସେମାନଙ୍କର ସୁବିଧା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ବେଙ୍ଗାଲୁରୁରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଆମ ଟିମ୍ ଫର୍ମ-୧୨ଡି ସହ ସେମାନଙ୍କ ନିକଟକୁ ଯିବେ ଓ ସେମାନେ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ଯଦିଓ ଆମେ ୮୦ ବର୍ଷରୁ ଅଧିକ ବୟସ୍କଙ୍କୁ ମତଦାନ କେନ୍ଦ୍ରକୁ ଆସିବାକୁ ପ୍ରୋତ୍ସାହିତ କରୁଛୁ, କିନ୍ତୁ ଯେଉଁମାନେ ମତଦାନ କେନ୍ଦ୍ରକୁ ଆସିବାକୁ ସମର୍ଥ ହେବେ ନାହିଁ ସେମାନେ ଏହି ସୁବିଧା ପାଇପାରିବେ ବୋଲି ସେ କହିଛନ୍ତି । ମତଦାନର ଗୋପନୀୟତା ବଜାୟ ରଖାଯିବ ଏବଂ ସମଗ୍ର ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ ବୋଲି ନିର୍ବାଚନ କମିଶନ ରାଜୀବ କୁମାର ସ୍ପଷ୍ଟ କରିଛନ୍ତି । ଭିନ୍ନକ୍ଷମଙ୍କ ପାଇଁ ଏକ ମୋବାଇଲ୍ ଆପ୍ 'ସକ୍ଷମ' ଆରମ୍ଭ କରାଯାଇଛି, ଯେଉଁଥିରେ ସେମାନେ ଲଗଇନ୍ କରି ଭୋଟ୍ ଦେବାର ସୁବିଧା ବାଛିପାରିବେ ବୋଲି ସିଇସି କହିଛନ୍ତି । ମୁଖ୍ୟ ନିର୍ବାଚନ ଆଗାମୀ କର୍ନାଟକ ବିଧାନସଭା ପାଇଁ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଗୋପନୀୟତା ବଜାୟ ରହିବ ଏବଂ ସମଗ୍ର ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ ବୋଲି ରାଜୀବ କୁମାର କହିଛନ୍ତି । ସେ କହିଛନ୍ତି ଯେ ଦିବ୍ୟାଙ୍ଗଙ୍କ ପାଇଁ ଏକ ମୋବାଇଲ ଆପ୍ଲିକେଶନ 'ସକ୍ଷମ' ଲଞ୍ଚ କରାଯାଇଛି ଯେଉଁଥିରେ ସେମାନେ ଲଗଇନ କରିପାରିବେ ଏବଂ ଭୋଟ ଦେବାର ସୁବିଧା ଚୟନ କରିପାରିବେ । ଭୋଟରଙ୍କ ସୁବିଧା ପାଇଁ ନିର୍ବାଚନ କମିଶନ 'ନୋ ୟୋର କ୍ୟାଣ୍ଡିଡେଟ' (କେୱାଇସି) ନାମରେ ଏକ ଅଭିଯାନ ମଧ୍ୟ ଆରମ୍ଭ କରିଛନ୍ତି । ରାଜନୈତିକ ଦଳମାନେ ନିଜ ପୋର୍ଟାଲ ଓ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଭୋଟରଙ୍କୁ ଜଣାଇବା ଦରକାର ଯେ ସେମାନେ କାହିଁକି ଅପରାଧିକ ପୃଷ୍ଠଭୂମି ଥିବା ପ୍ରାର୍ଥୀଙ୍କୁ ବାଛିଲେ ଏବଂ ନିର୍ବାଚନ ଲଢ଼ିବା ପାଇଁ ସେମାନଙ୍କୁ ଦଳୀୟ ଟିକେଟ ଦେଲେ । ସେହିପରି ଏକ ମୋବାଇଲ ଆପ୍ଲିକେସନ 'ସୁବିଧା' ବିକଶିତ ହୋଇଛି, ଯାହା ପ୍ରାର୍ଥୀଙ୍କ ନାମାଙ୍କନ ଏବଂ ଆଫିଡେଭିଟ ଦାଖଲ ପାଇଁ ଏକ ଅନଲାଇନ ପୋର୍ଟାଲ ଅଟେ । ସେ କହିଛନ୍ତି ଯେ ପ୍ରାର୍ଥୀମାନେ ସଭା ତଥା ସମାବେଶ ପାଇଁ ଅନୁମତି ମାଗିବା ପାଇଁ 'ସୁବିଧା' ପୋର୍ଟାଲ ମଧ ବ୍ୟବହାର କରିପାରିବେ ।

## ଓସଡମାକୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧/୦୩ (ନି.ପ୍ର): ୨୦୨୩ ବର୍ଷ ପାଇଁ ସୁଭାଷ ଚନ୍ଦ୍ର ବୋଷ ଆପଦା ପ୍ରବନ୍ଧନ ପୁରସ୍କାର ପାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଓସଡମାକୁ ଶୁଭେଚ୍ଛା ଜଣାଇଛନ୍ତି । ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଓଡିଶାକୁ ଏହି ପୁରସ୍କାର ମିଳିଛି । ଏହାସହ ସର୍ବଭାରତୀୟ ମାନଦଣ୍ଡ ସ୍ଥିର କରିବାରେ ଅବଦାନ ପାଇଁ ଓଡିଶାର ଲୋକଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ । ସୂଚନାଯୋଗ୍ୟ ଯେ ଗତକାଲି ଓଡ଼ିଶାକୁ ଆପଦା ପ୍ରବନ୍ଧନ ପୁରସ୍କାର ପ୍ରଦାନ କରାଯାଇଥିଲା । ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଏବଂ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଏହି ପୁରସ୍କାର ଗ୍ରହଣ କରିଥିଲେ ।

## ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ



ବାସୁଦେବପୁର, ୧୧/୦୩ (ନି.ପ୍ର): ବାସୁଦେବପୁର ବ୍ଲକ ଗୁଆଗଡ଼ିଆ ପଂଚାୟତ ର କମାର ଗାଁ ଦୋଳ ପଡିଆ ଠାରେ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ସାହିତ୍ୟ ସଂସ୍କୃତି ପରିଷଦ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କବି ସୁଦର୍ଶନ ଅଗସ୍ତି ଏହି ସଭା ରେ ସଭାପତିତ୍ୱ କରିଥିଲେ । ଶିକ୍ଷାବିତ ସୂର୍ଯ୍ୟମଣି ଶତପଥୀ, ମହାପ୍ରସାଦ ସ୍ୱାମୀ, କବି ଓ ସାମ୍ବାଦିକ ଭରତ ଚନ୍ଦ୍ର ଦାଶ, ସମାଜସେବୀ ପ୍ରଶାନ୍ତ ନାୟକ, ସରପଞ୍ଚ ଉମାକାନ୍ତ ମଲିକ ପ୍ରମୁଖ ଏହି ଉତ୍ସବ ରେ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଯୁଗଶ୍ରୀ ଯୁଗ ନାରୀ ର ସମ୍ପାଦିକା ମମତା ମହାପାତ୍ର, ଡ଼କ୍ଟର ସୁରେନ୍ଦ୍ର ପ୍ରସାଦ ମହାନ୍ତି, କଣ୍ଠଶିଳ୍ପୀ ଦେବେନ୍ଦ୍ର ପଣ୍ଡା, ବିଷ୍ଣୁମୋହନ ନାୟକ, ମଦନ ମୋହନ ମଲିକ ଓ ମେଧାବୀ ଛାତ୍ର ଶାନ୍ତନୁ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କବି ବିକାଶ ଶତପଥୀ ମଞ୍ଚ ସଂଯୋଜନା କରିଥିଲେ । କବି ଗୟାଧର ଦାସ ଓ ସଦାନନ୍ଦ ପାଣିଗ୍ରାହୀ କବିତା ସଂଯୋଜନା କରିଥିଲେ । କବି ସଞ୍ଜୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଗାମୀ ନିର୍ବାଚନରେ ଗୌରାଙ୍ଗ ଓ ଶଶି ପାଣିଗ୍ରାହୀ ଟିକଟ ଆଶାୟୀ

ନୀଳଗିରି, ୧୧/୦୩ (ନି.ପ୍ର): ୨୦୨୪ ସାଧାରଣ ନିର୍ବାଚନ ପାଇଁ ନୀଳଗିରି ନିର୍ବାଚନ ମଣ୍ଡଳୀରେ ଶାସକ ବିଜେଡି ଦଳର ଟିକଟ ହାତେଇବା ପାଇଁ ଆଶାୟୀ ପ୍ରାର୍ଥୀମାନେ ନିଜର ରଣକୌଶଳର ନକ୍ସା ତିଆରି କରୁଥିବା ବେଳେ ଏବେ ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । କିଏ କହୁଛି ମୁଁ ୪୦ବର୍ଷ ଧରି ବିଜୁ ଜନତା ଦଳରେ କାର୍ଯ୍ୟ କରି ଆସୁଥିବା ବେଳେ ନବୀନ ପଟ୍ଟନାୟକ ମୋର ଦୂର ସଂପର୍କୀୟ ମଉସା ବୋଲି କହି ୨୦୧୪ ପାଇଁ ଟିକଟ ମୋତେ ମିଳିବ ବୋଲି ସୋସିଆଲ ମିଡିଆରେ ପ୍ରଚାର ଚାଲିଥିବା ବେଳେ କିଏ କହୁଛି ନବୀନ ବାବୁଙ୍କ ଭଣଜା କହୁଥିବା ବେଳେ ଟିକଟଟା ମୋ ପାଇଁ ପକ୍କା ବୋଲି ସୋସିଆଲ ମିଡିଆରେ ଘୁରି ବୁଲୁଥିବାର ଦେଖିବାକୁ ମିଳିଛି । ତେବେ ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଏନଏ.ସି.ର ୧୨ନଂ. ୱାର୍ଡର ଗୌରାଙ୍ଗ ପରିଡ଼ା ଆଜକୁ ୪୦ବର୍ଷ ଧରି ବିଜୁ ପରିବାର ସହିତ କାର୍ଯ୍ୟ କରିଆସୁଥିବା ବେଳେ ୨୫/୩୦ ଥର ନବୀନ ନିବାସ ଯାଇଛି । ନବୀନ ବାବୁଙ୍କ ସହିତ ଟିକଟ ବାବଦରେ କଥା ହୋଇଛି । ପାଣ୍ଡିଆନ ସାରଙ୍କ ସହ ମଧ ଟିକଟ ପାଇଁ କଥା ହେବା ଘଟଣା ଏବେ ସୋସିଆଲ ମିଡିଆର ଘୁରୁବୁଲୁଥିବା ବେଳେ ଗୌରାଙ୍ଗ ପରିଡ଼ା ୨୦୨୪ ନିର୍ବାଚନ ପାଇଁ ବିଜେଡିର ହକଦାର ବୋଲି କହିବା ସହ ଆମେ ନୀଳଗିରିଆ ନୀଳଗିରି ଗଡ଼ଜାତ ମାଟିର ସନ୍ତାନ, ଏଣୁ ମୋତେ ଟିକଟ ମିଳିବା ଫାଇନାଲ । ଏପଟେ ନୀଳଗିରି ଏନ.ଏ.ସି.ର ୧୧ନଂ. ୱାର୍ଡର ଶଶିଧର ପାରିଗ୍ରାହୀ ଓରଫ ଶଶି ନନା ମଧ ୨୦୨୪ରେ ନୀଳଗିରି ପାଇଁ ବିଜେଡିର ପ୍ରାର୍ଥୀ ବୋଲି କହିବା ସହ ଟିକଟ ବାବଦରେ ବହୁବାର ନବୀନ ମାମୁଁଙ୍କ ସହ କଥା ହୋଇଥିବାର ସୋସିଆଲ ମିଡିଆର ଚର୍ଚ୍ଚା ଚାଲିଥିବା ବେଳେ ନୀଳଗିରି ବାହାରୁ ଆସି ଗଡ଼ଜାତିଆଙ୍କୁ ମୁକ କରି ଏଠାରେ ରଣହୁଙ୍କାର ଛାଡୁଥିବା ଆଶାୟୀ ପ୍ରାର୍ଥୀଙ୍କ ସ୍ଥାନ ନାହିଁ ବୋଲି କହିଥିବା ବେଳେ ୨୦୨୪ ପାଇଁ ମୋ ନାଁରେ ଟିକଟ ଫାଇନାଲ ବୋଲି ପ୍ରକାଶ କରିଛନ୍ତି । ତେବେ ନବୀନ ବାବୁଙ୍କର ଦୂରସଂପର୍କୀୟ କହୁଥିବା ଗୌରାଙ୍ଗ ଓ ଶଶିନନାଙ୍କ ମଧ୍ୟରେ କିଏ ଟିକଟ ହାତେଇବ ତାହା ସମୟକୁ ଅପେକ୍ଷା ।

# ବିପର୍ଯ୍ୟୟ ବିପତ୍ତି ହ୍ରାସ ପାଇଁ ଜାତୀୟ ମଞ୍ଚର ତୃତୀୟ ଅଧିବେଶନରେ ଉଦଯାପନୀ ସମାରୋହକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ

ଭୁବନେଶ୍ୱର, ୧୧/୦୩ (ନି.ପ୍ର): ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶ୍ରୀ ପିକେ ମିଶ୍ର ଆଜି ନୂଆଦିଲ୍ଲୀ ଠାରେ ବିପର୍ଯ୍ୟୟ ବିପତ୍ତି ହ୍ରାସ ପାଇଁ ଜାତୀୟ ମଞ୍ଚ (ଏନପିଡିଆରଆର)ର ତୃତୀୟ ଅଧିବେଶନରେ ଉଦଯାପନୀ ସମାରୋହକୁ ସମ୍ବୋଧିତ କରିଛନ୍ତି । ଶ୍ରୀ ମିଶ୍ର ୨୦୧୩ ଠାରୁ ଏନପିଡିଆରଆର ସମସ୍ତ ତିନୋଟି ଅଧିବେଶନରେ ଅଂଶଗ୍ରହଣ କରି ଆସୁଛନ୍ତି । ଏହି କାର୍ଯ୍ୟକ୍ରମରେ ଆଲୋଚନା ପାଇଁ ମିଳୁଥିବା ଅଧିକ ସୁଯୋଗ ଏବଂ ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ବିଚାରବିମର୍ଶକୁ ନେଇ ସେ ଖୁସି ବ୍ୟକ୍ତ କରିଥିଲେ । ସର୍ବଭାରତୀୟ ଉପସ୍ଥିତି କାରଣରୁ, ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପନା ଅନୁରୂପ ବିପର୍ଯ୍ୟୟ ବିପତ୍ତି ହ୍ରାସକୁ ଏକ ଜନଆନ୍ଦୋଳନରେ ପରିଣତ କରିଛି ବୋଲି ଶ୍ରୀ ମିଶ୍ର କହିଥିଲେ । ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ କହିଥିଲେ ଯେ, ସାମ୍ପ୍ରତିକ ସମୟରେ ବିପର୍ଯ୍ୟୟ ବିପତ୍ତି ବୃଦ୍ଧି ପାଇବା ସହିତ ନୂଆ ପ୍ରକାରର ବିପଦ ଆମ ସମ୍ମୁଖରେ ଉଭା ହେଉଛି । ଏଭଳି ଏକ ସମୟରେ ସ୍ଥାନୀୟ ସ୍ତରରେ ବିପର୍ଯ୍ୟୟ ବିପତ୍ତି ପରିଚାଳନା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଏନପିଡିଆରଆରର ଚଳିତ ଅଧିବେଶନର ବିଷୟବସ୍ତୁ ''ପରିବର୍ତ୍ତିତ ଜଳବାୟୁରେ ସ୍ଥାନୀୟ ସ୍ତରରେ ସହନଶୀଳତା ନିର୍ମାଣ'' ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ୧୦ ସୂତ୍ରୀ ଏଜେଣ୍ଡାରେ ସ୍ଥାନୀୟ କ୍ଷମତା ଓ ରଣନୀତି ପ୍ରସ୍ତୁତି ଏବଂ ବିଶେଷ କରି ବିପର୍ଯ୍ୟୟ ବିପତ୍ତି ପରିଚାଳନାରେ ମହିଳାଙ୍କ ନେତୃତ୍ୱ ଉପରେ ଜୋର ଦିଆଯାଇଛି ବୋଲି ଶ୍ରୀ ମିଶ୍ର ସୂଚନା ଦେଇଥିଲେ । ଏହି ଅଧିବେଶନରେ ହୋଇଥିବା ବିଚାରବିମର୍ଶରୁ ଶିକ୍ଷା ଲାଭ କରିବା ଦ୍ୱାରା ପ୍ରଧାନମନ୍ତ୍ରୀଙ୍କ ଦଶ ସୂତ୍ରୀ ଏଜେଣ୍ଡା ଓ ସେଣ୍ଡାଇ ଫ୍ରେମୱର୍କର କାର୍ଯ୍ୟକାରିତା ଦିଗରେ ସହାୟକ ହେବ । ଅଂଶୀଦାରମାନଙ୍କ ଅନୁସରଣ ଲାଗି ଦୁଇଟି ବ୍ୟାପକ ବିଷୟ ସମ୍ପର୍କରେ ଶ୍ରୀ ମିଶ୍ର ପରାମର୍ଶ ଦେଇଥିଲେ । ପ୍ରଥମଟି ହେଉଛି, ରାଜ୍ୟ ଓ ଜିଲ୍ଲା ସ୍ତରରେ ବିପର୍ଯ୍ୟୟ ବିପତ୍ତି ପରିଚାଳନା ବ୍ୟବସ୍ଥାକୁ ପେସାଦାର ସ୍ୱରୂପ ପ୍ରଦାନ କରିବା ଏବଂ ଦ୍ୱିତୀୟରେ, ଜନସାଧାରଣଙ୍କ ଆବଶ୍ୟକତାକୁ ପୂରଣ କରୁଥିବା କାର୍ଯ୍ୟକ୍ରମ ଓ ହସ୍ତକ୍ଷେପ ବିକଶିତ କରିବା । ପ୍ରଥମ ବିଷୟବସ୍ତୁ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ କହିଥିଲେ ଯେ, ଜାତୀୟ, ରାଜ୍ୟ ଏବଂ ଜିଲ୍ଲା ସମେତ ସବୁ ସ୍ତରରେ ବିପର୍ଯ୍ୟୟ ପ୍ରଶମନ ପରିଚାଳନାର ସମସ୍ତ ଦିଗକୁ ପେସାଦାର ପ୍ରଶିକ୍ଷଣ ହାସଲ କରିଥିବା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବା ଉଚିତ୍ । ଏଥିରେ ଉଦ୍ଦେଶ୍ୟ ପୂରଣ କରୁଥିବା ବ୍ୟବସ୍ଥା ରହିବା ଆବଶ୍ୟକ । ଆହୁରି ପ୍ରଶାସନିକ ଭିତ୍ତିଭୂମି, ଆଧୁନିକ କାର୍ଯ୍ୟ ପରିସର ଏବଂ ଜରୁରିକାଳୀନ ଅପରେସନ ସେଣ୍ଟର ଭଳି ଜରୁରି ସୁବିଧା ପ୍ରସ୍ତୁତ କରାଯିବା ଆବଶ୍ୟକ ବୋଲି ଶ୍ରୀ ମିଶ୍ର କହିଥିଲେ । ଏହି ପେସାଦାର ବ୍ୟବସ୍ଥା ଏସଡିଏମଏସ ଏବଂ ଡିଡିଏମଏଗୁଡ଼ିକୁ କଭର କରିବା ଆବଶ୍ୟକ ବୋଲି ସେ କହିଥିଲେ । ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ କହିଥିଲେ ଯେ, ଏନଡିଆରଏଫ ଏବଂ ଏସଡିଆରଏଫ ଭଳି ସଂଗଠନ ମୁଣ୍ଡ ଟେକିବା ପରେ ବିପର୍ଯ୍ୟୟ ମୁକାବିଲା ଯେଭଳି ଭାବେ ପେସାଦାର ହୋଇପାରିଛି ଠିକ ସେହିପରି ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ବିପର୍ଯ୍ୟୟ ପ୍ରଶମନକୁ ପେସାଦାର ସ୍ୱରୂପ ପ୍ରଦାନ କରାଯିବାର ଆବଶ୍ୟକତା ରହିଛି । ଶ୍ରୀ ମିଶ୍ର କହିଥିଲେ ଯେ, ରାଜ୍ୟମାନଙ୍କ ପାଖରେ ଯଥେଷ୍ଟ ସମ୍ବଳ ରହିଛି ଏବଂ ସେମାନଙ୍କୁ ଏନଡିଏମଏ, ଏନଆଇଡିଏମ ଏବଂ ଏନଡିଆରଏଫ ଦ୍ୱାରା ସମନ୍ୱିତ ଢଙ୍ଗରେ ସହାୟତା ଯୋଗାଇ ଦିଆଯିବ । କାର୍ଯ୍ୟକ୍ରମ ବିକାଶ ଉପରେ ଆଧାରିତ ଦ୍ୱିତୀୟ ବିଷୟବସ୍ତୁ ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମିଶ୍ର କହିଥିଲେ ଯେ, ନୀତି ଓ କାର୍ଯ୍ୟକ୍ରମ ବିକଶିତ କରିବା ସମୟରେ ଆମକୁ ବିଭିନ୍ନ କ୍ଷେତ୍ରରେ କାମ କରିବାର ଆବଶ୍ୟକତା ରହିଛି । ଏଥିପାଇଁ ବିପର୍ଯ୍ୟୟ ପ୍ରଶମନ, ପରିବେଶ, ଜଳ ଉତ୍ସ, ଶିକ୍ଷା, ସହରାଞ୍ଚଳ ପ୍ରଶାସନ, କୃଷି ଓ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ମିଳିତ ପ୍ରୟାସ କରିବା ଜରୁରି ବୋଲି ସେ କହିଥିଲେ ।

## ପରିତ୍ୟକ୍ତ ଖାଲରୁ ନର କଙ୍କାଳ ଉଦ୍ଧାର



ବସ୍ତା, ୧୧/୦୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ତାଡଦା ପଞ୍ଚାୟତ ପାଣିଶୁଳିଆ ଗାଁମୁଣ୍ଡରେ ଥିବା ଦୁରୁଣ୍ଡି ଖାଲରୁ ଏକ ପଲିଥିନ ବସ୍ତାରୁ ମଣିଷର ଖପୁରୀ ଏବଂ ହାଡ ଉଦ୍ଧାର କରାଯାଇଛି । ସୂଚନାରୁ ଜଣାପଡିଛି ଏକ ଲୋକକୁ ହତ୍ୟା କରି ଏହି ବସ୍ତାରେ ଭର୍ତ୍ତି କରି ଅପରିତକ୍ତ ଖାଲରେ ଥିବା ଦଳ ଭିତରେ ଭର୍ତ୍ତି କରିଥିବା ଅନୁମାନ କରାଯାଉଛି । ଆଜି ସକାଳେ ଆଦିକନ୍ଦ ଦଳାଇ ନାମକ ଜଣେ ଯୁବକ ଏହି ଖାଲର ଗୋଟିଏ ଅଂଶକୁ ସୁଖାଇ ମାଛ ଧରୁଥିବା ସମୟରେ ଦଳ ତଳୁ ଏକ ଅଖା ଭିତରେ ପଲିଥିନ ବସ୍ତା ପାଇଥିଲେ । ଏହି ବସ୍ତାରେ କଣ ଅଛି ଭାବି ବସ୍ତାଟିକୁ ଉଠାଇବା କ୍ଷଣି ବସ୍ତା ଭିତରୁ ଗୋଟିଏ ମଣିଷ ଖପୁରୀ ଏବଂ ଗୋଟିଏ ହାଡ଼ ଥିବା ଦେଖିବାକୁ ପାଇଥିଲେ । ସେ ଭୟଭୀତ ହୋଇ ଗ୍ରାମବାସୀଙ୍କୁ ଜଣାଇଥିଲେ । ଗ୍ରାମବାସୀ ପହଞ୍ଚି ପୋଲିସ ଏବଂ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ତେବେ ଲୋକଟି ଶରୀରର ସମସ୍ତ ଅଂଶ ପଚି ଯାଇଥିବାରୁ ଅଗ୍ନିଶମ ବାହିନି ଖୋଜାଖୋଜି କରି ଅନ୍ୟ କୌଣସି ସାମଗ୍ରୀ ପାଇନଥିଲେ । ତେବେ ଦେଢବର୍ଷ ତଳେ ଏହି ଗ୍ରାମର ଜଣେ ଯୁବତୀ ନିଖୋଜ ଥିଲେ । ପରିବାର ଲୋକେ ସିଂଲା ଥାନାରେ ଅଭିଯୋଗ କରିଥିଲେ । କିନ୍ତୁ ପୋଲିସ ସେହି ଯୁବତୀର କୌଣସି ଖୋଜ ଖବର ପାଇ ନଥିଲେ । ତେବେ ଆଜି ଏହି କଙ୍କାଳ ମିଳିବା ପରେ ତାହା ସେହି ଯୁବତୀଙ୍କର କଙ୍କାଳ ହୋଇଥାଇ ପାରେ ବୋଲି ପରିବାର ଲୋକେ ଅନୁମାନ କରୁଛନ୍ତି । ପୋଲିସ କଙ୍କାଳକୁ ଉଦ୍ଧାର କରି ଫରେନସିକ ଟେଷ୍ଟ ପାଇଁ ପଠାଇବା ସହିତ ଅଧିକ ତଦନ୍ତ କରୁଛି । ରିପୋର୍ଟ ଆସିବା ପରେ ତାହା ସେହି ଯୁବତୀଙ୍କର ନା ଅନ୍ୟ କୌଣସି ଲୋକର ଜଣାପଡ଼ିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ ।

## ବିନା ଅନୁମତିରେ ଡିଜେ ବଜାଇବାକୁ ପ୍ରଶାସନର କଟକଣା ଜାରି

ଭଦ୍ରକ, ୧୧/୦୩ (ନି.ପ୍ର): ଯେ କୌଣସି ଶୋଭାଯାତ୍ରାରେ ଡ଼ି.ଜେ. ବାଜିବା ଦ୍ୱାରା ତୀବ୍ର ଶବ୍ଦ ପ୍ରଦୂଷଣ ସୃଷ୍ଟି ହେଉଥିବାରୁ ଜନସାଧାରଣଙ୍କ ସାମାଜିକ ଜୀବନରେ ବ୍ୟାଘାତ ହେଉଥିବା ପରିପ୍ରେକ୍ଷୀରେ ଆଇନତଃ ଡ଼ି.ଜେ. ବଜାଇବା ନେଇ ନିଷେଧାଦେଶ ରହିଛି । ମାତ୍ର ଜନସାଧାରଣଙ୍କ ପୂର୍ଣ୍ଣ ସହଯୋଗର ଅଭାବ ସହିତ ବହୁଳ ଜନସମାବେଶରେ ବାଜୁଥିବା ଡ଼ି.ଜେ.କୁ ହଠାତ୍ ବନ୍ଦ କରାଯିବା ନେଇ ସୃଷ୍ଟ ଅପ୍ରିତୀକର ପରିସ୍ଥିତିର ମୁକାବିଲା କରିନପାରିବା ଆଶଙ୍କା ନେଇ ବିଭିନ୍ନ ସମୟରେ ଏହି ଆଇନ୍‌କୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଇ ପାରିନାହିଁ । ବେଳ ହୁଁ ସାବଧାନ ନ୍ୟାୟରେ ଏବେ ଜିଲ୍ଲା ପ୍ରଶାସନ ତରଫରୁ ଡ଼ି.ଜେ. ବଜାଇବା ନେଇ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି । ବିଭିନ୍ନ ଧର୍ମୀୟ ଶୋଭାଯାତ୍ରା , ବରଯାତ୍ରୀ ଶୋଭାଯାତ୍ରା ଆଦିରେ ଜିଲ୍ଲା ପ୍ରଶାସନର ବିନା ଅନୁମତିରେ ଡ଼ି.ଜେ ବଜାଇଲେ ଆଇନାନୁଯାୟୀ ଡ଼ି.ଜେ.ଗାଡ଼ି ଜବତ ସହ ଆଇନ୍ ଖିଲାପକାରୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଉପଜିଲ୍ଲାପାଳ ମନୋଜ ପାତ୍ର ନିର୍ଦ୍ଦେଶନାମା ଜାରିକରିଛନ୍ତି । ଭଦ୍ରକ ପୌରପାଳିକା ଅଞ୍ଚଳରେ ଡ଼ି.ଜେ. ମାଲିକ ଓ ଜନ ସଚେତନତା ପାଇଁ ଡ଼ାକବାଜି ଯନ୍ତ୍ର ଦ୍ୱାରା ଏହା ମଧ୍ୟ ପ୍ରଚାର କରାଯାଇଛି । ଏହି ପରିପ୍ରେକ୍ଷୀରେ ୧୦ ତାରିଖ ଦିନ ଟାଉନ୍‌ଥାନା ପୋଲିସ୍ ପକ୍ଷରୁ ନୂଆବସ୍ଷ୍ଟାଣ୍ଡ ଅଞ୍ଚଳରୁ ବରଯାତ୍ରୀ ଦଳରେ ବିନା ଅନୁମତିରେ ବ୍ୟବହୃତ ଏକ ଡ଼ି.ଜେ ଗାଡ଼ିକୁ ଜବତ କରାଯାଇଥିବା ଟାଉନ୍ ଥାନା ଅଧିକାରୀ ଉମାଶଙ୍କର ନାୟକଙ୍କ ସୂତ୍ରରୁ ପ୍ରକାଶ । ଏଥିପାଇଁ ୩ଜଣଙ୍କ ବିରୁଦ୍ଧରେ ଟାଉନ୍ ଥାନାର ଫାୟାର ୱାର୍କସ୍ ଆଣ୍ଡ ଲାଉଡ଼ର ସ୍ପିକର ଆଇନ୍ ୧୯୫୮ର ବିଭିନ୍ନ ଧାରା ଆଧାରରେ ୧୪୪ ନମ୍ବରରେ କେଶ୍ କରାଯାଇଛି । ସୂଚନାଯୋଗ୍ୟକି ଓଡ଼ିଶା ପ୍ରସିଦ୍ଧ ଭଦ୍ରକ ରାମ ନବମୀ ପାଳନ ଅବସରରେ ଆସନ୍ତା ମାର୍ଚ୍ଚ ୩୦ରେ ଅନୁଷ୍ଠିତ ହେବାକୁ ଥିବା ନଗର ଶୋଭାଯାତ୍ରାରେ ଡ଼ି.ଜେ. ବ୍ୟବହାର କରାଯିବା ନେଇ ଉଭୟ ପ୍ରଶାସନ ଓ କମିଟି ସଦସ୍ୟମାନଙ୍କ ତରଫରୁ ଗତ ୯-୩-୨୩ରେ ରାମନବମୀ ପାଳନ ଉପଲକ୍ଷେ ଆୟୋଜିତ ପ୍ରସ୍ତୁତି ବୈଠକରେ ସହମତି ପ୍ରକାଶ ପାଇଥିଲା ।

# ବିଜେଡି ନେତାମାନେ ସାମ୍ବିଧାନିକ ପଦ ଓ ମର୍ଯ୍ୟାଦାର ଅସମ୍ମାନ କରୁଛନ୍ତି : ବିଜେପି

ଭୁବନେଶ୍ୱର, ୧୧/୦୩ (ନି.ପ୍ର): ଶାଳିନତାର ସମସ୍ତ ସୀମା ଉଲ୍ଲଂଘନ କରିସାରିଛନ୍ତି ବିଜେଡିର ନେତା ଓ ମନ୍ତ୍ରୀ । ପରୀ ହତ୍ୟାକାଣ୍ଡରେ ସଂପୃକ୍ତ ଥିବା ବିଧାୟକ ଅରୁଣ ସାହୁଙ୍କ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କୁ 'ପାଗଳ', 'ମତିଭ୍ରମ' ଭଳି ଅତ୍ୟନ୍ତ କଦର୍ଯ୍ୟ ଭାଷା ବ୍ୟବାହାର କରି ବ୍ୟକ୍ତିଗତ ଆକ୍ଷେପ କରିବା ନିହାତି ଲଜ୍ଜାଜନକ । ଏପରିକି ଅହଂ ଓ କ୍ଷମତାର ନିଶାରେ ବୁଡି ରହିଥିବା ଶାସକ ବିଜେଡିର ନେତାମାନେ ସାମ୍ବିଧାନିକ ପଦ ଓ ମର୍ଯ୍ୟାଦାର ଅସମ୍ମାନ କରିବାକୁ ମଧ ପଛାଇ ନାହାନ୍ତି । ରାଜନୀତିରେ ଏଭଳି ଶବ୍ଦ ଓ ଭାଷାର ବ୍ୟବହାର କରି ଶ୍ରୀ ସାହୁ ସାଢେ ଚାରି କୋଟି ଓଡିଆଙ୍କୁ ଲଜ୍ଜିତ କରିଛନ୍ତି ବୋଲି ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି । ଓଡିଶା ଓ ଓଡିଆଙ୍କ ସ୍ୱାର୍ଥ ପାଇଁ ଲଢେଇ କରୁଥିବା ଲୋକଙ୍କୁ ପାଗଳ ବୋଲି କହି ଶାସକ ବିଜେଡିର ମନ୍ତ୍ରୀ ଓ ନେତାମାନେ କେବଳ ଯେ ନିଜ ହୀନ ମାନସିକତାର ପରିଚୟ ଦେଉନାହାନ୍ତି ବରଂ ତାଙ୍କ ଉପରେ ଥିବା ଦୋଶକୁ ଅନ୍ୟ ମୁଣ୍ଡ ଉପରେ ଲଦି ଦେବାର ପ୍ରୟାସ ମଧ ଜାରୀ ରଖିଛନ୍ତି । ବର୍ତମାନ ରାଜ୍ୟରେ ଦେଖାଯାଇଥିବା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ବିରୋଧୀଙ୍କୁ ଦମନ କରାଯିବାର ଅପଚେଷ୍ଟା, ନବ ଦାସ ହତ୍ୟାକାଣ୍ଡର ସତ୍ୟାସତ୍ୟ ଉନ୍ମୋଚନ, ପକ୍କା ଘର ଆବଂଟନରେ ବ୍ୟାପକ ଦୁର୍ନୀତି ଭଳି ଜନବିରୋଧୀ ପ୍ରସଙ୍ଗରୁ ରାଜ୍ୟବାସୀଙ୍କ ଧାନ ଅନ୍ୟତ୍ର କରିବା ପାଇଁ ଶାସକ ବିଜେଡିର ନେତାମାନେ ଡ୍ରାମାବାଜୀ ଆରମ୍ଭ କରିଦେଇଛନ୍ତି । ସର୍ବଦା ଦୋମୁହାଁ ରାଜନୀତି କରୁଥିବା ବିଜେଡି ସରକାର ମୁଳ ପ୍ରସଙ୍ଗରୁ ଓହରି ଆସି ରାଜ୍ୟବାସୀଙ୍କୁ ଭ୍ରମିତ କରିବା ଅଭ୍ୟାସରେ ପରିଣତ କରିଛନ୍ତି । ଗୋପାଳକୁ ମଧ ପାଗଳ ସଜାଇବାକୁ ରାଜ୍ୟ ସରକାର ଆପ୍ରାଣ ଉଦ୍ୟମ କରିଥିଲେ, ହେଲେ କୋର୍ଟ ଏହାକୁ ଖଣ୍ଡନ କରିଦେଲେ । ନିଜ ଦୋଷ ଦୁର୍ବଳତା ଲୁଚାଇବାକୁ ଯାଇ ଅନ୍ୟକୁ ପାଗଳ ବୋଲି କହୁଥିବା ଶ୍ରୀ ସାହୁଙ୍କ ସମେତ ଅନ୍ୟ ବିଜେଡି ନେତା ଓ ମନ୍ତ୍ରୀମାନେ ପ୍ରଥମେ ନିଜ ଦଳ ଏବଂ ଦଳର ନେତାମାନଙ୍କୁ ଦେଖିବା ଉଚିତ୍ । ସାଧାରଣ ସଭା, ଗାଡି ଭିତରେ ଏବଂ ଅନ୍ୟାନ୍ୟ ସ୍ଥାନମାନଙ୍କରେ ତାଙ୍କ ଦଳର ନେତୃତ୍ୱ ଯେଉଁ ଭଳି ବିକଟ ରୂପ ଦେଖାଉଛନ୍ତି, ତାହା ଗଣମାଧମରେ ପ୍ରକାଶ ପାଇଛି । ପରୀ ନିଖୋଜର ୮ ମାସ ପରେ ପୋଖରୀରୁ ଲେଗିଙ୍ଗସ୍, ଜାମୁ କୋଳି, ପାଇଖାନାରୁ ଚିଠି ଭଳି ଗପମାନ କହି ସରଳ ଓଡିଶାବାସୀଙ୍କୁ ଭୁଆଁ ବୁଲାଉଥିବା ଲୋକମାନଙ୍କୁ ପାଗଳ ଛଡା ଆଉ କିଛି କୁହାଯାଇପାରିବ ନାହିଁ । ତେଣୁ ପାଗଳ ପ୍ରସଙ୍ଗରେ ବିଜେଡି ଆତ୍ମସମୀକ୍ଷା କରିବା ଉଚିତ୍ ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ପାଳିତ ହେଲା ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ




ବାଲେଶ୍ୱର, ୧୧/୦୩ (ନି.ପ୍ର): ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ମାର୍ଚ୍ଚ ୧୧ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସକୁ ପାଳନ କରାଯାଇଛି । ଆଜି ଅପରାହ୍ନ ୪ଘଟିକାରେ ସହରସ୍ଥ ଅଙ୍ଗାରଗଡ଼ିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟାଜିତ ଉତ୍ସବରେ ଉତ୍କଳସମ୍ମିଳନୀ ଜିଲ୍ଲା ଶାଖାର ଉପସଭାପତି ନିରଞ୍ଜନ ରାଉତ ସଭାପତିତ୍ୱ କରିଥିଲେ । ଅନ୍ୟତମ ଉପସଭାପତି ଡ. କ୍ଷିତୀଶ୍ୱର ଦାଶ, ବିଶିଷ୍ଟ ଲେଖକ ଡ. ରମାକାନ୍ତ ବେହେରା, ଡ. ମଥୁରାନାଥ ହୋତା ଯୋଗଦେଇ ୨୫୦୦ ବର୍ଷର ପୁରାତନ ଓଡ଼ିଆଭାଷାର ବୈଭବର ବିବିଧ ଦିଗ ସମ୍ପର୍କରେ ଆଲୋକପାତ କରିଥିଲାବେଳେ ଶାଖାର ସମ୍ପାଦକ କବି କାଳୀପଦ ପଣ୍ଡା ଏହି ଗୌରବାବହ ଦିବସକୁ ରାଜ୍ୟସରକାର ଗୌରବ ଦିବସ ରୂପେ ପାଳନ କରିବାର ନିଷ୍ପତ୍ତି ନେବା ସହ ଭାଷା କବିଶନ ଓ ସୀମା ସୁରକ୍ଷା କମିଶନ ଗଠନ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରାରମ୍ଭରେ ଫକୀରମୋହନ, ମଧୁସୂଦନ ଓ ରାଧାନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । କବି କଲ୍ୟାଣୀ ନନ୍ଦ, ସୁସ୍ମିତା ପଣ୍ଡା, ବାସନ୍ତୀ ଦେ, ଚିନ୍ମୟୀ ପ୍ରିୟ ଦର୍ଶିନୀ ମିଶ୍ର, ତୃପ୍ତିରାଣୀ ମିଶ୍ର ସମବେତ ବନ୍ଦେଉତ୍କଳ ଜନନୀ ଗାନ କରିଥିଲାବେଳେ ଶିଶୁମନ୍ଦିରର ସଭାପତି ଇଂ ରଣଜିତ ଦେ ସ୍ୱାଗତ ଭାଷଣ ଓ ଶିଶୁ ମନ୍ଦିରର ସମ୍ପାଦକ ଜଗନ୍ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ଅକ୍ଷୟ ଚନ୍ଦ୍ର ମିଶ୍ର, ସୁଧାଂଶୁ ଶେଖର ଭୂୟାଁ, ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର, କଞ୍ଚମଣି ସ୍ୱାଇଁ, ବାସନ୍ତୀ ଦେ, ଯଦୁନାଥ ସାହୁ, ଶୁଭେନ୍ଦୁ କୁମାର ରାୟ, ଗୌରାଙ୍ଗ ପାଣିଗ୍ରାହୀ, ନିରଞ୍ଜନ ପରିଡ଼ା, ରବିକୁମାର ପାଣିଗ୍ରାହୀ, ଦେବାଶିଷ ସିଂହ, ତୃପ୍ତିରାଣୀ ପାତ୍ର, ଡ. କେଶବ ରେଣ ପଣ୍ଡା, ସୀତାରାମ ପ୍ରଧାନ, ବ୍ରହ୍ମାନନ୍ଦ ଦାସ, ଡ. ରତ୍ନାକର ସିଂହ, ସରସ୍ୱତୀ ପଣ୍ଡା, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ସଂଯୁକ୍ତା ବେହେରା, ରୀତାଞ୍ଜଳି ପଣ୍ଡା, ରୀତା ଦାଶ ପ୍ରମୁଖ ଯୋଗଦେଇଥିଲେ ।

## ଆଇନ୍‌ସେବା ପ୍ରାଧିକରଣ ତରଫରୁ ଆର୍ନ୍ତଜାତୀୟ ମହିଳା ଦିବସ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୧୧/୦୩ (ନି.ପ୍ର): ଆର୍ନ୍ତଜାତୀୟ ମହିଳା ଦିବସ ଅବସରରେ ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ନଳାଙ୍ଗ ଜିଲ୍ଲା କୋର୍ଟ ପରିସରରେ ଏକ ଆଇନ୍ ସଚେତନତା ସମ୍ବନ୍ଧୀୟ ଏକ ପଥପ୍ରାନ୍ତ ମହିଳା ପାଲା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧକ୍ଷତାରେ ମହିଳା ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମକୁ ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ନେହା ଅଗ୍ରୱାଲ ପରିଚାଳନା କରିଥିଲେ । ଶିଶୁ ଚାଲାଣ ଉଚ୍ଛେଦ ସମ୍ବନ୍ଧୀୟ ଏକ ନାଟକ ପି.ଏଲ.ଭି.ମାନଙ୍କ ଦ୍ୱାରା ଅଭିନୀତ ହୋଇ ବେଶ ଆଦୃତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜଜ୍‌କୋର୍ଟର ସମସ୍ତ ବିଚାରପତି, ଆଇନ୍‌ସେବା ପ୍ରାଧିକରଣର ପ୍ୟାନେଲ ଆଡ୍‌ଭୋକେଟ୍ , ପି.ଏଲ୍.ଭି ତଥା ଭଦ୍ରକ ଜିଲ୍ଲା ଚିକିତ୍ସାଳୟର ଡ଼ାକ୍ତର ବୃନ୍ଦ ଯୋଗ ଦେଇ କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ ।

## କୁଡୁମୀ ସେନାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ




ବାରିପଦା, ୧୧/୦୩ (ନି.ପ୍ର): ବାରିପଦା ଠାରେ କୁଡୁମୀ ସେନାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଯାଇଅଛି ।କୁଡୁମୀ ସେନା ପ୍ରତିଷ୍ଠାତା ତଥା ରାଜ୍ୟ ସଭାପତି ଜୈମୁନୀ ମହାନ୍ତ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ସଭାପତି ଡମ୍ବରୁଧର ମହାନ୍ତ, ମହିଳା ସେନା ସଭାପତି ସୁଜାତା ମହାନ୍ତ, ଜିଲ୍ଲା କାର୍ଯକାରୀ ସଭାପତି ସାଇରାମ ମହାନ୍ତ, ଉପେନ୍ଦ୍ର ମହାନ୍ତ, ବଳଭଦ୍ର ମହାନ୍ତ ଯୁବ ସେନା ର ବରୁଣ ମହାନ୍ତ, ଗୌତମ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ । ଏହି ସଭାରେ କୁଡୁମୀ ସେନା ର ଆଗାମୀ କାର୍ଯ୍ୟପନ୍ଥା ବିଷୟ ରେ ଆଲୋଚନା ହୋଇଥିଲା । କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ପୁନଃ ସାମିଲ କରିବା ଦାବିରେ ବିଗତ ଏକ ଦଶନ୍ଧି ରୁ ଉର୍ଦ୍ଧ୍ୱ ସମୟ ଧରି କୁଡୁମୀ ସେନା ପକ୍ଷରୁ ଆନ୍ଦୋଳନ ଜାରୀ ରହିଛି । ଦାବୀ ହାସଲ କରିବା ପାଇଁ ଆମେ କ୍ରମାଗତ ଭାବେ ବିଭିନ୍ନ ପ୍ରକାର ର ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ହାତକୁ ନେଇ ଆସୁଛୁ । ତେଣୁ ଆଜିକାର ଏହି ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରେ କେନ୍ଦ୍ର ସରକାରଙ୍କୁ ମୁଖ୍ୟମନ୍ତ୍ରୀ ଙ୍କ ସୁପାରିସ ପତ୍ର ଦାବି ରେ ମାର୍ଚ୍ଚ ୨୧ ତାରିଖ ସକାଳ ୬ ରୁ ଅପରାହ୍ନ ୧୨ ପର୍ଯ୍ୟନ୍ତ ସମଗ୍ର ମୟୂରଭଞ୍ଜ ଜିଲ୍ଲା ରେ ୬ ଘଣ୍ଟିଆ ହରତାଳ କରିବା ପାଇଁ କୁଡୁମୀ ସେନା ପକ୍ଷ ରୁ ନିଷ୍ପତି ନିଆ ଯାଇଛି ବୋଲି କୁଡୁମୀ ସେନା ପ୍ରତିଷ୍ଠାତା ତଥା ରାଜ୍ୟ ସଭାପତି ଜୈମୁନି କୁମାର ମହାନ୍ତ ଘୋଷଣା କରିଛନ୍ତି । ଅନ୍ୟ ମାନଙ୍କ ମଧରେ ସ୍ନେହାସିଶ, ହିରାଲାଲ, ବିରେନ୍ଦ୍ର, ବିବେକ, ଅଷ୍ଟମୀ, କାର୍ମୀ, ଅଞ୍ଜନା, ଲିଟୁ, ସ୍ୱରସତି, ଅଞ୍ଜଳି, ମନୋଗୋବିନ୍ଦ, ବାବୁ, ବୁଲୁ, ସଞ୍ଜୟ, ସୁନିତା, ଘନ, ଶିବାଜୀ, ରଞ୍ଜନ, ଜଗଦୀଶ ପ୍ରମୁଖ ଯୋଗ ଦେଇଥିଲେ ।

## ୱାନଷ୍ଟପ ସେଣ୍ଟର ପକ୍ଷରୁ ବିଶ୍ୱ ମହିଳା ଦିବସ

ବାଲେଶ୍ୱର, ୧୧/୦୩ (ନି.ପ୍ର): ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ୱାନଷ୍ଟପ ସେଣ୍ଟର 'ସଖୀ' ପକ୍ଷରୁ ସହରର ବିଭିନ୍ନ ସପିଙ୍ଗ ମଲରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ 'ସଖୀ' ର ପ୍ରଶାସିକା ମିନତୀ ପାତ୍ର ସାମ୍ପ୍ରତିକ ସମାଜରେ ଘଟୁଥିବା ନାରୀ ନିର୍ଯାତନା ଭିତ୍ତିକ ଘଟଣା ଉପରେ ଆଲୋକପାତ କରିଥିଲେ । ବିଶେଷ କରି ଦୁଷ୍କର୍ମ, ଅପହରଣ, ଘରୋଇ ହିଂସା, ଏସିଡ଼ ଆକ୍ରମଣ, ସାଇବର ଅପରାଧ, ଯୌନ ନିର୍ଯାତନା, ଲିଙ୍ଗଗତ ଭେଦଭାବ ପ୍ରଭୃତିର ମୂଳ ଉତ୍ପାଟନ ପାଇଁ ସବୁ ମହଲରୁ ଉଦ୍ୟମ ପାଇଁ ସେ ପରାମର୍ଶ ଦେଇଥିଲେ । ଏହି ଅବସରରେ ସପିଙ୍ଗ ମଲରେ କାର୍ଯ୍ୟରତ ମହିଳା କର୍ମଚାରୀ ଓ ମହିଳା ଗ୍ରାହକଙ୍କୁ ନେଇ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୁଇଜ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ 'ସଖୀ'ର ନିର୍ଦ୍ଦେଶକ କୋପାଳକୃଷ୍ଣ କର, କାର୍ଯ୍ୟକ୍ରମ ପରିଚାଳକ ବାମଦେବ ପାଣିଗ୍ରାହୀ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କାଉନସେଲର ଅନୁରାଧା ଧୁଙ୍ଗିଆ, ଗାୟତ୍ରୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

## ଭାରତୀୟ ସଂସ୍କୃତିର ନବ ବର୍ଷରେ ଶ୍ରୀଜଗନ୍ନାଥଙ୍କ ନେତ ଉଡ଼ିବ

ଭଦ୍ରକ, ୧୧/୦୩ (ନି.ପ୍ର): ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଏକ ବୈଠକ ଭଦ୍ରକ ବାଲଗୋପାଳ ମନ୍ଦିର ସମ୍ମିଳନୀ କକ୍ଷରେ ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗିରଥି ନନ୍ଦଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଦୀର୍ଘ ୨୨ ବର୍ଷ ଧରି ଶାସକୀୟ ନବବର୍ଷ ଜାନୁଆରୀ ପହିଲାରେ ସମିତିର ଜନ୍ମ ସ୍ୱନକ୍ଷତ୍ର ଉତ୍ସବ ଓ ବାର୍ଷିକ ନେତ ଉଡ଼ାଣ ଉତ୍ସବ ସମାହିତ ହୋଇ ଆସୁଥିଲା । ଚଳିତ ବର୍ଷ ମଧ ସ୍ୱନକ୍ଷତ୍ର ସମାରୋହ ତିହିଡ଼ି ବ୍ଲକ ଆରୁହା ଶ୍ରୀଜଗନ୍ନାଥ ମନ୍ଦିରରେ ହୋଇ ଯାଇଛି । ଶ୍ରୀଜଗନ୍ନାଥଙ୍କ ବହୁ ସେବକଙ୍କ ଅନୁରୋଧ କ୍ରମେ ବାର୍ଷିକ ସମାରୋହ ଓ ନେତ ଉଡ଼ାଣ ଉତ୍ସବ ଓଡ଼ିଆ ନବବର୍ଷ ଏପ୍ରିଲ ୧୪ ପଣା ସଂକ୍ରାନ୍ତିରେ ଭଦ୍ରକ ବ୍ଲକ ବ୍ରହ୍ମପୁର ଗ୍ରାମପଞ୍ଚାୟତ କୁଣ୍ଡିବାଗ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ପାଳନ କରାଯିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା । ଏଥି ସହିତ ସମିତିର ମୁଖପତ୍ର 'ନୀଳକନ୍ଦର'ର ଲୋକର୍ପଣ କରାଯିବାକୁ ସ୍ଥିର କରାଯାଇଛି । ବୈଠକରେ ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ ସମିତିର ଅନ୍ୟତମ ସଦସ୍ୟ ରାଜକିଶୋର ପଣ୍ଡାଙ୍କ ବିୟୋଗ ଜନିତ ଶୋକ ପ୍ରସ୍ତାବ କ୍ରମେ ନୀରବ ପ୍ରାର୍ଥନା କରାଯାଇଥିଲା । ବୈଠକରେ ନାରାୟଣ ଚନ୍ଦ୍ର ପ୍ରଧାନ, ଶନେଇ ଶିଅଳ, ପ୍ରଶାନ୍ତ କୁମାର ଦେ, ବରିଷ୍ଠ ଉପଦେଷ୍ଟା ପଦ୍ମଲୋଚନ ମହାପାତ୍ର, ଲକ୍ଷ୍ମୀଧର ଖଟୁଆ ପ୍ରମୁଖ ସେବକ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

## ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ




ବାଲେଶ୍ୱର, ୧୧/୦୩ (ନି.ପ୍ର): କଳା ଓ ସଂସ୍କୃତିର ଅନ୍ୟତମ ପ୍ରମୁଖ ଅନୁଷ୍ଠାନ ନାଚ୍ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ସହଦେବଖୁଣ୍ଟା ସ୍ଥିତ ଅନୁଷ୍ଠାନର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରେବତୀ ପତ୍ରିକାର ସମ୍ପାଦିକା ତଥା ସମାଜସେବୀ ସୁବାସିନୀ ଜେନା ପରିବାର ଓ ସମାଜ ଗଠନରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥିଭାବେ ପୌରପାଳିକାର ଅଧକ୍ଷା ସବିତା ସାହୁ ସମାଜରେ ମହିଳା କୌଣସି କ୍ଷେତ୍ରରେ ଆଜି ପଛରେ ପଡ଼ିନାହାନ୍ତି ବୋଲି କହିବା ସହ ନାଚ ପକ୍ଷରୁ ମହିଳାଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ନିମନ୍ତେ ଅନୁଷ୍ଠାନକୁ ସାଧୁବାଦ୍ ଜ୍ଞାପନ କରିଥିଲେ । ଚନ୍ଦ୍ରଭାଗାର ମୁଖ୍ୟ କବି ଶ୍ରୀଦେବଙ୍କ ସଂଯୋଜନାରେ ମୁଖ୍ୟବକ୍ତା ଭାବେ ପ୍ରତିଭାଶ୍ରୀ ମୁଖ୍ୟ କବି ପ୍ରଶାନ୍ତ ଦାସ ଯୋଗଦେଇ ପୁରୁଷ ଓ ମହିଳାଙ୍କ ମଧରେ ଏକ ତୁଳନାତ୍ମକ ଦୃଷ୍ଟାନ୍ତ ରଖି ମହିଳାଙ୍କ କାର୍ଯ୍ୟ, ପରିବାର ଓ ସନ୍ତାନ ରକ୍ଷା ଆଦିରେ ଭୂମିକା ଅତୁଳନୀୟ ବୋଲି କହିଥିଲେ । ଏହି ଅବସରରେ ବିଶିଷ୍ଟ ଜଉ କଣ୍ଢେଇ ଶିଳ୍ପୀ କନକଲତା ଦାସ, ସାମ୍ବାଦିକା କବିତା ପାତ୍ର ଓ ଅଭିନେତ୍ରୀ ତଥା ନାଟ୍ୟ ନିର୍ଦ୍ଦେଶିକା ସସ୍ମିତା ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦକ ଅରୁଣାନଂସୁ ପାଣିଗ୍ରାହୀ, ସଭାପତି ତଥା ନୃତ୍ୟାଙ୍ଗନା ରୋନାଲିସା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରେ ମହିଳାଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## ଶିମିଳିପାଳ ସୁରକ୍ଷା ଦାବିରେ ଜିଲ୍ଲାପାଳଙ୍କ ଅଫିସ ଘେରିଲା ଭଂଜସେନା




ବାରିପଦା, ୧୧/୦୩ (ନି.ପ୍ର): ଶିମିଳିପାଳ ସୁରକ୍ଷା, ଶିମିଳିପାଳ ବିରୋଧୀ ବନ ଅଧିକାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ବନାଗ୍ନୀକୁ ଆୟତ କରିବା ଏବଂ ଗ୍ରାମାଂଚଳ ଲୋକଙ୍କୁ ପାଣି ଯୋଗାଇଦେବା ଦାବୀରେ ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ଆଜି ଭଂଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନ କ୍ରମେ ମୟୁରଭଂଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଓ ସହିତ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ଭଂଜସେନା ନେତୃମଣ୍ଡଳୀ ମାନେ ଉକ୍ତ ଦୁଇଗୋଟି ଦାବିକୁ ସମାଧାନ କରିବା ପାଇଁ ଯଦି ସରକାର କୌଣସି ଠୋସ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ମୟୁରଭଂଜ ବନ୍ଦ ଡାକରା ଦିଆଯିବ ବୋଲି କହିଛନ୍ତି । ଭଂଜସେନା ଜିଲ୍ଲା ସଭାପତି ପିଂଟୁ ମାଇତିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଂଜସେନାର କାର୍ଯ୍ୟକାରୀ ଅଧକ୍ଷ ସଂଜୀବ ରାଉତ, ଶୃଙ୍ଖଳା କମିଟି ଅଧକ୍ଷ ସତ୍ୟ ସ୍ୱରୂପ ଦାଶ, ଉପାଧକ୍ଷ ନିମାଇଁ ତ୍ରିପାଠୀ, ଓବିସି ଶାଖା ସଭାପତି ରାକେଶ ବେହେରା, ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, କପ୍ତିପଦା ଉପଖଣ୍ଡ ସଭାପତି ରବିନ ମହାନ୍ତି, ଜିଲ୍ଲା ଉପସଭାପତି ରାକେଶ ମହାନ୍ତି ଓ ପ୍ରଶାନ୍ତ ମହାକୁଡ଼, ଜିଲ୍ଲା ଯୁବଛାତ୍ର ସଂଯୋଜକ ଏସ.କେ ରାଜାଖାନ, ବାରିପଦା ଉପଖଣ୍ଡ ସଭାପତି ଜ୍ୟୋତିରଂଜନ ପୃଷ୍ଟି, ବାରିପଦା ଉପଖଣ୍ଡ ଉପସଭାପତି ବୀରେନ୍ଦ୍ର ନାଥ, କପ୍ତିପଦା ଉପଖଣ୍ଡ ଆଦିବାସୀ ଶାଖା ସଭାପତି ସଂମ୍ପୂର୍ଣ୍ଣ ହେମ୍ବ୍ରମ, ସାଧାରଣ ସମ୍ପାଦକ ସଂଜୟ ହାଁସଦା, ମୋରଡା ବ୍ଲକ ସଭାପତି ପାରିତୋଷ ବାରିକ, ବାରିପଦା ସହର ସାଧାରଣ ସମ୍ପାଦକ ଅମିତ କୁମାର ଙ୍କ ସମେତ ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ ।

## ସମାଲଖାରେ ଐତିହାସିକ ପ୍ରଦର୍ଶନୀର ଶୁଭାରମ୍ଭ କଲେ ଭେୟାଜୀ ଯୋଶୀ

ପାନିପତ, ୧୧/୦୩ (ନି.ପ୍ର): ହରିୟାଣାର ପାନିପତ ଜିଲ୍ଲାର ସମାଲଖାର ପଟ୍ଟିକଲ୍ୟାଣ ସ୍ଥିତ ସେବା ସାଧନା ଏବଂ ଗ୍ରାମ ବିକାଶ କେନ୍ଦ୍ର ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ପ୍ରତିନିଧି ସଭାର ତିନି ଦିବସୀୟ ବୈଠକ ରବିବାର ଆରମ୍ଭ ହେବାକୁ ଯାଉଛି । ବୈଠକ ପରିସରରେ ଶନିବାର ସଂଘର ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ଯୋଶୀ ଉପାକ୍ଷ ଭେୟାଜୀ ଯୋଶୀ ଐତିହାସିକ ଏବଂ ଧାର୍ମିକ ପ୍ରଦର୍ଶନୀର ଶୁଭାରମ୍ଭ କରିଛନ୍ତି । ଭେୟାଜୀ ଯୋଶୀ କହିଛନ୍ତି ଯେ, ଏହି ପ୍ରଦର୍ଶନୀ ଐତିହାସିକ ଦସ୍ତାବିଜ୍ କୁ ଧାରଣ କରିଛି । ଯାହା ଆଗାମୀ ପିଢ଼ି ପାଇଁ ପ୍ରେରଣା ହେବ । ଏହି ପ୍ରଦର୍ଶନୀ ଆମର ଆଗାମୀ ଯୁବ ପିଢ଼ିକୁ ନିଜର ଐତିହାସିକ, ଧାର୍ମିକ ସ୍ଥଳ ଏବଂ ଇତିହାସ ବିଷୟରେ ସୂଚନା ଦେବା ସହ ଜୀବନ ନିର୍ମାଣରେ ସହାୟକ ହେବ ।

## ଶାନ୍ତିକାନନରେ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ

### ଡା. ଯୋଗେଶ ପ୍ରସାଦ ପାଣିଗ୍ରାହୀଙ୍କ ଗଳ୍ପ ସଂକଳନ 'ଶେଷସ୍ୱପ୍ନ' ଉନ୍ମୋଚନ



ବାଲେଶ୍ୱର, ୧୧/୦୩ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଓ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ମିଳିତ ଆନୁକୂଲ୍ୟରେ ଶାନ୍ତିକାନନଠାରେ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ ହେବା ସହିତ ଡା. ଯୋଗେଶ ପ୍ରସାଦ ପାଣିଗ୍ରାହୀଙ୍କ ଗଳ୍ପସଂକଳନ 'ଶେଷସ୍ୱପ୍ନ' ଲୋକାର୍ପିତ ହୋଇଯାଇଛି । ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ସଭାପତି ଡ. ହରିଶ୍ଚନ୍ଦ୍ର ବେହେରା ଓ ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ଓଡ଼ିଆ ଭାଷା ସଂପର୍କରେ ବକ୍ତବ୍ୟ ରଖିଥିଲେ । ଭାଷାର ସେନାପତି ଫକୀରମୋହନ ଓ କର୍ମବୀର ଗୌରୀଶଙ୍କର ରାୟଙ୍କ ସମେତ ଓଡ଼ିଶାର ବହୁ ବରପୁତ୍ର ଓଡ଼ିଆ ଭାଷାର ସ୍ଥିତିକୁ ସୁଦୃଢ଼ କରିବାରେ ଯେଉଁ ଭୂମିକା ଗ୍ରହଣ କରିଛନ୍ତି ତାହା ଏ ଜାତି ପାଇଁ ଚିରକାଳ ଅବିସ୍ମରଣୀୟ ହୋଇ ରହିବ ବୋଲି ମତପ୍ରକାଶ କରିଥିଲେ । ଆଜିର ଯୁବପିଢ଼ି ଓଡ଼ିଆ ଭାଷାକୁ ବିଶ୍ୱ ଦରବାରେ ପ୍ରତିଷ୍ଠିତ କରିବା ଦିଗରେ ଗୁରୁଦାୟିତ୍ୱ ନେବାକୁ ବକ୍ତାମାନେ ଆହ୍ୱାନ କରିଥିଲେ । ବିଶିଷ୍ଟ ପ୍ରାବନ୍ଧିକ ଡ. ମଥୁରାନାଥ ହୋତା ଓ ଗାଳ୍ପିକ ନିବାରଣ ଜେନା ପୁସ୍ତକ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ଲେଖକଙ୍କର ପ୍ରତ୍ୟେକଟି ଗଳ୍ପ ବେଶ୍ ସଫଳ ହୋଇପାରିଛି ବୋଲି ମତ ରଖିଥିଲେ । ଲେଖକ ଡା. ପାଣିଗ୍ରାହୀ ଲେଖକୀୟ ବକ୍ତବ୍ୟ ରଖିଥିବାବେଳେ ପରିଷର ସଂପାଦକ ଦୀପକ ବୋଷ ପ୍ରାକ୍‌କଥା ରଖିଥିଲେ । ପୁସ୍ତକର ପ୍ରକାଶକ ସନ୍ତୋଷ କୁମାର ବାରିକ ପ୍ରକାଶକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ । ପରିଷଦର ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚଆହ୍ୱାନ କରିଥିଲେ ଓ ଅନ୍ୟତମ ଯୁଗ୍ମ ସଂପାଦକ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଶତାଧିକ ସାହିତ୍ୟିକ, ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀ ଉପସ୍ଥିତ ଥିଲେ ।

## ବିଦ୍ୟୁତ ସର୍ଟସର୍କିଟରେ ଜଳିଗଲା ଘର : ୯ ପରିବାରର ୧୭ ବଖରା ଘର ଭସ୍ମୀଭୂତ



ବସ୍ତା, ୧୧/୦୩ (ନି.ପ୍ର): ଲାଗି ଜଳିଗଲା ୯ ପରିବାର ର ୧୭ ବଖରା ଘର । ୧୦ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ର ସମ୍ପତ୍ତି ପୋଡି ପାଉଁଶ , ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ବିଦ୍ୟାଧର ପୁର ଗ୍ରାମରେ ଘଟିଛି ଅଭାବନୀୟ ଘଟଣା । ଆଜି ଅପରାହ୍ନରେ ସେଖ କମର ଓ ସେଖ ଫାୟାଜୁଲ ହକ୍‌ଙ୍କ ଘରେ ହଠାତ ଅଗ୍ନିକାଣ୍ଡ ଘଟିଥିଲା । ଫଳରେ ଏହି ଦୁଇ ଭାଇଙ୍କ ୯ ଜଣ ପୁଅ ମନୱାର ହକ୍, ଅନୱାରା ହକ୍, ଆର୍ସାଦ ହକ୍,ରିୟାଜୁଲ ହକ୍,ମିରାଜୁଲ ହକ୍,ସିରାଜୁଲ ହକ୍, ମହମ୍ମଦ ହକ୍, ଫାୟାଜୁଲ ହକ୍, ଇଜାଜୁଲ ହକ୍ ପୃଥକ ପୃଥକ ଭାବେ ୧୭ ଟି ବଖରା ରେ ରହୁଥିଲେ । ଏହି ୯ ପରିବାରର ୧୭ ବଖରା ଘରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳିବା ଆରମ୍ଭ କରିଥିଲା । ସ୍ଥାନୀୟ ଲୋକେ ନିଆଁ କୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିବା ସହିତ ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ପହଞ୍ଚିଥିଲେ ମଧ୍ୟ ଘର ଗୁଡିକ ସମ୍ପୂର୍ଣ୍ଣ ଜଳି ଭସ୍ମୀଭୂତ ହୋଇ ଯାଇ ଥିଲା । ତେବେ ବିଦ୍ୟୁତ ସର୍ଟ ସର୍କିଟରୁ ଏଭଳି ନିଆଁ ଲାଗି ଥିବା ସନ୍ଦେହ କରାଯାଉଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo